

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୩ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 13 NOVEMBER 2022

Vol.No. 33 ■ No. 294 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମହାମହିମଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଲେ ପଶ୍ଚିମବଙ୍ଗ ମନ୍ତ୍ରୀ ଅଖିଲ ଗିରି : ସାରା ଦେଶରେ ବିରୋଧ

ଭୁବନେଶ୍ୱର, ୧୨/୧୧ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କରେ ପଶ୍ଚିମବଙ୍ଗର କ୍ୟାବିନେଟ୍ ମନ୍ତ୍ରୀଙ୍କ ବିବାଦୀୟ ବୟାନ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସାରା ଦେଶରେ ଝଡ ସୃଷ୍ଟି ହୋଇଛି । ମହାମହିମଙ୍କ ସମ୍ପର୍କରେ ମମତାଙ୍କ ମନ୍ତ୍ରୀଙ୍କ ଏଭଳି ବୟାନକୁ କେହି ସହଜରେ ଗ୍ରହଣ କର ପାରିନାହାନ୍ତି । କୋଲକାତାରୁ ଭୁବନେଶ୍ୱର ସବୁଠି ଦେଖିବାକୁ ମିଳିଛି ପ୍ରତିବାଦ ।ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି ପ୍ରତିବାଦ । ମମତା ବାନାର୍ଜୀ ଓ ମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିବା ସହ ବିକ୍ଷୋଭ କରିଛନ୍ତି ବିଜେପି କର୍ମୀ । କୁଶପୁତଳିକା ମଧ୍ୟ ଦାହ କରିଛନ୍ତି । ମମତା ବାନାର୍ଜୀ



ସର୍ବସମ୍ମୁଖରେ କ୍ଷମାମାଗନ୍ତୁ ଓ ରାଷ୍ଟ୍ରପତିଙ୍କ ସମ୍ପର୍କରେ ଆପତିଜନକ ଟିପଣୀ ଦେଇଥିବା ମନ୍ତ୍ରୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ବିଜେପି ନେତା ଓ କର୍ମୀ । ମନ୍ତ୍ରୀ ଅଖିଲ ଗିରିଙ୍କ ବିରୋଧରେ ନନ୍ଦିଗ୍ରାମ ଥାନାରେ ପଶ୍ଚିମବଙ୍ଗ ବିଜେପି ପକ୍ଷରୁ ଏତଲା ମଧ୍ୟ ଦିଆଯାଇଛି । ଏହି ପ୍ରସଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦେଶର ପ୍ରଥମ ନାଗରିକଙ୍କୁ ନେଇ ଆପତିଜନକ ଟିପଣୀ ଦେଇଥିବା ମମତାଙ୍କ ମନ୍ତ୍ରୀଙ୍କ ବିରୋଧରେ

▶▶ପୃଷ୍ଠା ୭

## ଏଏସଓ ପଦବୀ ଚୟନରେ ଦୁର୍ନୀତି ଅଭିଯୋଗ: ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ଅଭିଯୋଗରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଆଶାୟୀ

ଭୁବନେଶ୍ୱର, ୧୨/୧୧ (ନି.ପ୍ର): ଏଏସଓ ପରୀକ୍ଷାରେ ଅନିୟମିତତା ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଆଶାୟୀ । ବିଶେଷ କରି ଚୟନ ପ୍ରକ୍ରିୟାରେ ତ୍ରୁଟି ହୋଇଥିବା ଦର୍ଶାଇ ଏକାଧିକ ମାମଲା ଦାୟର କରିଛନ୍ତି ଅସନ୍ତୁଷ୍ଟ ପରୀକ୍ଷାର୍ଥୀ । ମିଳିଥିବା ସୂଚନା ଅନୁସାରେ କୋର୍ଟ ମାମଲାକୁ ଗ୍ରହଣ କରିଥିବାବେଳେ ସୋମବାର ଏହାର ଶୁଣାଣି କରିପାରନ୍ତି । ଚୟନରେ ଅସନ୍ତୁଷ୍ଟ ପରୀକ୍ଷାର୍ଥୀ ଓପିଏସସି କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ । କମିଶନ ସେମାନଙ୍କ ସହିତ ଆଲୋଚନା କରିବା ପରେ ଏକ ବିଜ୍ଞପ୍ତି ଜାରି କରି କୌଣସି ଅନିୟମିତତା ହୋଇନଥିବା ସ୍ପଷ୍ଟ କରିଥିଲେ । ତଥାପି ଓପିଏସସି ବିରୋଧରେ ୫ରୁ ଅଧିକ ମାମଲା ହାଇକୋର୍ଟରେ ଦାୟର କରାଯାଇଥିବା ଜଣାପଡିଛି । ସବଜେକ୍ଟ ୱାଇଜ୍ କ୍ୱାଲିଫାଇଂ ମାର୍କ ସମ୍ପର୍କରେ ଆଗୁଆ ସୂଚନା ଦିଆଯାଇନଥିବା ଅଭିଯୋଗ କରିଛନ୍ତି ଏଏସଓ ଆଶାୟୀ । ଏପରିକି କଟ୍ଅଫ ମାର୍କ ସମ୍ପର୍କରେ କାହିଁକି ବର୍ତ୍ତମାନ ସୁଦ୍ଧା ସୂଚନା ଦିଆଯାଇନାହିଁ ବୋଲି ପ୍ରଶ୍ନ କରୁଛନ୍ତି । ଜାନୁଆରୀରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଆଧାରରେ ପ୍ରାୟ ୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ଆବେଦନ କରିଥିଲେ । ହେଲେ ଓପିଏସସି ପକ୍ଷରୁ କୁହାଯାଇଛି ଯେ, ଫେବ୍ରୁଆରୀ ୧୬ ତାରିଖରେ ଏକ ସାନି ବିଜ୍ଞପ୍ତି ଜାରି କରାଯାଇଥିଲା । ଏଥିରେ କ୍ରାଇଟେରିଆରେ ପରିବର୍ତନ କରି ସବଜେକ୍ଟ ୱାଇଜ୍ ଓ ଏଗ୍ରିଗେଟ୍ କଟ-ଅଫ ମାର୍କ ସ୍ଥିର କରାଯାଇଥିଲା । ଏବେ କୁହାଯାଉଛି ପ୍ରୋଫିସିଏନ୍ସି ଟେଷ୍ଟ ପରେ ପରୀକ୍ଷାର୍ଥୀଙ୍କୁ ସେମାନେ ରଖିଥିବା ମାର୍କ ବିଷୟରେ ସ୍ପଷ୍ଟ କରିଦିଆଯିବ । ଓପିଏସସିର ସ୍ପଷ୍ଟିକରଣ ପରେ ମଧ୍ୟ ଆସିଷ୍ଟାଂଟ ସେକ୍ସନ୍ ଅଫିସର ବା ଏଏସଓ'ର ଲିଖିତ ପରୀକ୍ଷା ଫଳକୁ ନେଇ ଆଶାୟୀ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଥମିନି । ଅଭିଯୋଗର ତଦନ୍ତ କରିବା ପୂର୍ବରୁ ସ୍ୱଚ୍ଛତା ରହିଥିବା ଓପିଏସସି କେମିତି ଜାଣିପାରିଲା ବୋଲି ଆଶୟୀ ପ୍ରାର୍ଥୀମାନେ ପ୍ରଶ୍ନ ଉଠାଇଛନ୍ତି । ତେଣୁ ନିଯୁକ୍ତି ପ୍ରକ୍ରିୟା ସାରିବା ପୂର୍ବରୁ ଆନ୍ସର ସିଟ୍ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି ।

## ଫିଫା ବିଶ୍ୱ କପ୍ ୨୦୨୨ପାଇଁ ଆର୍ଜେଣ୍ଟିନା ଘୋଷଣା କଲା ତାର ଟିମ୍

ୟୁନସ୍ ଆୟର୍ସଲ୍ଲି, ୧୨/୧୧ : କତରରେ ୨୦ ନଭେମ୍ବରରୁ ୧୮ ଡିସେମ୍ବର ପର୍ଯ୍ୟନ୍ତ ଫିଫା ବିଶ୍ୱ କପ୍‌ପାଇଁ ଆର୍ଜେ ଟିନା ଲିଓନେଲ ମେସି ନେତୃତ୍ୱରେ ୨୬ ଜଣିଆ ଟିମ୍ ଘୋଷଣା କରିଛି । ଟିମ୍‌ର ଘୋଷଣା ଦାୟିତ୍ୱରେ ଲିୟୋନେଲ ସ୍କାଲୋନୀ ରହିଛନ୍ତି । କତର ୨୦ ନଭେମ୍ବରରୁ ୧୮ ଡିସେମ୍ବର ୨୦୨୨ ବିଶ୍ୱକପ୍‌ର ଆୟୋଜକ କାର୍ଯ୍ୟ ତୁଲାଇବ । ୨୦୦୨ରେ ଦକ୍ଷିଣ କୋରିଆ ଏବଂ ଜାପାନରେ ହୋଇଥିବା ବିଶ୍ୱରପ୍ ଆୟୋଜନ ପରେ ଏହି ଅଂଚଳରେ ବିଷେଶ ଭାବରେ ଆୟୋଜିତ ହେଉଥିବା ଏହି ବିଶ୍ୱକପ୍ ଆରବ ଦୁନଆର ହେବ ପ୍ରଥମ ବିଶ୍ୱକପ୍ ।

## ୩୧ ବର୍ଷର ଦଣ୍ଡ ପରେ ଜେଲରୁ ମୁକୁଳିଲେ ନଳିନୀ

ନୂଆଦିଲ୍ଲୀ, ୧୨/୧୧ : ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ୩୧ ବର୍ଷ ସଜା କାଟିବା ପରେ ଜେଲରୁ ମୁକୁରିଲେ ନଳିନୀ ଶ୍ରୀହରନ । ଚେନ୍ନାଇର ଭେଲୋର ଜେଲରେ ରହୁଥିବା ନଳିନୀ ପାରୋଲରେ ଆସିଥିବା ବେଳେ ଶନିବାର ସକାଳେ ପୁଣି ଜଲେ ଯାଇଥିଲେ । ସେଠାରେ ସମସ୍ତ ବିଧିକୁ ପାଳନ କରିବା ପରେ ତାଙ୍କୁ ମୁକ୍ତ କରାଯାଇଛି । ସ୍ୱର୍ଗତ ପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟା ପାଇଁ ନଳୀନି, ତାଙ୍କ ସ୍ୱାମୀ ମୁରୁଗାନ, ସନ୍ଥନ, ଜୟକୁମାର, ପେରାରୀବଲନ, ରବିଚନ୍ଦ୍ରନ ଏବଂ ରୋବର୍ଟ ପାୟସ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସମ୍ବିଧାନର ୧୪୨ରେ ଥିବା କ୍ଷମତା ପ୍ରୟୋଗରେ ସୁପ୍ରିମ କୋର୍ଟ ହତ୍ୟା





ମାମଲାରେ ଦୋଷୀ ସାବସ୍ତ୍ୟ ହୋଇଥିବା ୬ଜଣଙ୍କୁ ଜେଲରେ ମୁକୁଳାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ୩୧ ବର୍ଷ ସଜା କାଟିଥିବା ନଳିନୀ ଜେଲରୁ ମୁକୁଳିଛନ୍ତି । ସେପଟେ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ଏଭଳି ଜେଲରୁ ମୁକୁଳାଯିବାକୁ ଦଳ ସହଜରେ ଗ୍ରହଣ କରିପାରି ନାହିଁ । ଏନେଇ ସୋନିଆ ଗାନ୍ଧୀ ସହମତ ଥିବା ବେଳେ ଦଳର ବରିଷ୍ଠ ନେତା ଅଭିଷେକମନୁ ସିଂଘଭୀ ଓ ଜୟରାମ ରମେଶ କହିଛନ୍ତି କି ଆମ ପାଖରେ ଯାହା ବିକଳ୍ପ ରହିଛି ତାହାକୁ ଆମେ ଉପଯୋଗ କରିବୁ ।

## ପଦ୍ମପୁରକୁ ଜିଲ୍ଲା ଗଠନ ଦାବି ପ୍ରତି ଆମର ପୂର୍ଣ୍ଣ ସମର୍ଥନ ରହିଛି: ବିଜେଡି

ଭୁବନେଶ୍ୱର, ୧୨/୧୧ (ନି.ପ୍ର): - ପଦ୍ମପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ପାଇଁ ବିଜୁ ଜନତା ଦଳର ପୂର୍ଣ୍ଣ ସମର୍ଥନ ରହିଛି । ଏହି ଦାବି ପୂରଣ ପାଇଁ ଗଠିତ କ୍ରିୟାନୁଷ୍ଠାନ କମିଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ମଧ ଯୁକ୍ତିଯୁକ୍ତ ଦାବିକୁ ଶୁଣିବା ସହିତ ସକରାତ୍ମକ ଆଲୋଚନା କରିଥିବା କହିଛନ୍ତି ବିଜେଡିର ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂହ । ଶ୍ରୀ ସିଂହ କହିଛନ୍ତି ଯେ ପଦ୍ମପୁରକୁ ଜିଲ୍ଲା ଗଠନ ପାଇଁ ଥିବା କ୍ରିୟାନୁଷ୍ଠାନ କମିଟି ତାଙ୍କ ନେତୃତ୍ୱରେ ଯାଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ଭେଟିବା ସହିତ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ଭୌଗଳିକ ସ୍ଥିତି ଦୃଷ୍ଟିରୁ ପଦ୍ମପୁର ଏକ ବଡ ଅଂଚଳ । ତେଣୁ ଏଭଳି ଦାବି ପ୍ରତି ବିଜେଡିର ପୂର୍ଣ୍ଣ ସମର୍ଥନ ରହିଛି । ଶ୍ରୀ ସିଂହ କହିଛନ୍ତି ବିଜୁ ପଟ୍ଟନାୟକ ଓଡିଶାର ୧୩ଟି ଜଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିବାବେଳେ ଅବିଭକ୍ତ ସମ୍ବଲପୁର ଜିଲ୍ଲା ୪ଟି ଜିଲ୍ଲା ହୋଇଥିଲା । ପରବର୍ତ୍ତୀ ସମୟରେ ରାଜ୍ୟରେ ଜିଲ୍ଲା ପୁର୍ନଗଠନ ବେଳେ ପଦ୍ମପୁରକୁ ନିଶ୍ଚିତ ଭାବେ ଜିଲ୍ଲା ଘୋଷଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ସିଂହ କହିଛନ୍ତି ।

ଆଗାମୀ ଦିନରେ ଏହି ଦାବି ନେଇ ଆମେ ସକରାତ୍ମକ ଭାବେ ଲଢିବୁ ଏବଂ ପଦ୍ମପୁର ଯେଭଳି ଭାବେ ଜିଲ୍ଲାର ମାନ୍ୟତା ପାଇବ ସେଥିପାଇଁ ଆମେ ପ୍ରଚେଷ୍ଟା ଜାରି ରଖିବୁ ବୋଲି ଶ୍ରୀ ସିଂହ କହିଛନ୍ତି ।

## ଚୀନ ଲଂଚ କଲା କାର୍ଗୋ ସ୍ପେଶ ଏୟାରକ୍ରାଫ୍ଟ

### ମହାକାଶଚାରୀଙ୍କ ନିକଟକୁ ପଠାଇପାରିବ ଅତ୍ୟାବଶକୀୟ ସାମଗ୍ରୀ



ନୂଆଦିଲ୍ଲୀ, ୧୨/୧୧ : ଇତିହାସ ରଚିଲା ଚୀନ । ମହାକାଶରେ ଶକ୍ତି ବୃଦ୍ଧି କରୁଛି ଦେଶ । କାରଣ ଚୀନ ଏବେ ଲଂଚ କରିଛି କାର୍ଗୋ ସ୍ପେଶ ଏୟାରକ୍ରାଫ୍ଟ । ଶନିବାର ସକାଳେ ତିଆନଜୁ-ଫାଇଭ ନାମକ ମାଲବାହୀ ମହାକାଶଯାନକୁ ଲଙ୍ଗ ମାର୍ଚ୍ଚ ୭ ନାମକ ରକେଠ ମାଧମରେ ମହାକାଶକୁ ପଠାଯାଇଛି । ଏହା ଦକ୍ଷିଣ ଚୀନ ହେନାନ ପ୍ରଦେଶର ୱେନଚାଙ୍ଗ ମହାକାଶ କେନ୍ଦ୍ରରୁ ଉତକ୍ଷେପଣ କରାଯାଇଛି । ଉତକ୍ଷେପଣ ପରେ ଏହା ଆଶାନରୂପଭାବେ ନିଜର କକ୍ଷପଥରେ ସ୍ଥାପିତ ହୋଇଛି ବୋଲି ଚୀନ ମାନଡ୍ ସ୍ପେଷ ଏଜେନ୍ସ କହିଛି ।ଏହି ରକେଟ ସାହାର୍ଯ୍ୟରେ ବର୍ତମାନ ମହାକାଶରେ ଥିବା ମହାକାଶଚାରୀଙ୍କ ପାଖକୁ ଅତ୍ୟାବଶକୀୟ ସାମଗ୍ରୀ ଓ ଉପହାର ପଠାଯାଇଥିବା ଜଣାପଡିଛି । ବିଶେଷ କରି ସ୍ପେଶ ଷ୍ଟେସନ ଗୁଡିକରେ ସାମଗ୍ରୀ ପଠାଯିବା ଉଦ୍ଦେଶ୍ୟରେ ଏହାର ବ୍ୟବହାର କରାଯିବ । ପୂର୍ବରୁ ମହାକାଶରେ ଏକ ମହାକାଶ କେନ୍ଦ୍ରରେ ଥିବାବେଳେ ଏକ ଚୀନ ଆଉ ଏକ ମହାକାଶ କେନ୍ଦ୍ର ତିଆନଗଙ୍ଗ ଚାଲିଛି । ଚଳିତବର୍ଷ ସୁଦ୍ଧାର ନିର୍ମାଣ କାମ ସମ୍ପୂର୍ଣ୍ଣ ହେବ ।

## ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ହାଲୁକା ଯାନକୁ ଦୁଇପଟୁ ଛଡ଼ାଯାଉଛି

ଜମ୍ମୁ, ୧୨/୧୧ : ଉଭୟ ପାର୍ଶ୍ୱରୁ ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ହାଲୁକା ଯାନବାହାନକୁ ଅନୁମତି ଦିଆଯାଇଛି । ଏହି ସମୟରେ ମୋଗଲ ରୋଡ଼ ଏବଂ ଏସଏସଜି ହାଇୱେ ମଧ୍ୟ ଯାନବାହାନ ଚଳାଚଳ ପାଇଁ ଖୋଲା ଅଛି, କିନ୍ତୁ ସଂକୀର୍ଣ୍ଣ ରାସ୍ତା ହେତୁ କେବଳ ଏକପାଖିଆ ଟ୍ରାଫିକ ପାଇଁ ଏସଏସଜି ରାସ୍ତା ପୁନଃ ସ୍ଥାପିତ ହୋଇଛି । ଶନିବାର ଦିନ ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ହାଲୁକା ଯାନ ଏବଂ ବେସରକାରୀ ଯାନବାହାନ ଚଳାଚଳ କରିବା ପରେ ଅଧିକାରୀମାନେ ଜାକିନି ଉଦଦମପୁରରୁ ଶ୍ରୀନଗର ଅଭିମୁଖେ ପଠାଯିବା । ରାଜପଥର ସଂକୀର୍ଣ୍ଣତା ହେତୁ କର୍ତୃପକ୍ଷ ଡ୍ରାଇଭର ମାନଙ୍କୁ ସେମାନଙ୍କ ଗାଡ଼ିର ଗତି କମ୍ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଯାହା ଦ୍ୱାରା ଯେକୌଣସି ଦୁର୍ଘଟଣାକୁ ରୋକାଯାଇ ପାରିବ ।

## ହିମାଚଳରେ ୬୮ ଟି ବିଧାନସଭା ଆସନ ପାଇଁ ସରିଲା ମତଦାନ

### ଡିସେମ୍ବର ୮ ରେ ଭୋଟ ଗଣତି



ନୂଆଦିଲ୍ଲୀ, ୧୨/୧୧ : ହିମାଚଳ ପ୍ରଦେଶରେ ମତଦାନ ହୋଇଛି । ହିମାଚଳ ପ୍ରଦେଶର ମୋଟ୍ ୬୮ ବିଧାନସଭା ଆସନ ପାଇଁ ଶନିବାର ଭୋଟଗ୍ରହଣ ହୋଇଛି । ରାଜ୍ୟର ୭ହଜାର ୮୮୧ ମତଦାନ କେନ୍ଦ୍ରରେ ମତଦାନ କରାଯାଇଛି । ସକାଳ ୮ ଟାରୁ ଭୋଟିଂ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ୩୦ ଯାଏଁ ଚାଲିଥିଲା । ଜେପି ନଡ୍ଡା ବିଲାସପୁରରେ ଭୋଟ ଦେଇଛନ୍ତି । ଏହି ପାହାଡି ରାଜ୍ୟରେ ୫୫ଲକ୍ଷରୁ ଅଧିକ ଭୋଟର ଥିବା ବେଳେ ୪୧୨ ପ୍ରାର୍ଥୀଙ୍କ ଭାଗ୍ୟପରୀକ୍ଷା ହୋଇଛ । ଡିସେମ୍ବର ୮ରେ ଏନେଇ ଫଳାଫଳ ପ୍ରକାଶ ପାଇବ । ହିମାଚଳରେ ଏବେ ବିଜେପି କ୍ଷମତାରେ ଥିବା ବେଳେ ଏହି ନିର୍ବାଚନରେ ମୁଖ୍ୟତଃ ବିଜେପି ଓ କଂଗ୍ରେସ ମଧ୍ୟରେ ଟକ୍କର ହେଉଛି । ତେବେ ଆମ୍ ଆଦମୀ ପାର୍ଟି ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି । ହିମାଚଳ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ସିରାଜ ବିଧାନସଭା ଆସନରୁ ଲଢୁଛନ୍ତି । ଅନ୍ୟପଟେ ଗୁଜରାଟ ନିର୍ବାଚନ ପାଇଁ ସବୁ ଦଳ ଜୋରଦାର ପ୍ରଚାରରେ ଲାଗିଛନ୍ତି । ଗୁଜରାଟ ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ହେବ । ଏଥିପାଇଁ ଡିସେମ୍ବର ୧ ଓ ୫ ତାରିଖରେ ଭୋଟଗ୍ରହଣ ହେବ । ଡିସେମ୍ବର ୮ରେ ମତଗଣନା କରାଯିବ ।

## ବଜାରରେ କାହିଁକି ମିଳୁନି ୨ହଜାର ଟଙ୍କିଆ ନୋଟ : କେବେ ଛପାଯିବ ନୂଆ ନୋଟ

ନୂଆଦିଲ୍ଲୀ, ୧୨/୧୧ : ଆପଣଙ୍କ ମନେ ଥିବ ୨୦୧୬ରେ ବିମୁଦ୍ରୀକରଣ ସମୟରେ ସରକାର ୨ ଟଙ୍କାର ନୋଟ୍ ବଜାରକୁ ଛାଡିଥିଲେ । କିନ୍ତୁ ଏବେ ଆଉ ଦୁଇହଜାର ଟଙ୍କାର ନୋଟ ମିଳୁନାହିଁ । ଆପଣ ଟିକିଏ ମନେପକାନ୍ତୁ ଦୁଇହଜାର ଟଙ୍କା ଆପଣ କେବେ ଦେଖିଥିଲେ । ବଜାରକୁ କେବେ ଏହି ଟଙ୍କା ଧରି ଯାଇଥିଲେ । ଏବେ ବଜାରରେ ଆଉ ଦୁଇହଜାର ଟଙ୍କା ଦେଖିବାକୁ ମିଳୁନାହିଁ । ୮ ନଭେମ୍ବର ୨୦୧୬ରେ ପ୍ରଧାନମନ୍ତ୍ରୀ ବିମୁଦ୍ରୀକରଣ ଘୋଷଣା କରିଥିଲେ । ୫ ଶହ ଟଙ୍କା ଓ ହଜାର ଟଙ୍କିଆକୁ ବନ୍ଦ କରାଯାଇ ନୂଆ ୫୦୦ ଟଙ୍କା ଓ ୨ ହଜାର ଟଙ୍କା ବଜାରକୁ ଆସିଥିଲା । ରିଜର୍ଭ ବ୍ୟାଙ୍କ ଆକଳନ କରିଥିଲା, ନୂଆ ୨୦୦୦ ଟଙ୍କା ଅନେକ ସମସ୍ୟାର ସମାଧାନ କରିଦେବ । ଅନ୍ୟ ନୋଟର ଆବଶ୍ୟକ ପଡିବ ନାହିଁ ।

▶▶ପୃଷ୍ଠା ୭



- ଆର୍ଥିକ ବର୍ଷ ୨୦୧୯-୨୦, ୨୦-୨୧ ଓ ୨୧-୨୨ରେ ଏହି ଟଙ୍କା ଆଦୌ ଛପାଯାଇନାହିଁ
- ଏହି କାରଣରୁ ବଜାରରେ ୨ ହଜାର ଟଙ୍କାର ସର୍କୁଲେନସ କମ ରହିଛି
- ବର୍ତମାନ ୨ ହଜାର ଟଙ୍କାକୁ ବନ୍ଦ କରାଯାଇନାହିଁ
- କେବଳ ଟଙ୍କା ଛପାଯିବା କାମ ବନ୍ଦ ରହିଛି
- ୨୦୧୭-୧୮ ମସିହାରେ ୨ ହଜାର ଟଙ୍କାର ଅଧିକ ସର୍କୁଲେସନ ହୋଇଥିଲା
- ୨୦୧୭ରେ ସର୍କୁଲେସନ ହୋଇଥିବା ମୋଟ ଟଙ୍କାରୁ ୨୦୦୦ ଟଙ୍କାର ଅଂଶ ଥିଲା ୫୦ ପ୍ରତିଶତ
- ୨୦୨୨ରେ ଏହା ମାତ୍ର ୧୩.୮ ପ୍ରତିଶତ ରହିଛି
- ୨୦୧୭-୧୮ରେ ବଜାରରେ ସବୁଠାରୁ ଅଧିକ ୩୩ ହଜାର ୬୩୦ ଲକ୍ଷ ନୋଟ୍ ଉପଲବ୍ଧ ଥିଲା
- ଏହାର ମୂଲ୍ୟ ହେଉଛି ୬ ଦଶମିକ ୭୨ ଲକ୍ଷ କୋଟି
- ନୂଆ ନୋଟ କେବେ ଛପାଯିବ ସେ ନେଇ ରିଜର୍ଭ ବ୍ୟାଙ୍କ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ ।

# ଗାନ୍ଧୀ ପାଠାଗାର ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ବଲାଙ୍ଗିର ,୧୨/୧୧ (ନି.ପ୍ର): ପୂର୍ବତନ ସୈନିକ ରାଧେଶ୍ୟାମ ବଗର୍ତି ତଥା ଗାନ୍ଧୀ ପାଠାଗାରର ସ୍ଥାୟୀ ସଦସ୍ୟଙ୍କର ସ୍ମୃତିରେ ଗାନ୍ଧୀ ପାଠାଗାର ଠାରେ ଅବସରପ୍ରାପ୍ତ ସୈନିକ ସଂଘର ମିଳିତ ଆନୁକୁଲ୍ୟରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା । ଗାନ୍ଧୀ ପାଠାଗାରର ସମସ୍ତ ସଦସ୍ୟ ତଥା ଅବସର ସୈନିକ ସଂଘ ମିଳିତ ଭାବରେ ସ୍ୱର୍ଗତ ରାଧେଶ୍ୟାମ ବଗର୍ତିଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସର୍ବ ପ୍ରଥମେ ଗାନ୍ଧୀ ପାଠାଗାରର ସଭାପତି ପ୍ରକାଶ ନେପାକ ସ୍ୱର୍ଗତ ରାଧେଶ୍ୟାମ ବଗର୍ତ୍ତିଙ୍କ ଜୀବନର ବହୁମୁଲ୍ୟ ତ୍ୟାଗ ତଥା ଦୃଢ ବ୍ୟକ୍ତିତ୍ୱ କୁ ଉପସ୍ଥାପନ କରିଥିଲେ। ବରିଷ୍ଠ ସଭ୍ୟ ବିକ୍ରମାନନ୍ଦ ବହିଦାର ତାଙ୍କରେ ତାଙ୍କୁ ସହପାଠୀ ତଥା ଜୀବନର ଆରମ୍ଭରୁ ବର୍ତ୍ତମାନ ଯାଏ ବନ୍ଧୁତ୍ୱ ର ବହୁଳ ଉଦାହରଣ ଦେଇଥିଲେ । ନିଳମଣି ମିଶ୍ର ନିଜର ସହପାଠୀ କହି ସ୍ମୃତି ଚାରଣ କରିଥିଲେ । ପୂର୍ବତନ ସୈନିକ ପ୍ରତାପ ରଥ ଶ୍ରୀ ବଗର୍ତ୍ତିଙ୍କୁ ସୈନିକ ବିଭାଗର ଜଣେ ଦୃଢ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ । ଭଗବାନ ବଗର୍ତ୍ତି ତାଙ୍କର ବଡଭାଇ ସ୍ୱର୍ଗତ ରାଧେଶ୍ୟାମ ବଗର୍ତ୍ତିଙ୍କ ଦୃଢ ବ୍ୟକ୍ତିତ୍ୱର ଉଦାହରଣ ଦେଇଥିଲେ। ପାଠାଗାର ର ସଂପାଦକ ପ୍ରଦୀପ ସାହୁ, ଉପ-ସଭାପତି ସନ୍ତକ ବହିଦାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବରିଷ୍ଠ ସଭ୍ୟ ବିଶ୍ୱଜିତ ସାହୁ ଏକ ଦେଶଭକ୍ତି ଗୀତ ଗାନ କରିଥିଲେ । ରାଜେନ୍ଦ୍ର ମିଶ୍ର, ବିଧୂଭୂଷଣ ତ୍ରିପାଠୀ, ସଂଗ୍ରାମ ବହିଦାର, ପ୍ରମୋଦ ପ୍ରଧାନ, ପ୍ରମୋଦ କୁମାର ସାହୁ, ଅଜିତ କୁମାର ପଣ୍ଡା, ସତ୍ୟନାରାୟଣ ବେହେରା, ଅଶୋକ କୁମାର ଚାନ୍ଦ, ରାଜେନ୍ଦ୍ର ପାଣି, ରାଜେଶ ଅଗ୍ରୱାଲ, ଇନ୍ଦୁ, ବୁଲୁ ବାଗ, ରବି ସାହୁ, ଚିତ୍ତରଂଜନ ସାହୁ, ନେପାଲ ମହାରଣା, ଅବଦୁଲ ରଜାକ୍ ?, ସଂଜିତ କୁମାର ଦାସ, ଜିତେନ୍ଦ୍ର ନାଗ, ଭରତ ବଗର୍ତ୍ତି, ଏସ୍.ପି. ବିଶ୍ୱାଲ, ଜି.ପି.ବେହେରା, ଏସ୍.ଆର.ପଟେଲ, ଅଶୋକ କୁମାର ରାଉତ, କୃଷ୍ଣଚନ୍ଦ୍ର ପଟେଲ, ବୈଷ୍ଣବ ଚରଣ ସାହୁ, ଅଶୋକ କୁମାର ନନ୍ଦ, ବନମାଳି ମିଶ୍ର ଓ ବୁଲୁ ସତପଥି ପ୍ରମୁଖ ସ୍ମୃତି ଚାରଣ କରିଥିଲେ ।

# ବାଲିମେଳାରେ ବନ ବିଭାଗ ପକ୍ଷରୁ ଚଢ଼ାଉ ୧ ଲକ୍ଷ ଟଙ୍କାର କାଠ ଜବତ

ମାଲକାନଗିରି , ୧୨/୧୧ (ନି.ପ୍ର): ବିଶେଷ ସୂତ୍ରରୁ ଖବର ପାଇଁ ବାଲିମେଳା ବନାଂଚଳ ତରଫରୁ ବାଲିମେଳା ସହର ମଧ୍ୟସ୍ଥ ଓସିସି କୋଲୋନୀ ଠାରେ ଭୈରବେଶ୍ୱର ବିଶୋଇ , ବୟସ -୩୦ ଙ୍କ ବାସଗୃହରେ ଆଜି ଚଢ଼ାଉ କରାଯାଇଥିଲା !ବନଖଣ୍ଡ ଅଧିକାରୀ ପ୍ରତାପ କୋଟାପାଲ୍ଲୀଙ୍କ ନିର୍ଦ୍ଦେଶରେ ବନାଂଚଳ ଅଧିକାରୀ ମାଲକାନଗିରି ଙ୍କ ନେତୃତ୍ୱ ରେ ବାଲିମେଳା ବନାଂଚଳ ୨୦ ଜଣିଆ ଟିମ , ଏକ୍ଜିକୁଟିଭ ମାଜିଷ୍ଟ୍ରେଟ ବିଜୟ କୁମାର ମଣ୍ଡାଙ୍ଗୀ ( ତହସିଲଦାର କୁଡୁମୁଲୁ ଗୁମ୍ମା ) ଏବଂ ପୋଲିସ ଉପସ୍ଥିତିରେ ରେଡ଼ କରାଯାଇଥିଲା । ବନାଂଚଳ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ଚ୍ଚ ୱାରେଂଟ ବଳରେ ବନପାଳ ମୋହନ ଗୁଡ଼ିଆ ଏବଂ ଅନ୍ୟ କର୍ମଚାରୀ ରେଡ଼ କରିଥିଲେ । ଭରବେଶ୍ୱରଙ୍କ ଅନୁପସ୍ଥିତି ରେ ତାଙ୍କ ସ୍ତ୍ରୀ ଶ୍ରୀମତୀ ଲିଜା ବେହେରା ରେଡରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଶ୍ରୀମତୀ ଲିଜା ବେହେରାଙ୍କ କହିବା ଅନୁଯାୟୀ ଭୁବନେଶ୍ୱର ବେହେରା ତାଙ୍କ ଦେଢଶୁର ହିଁ କାଠ ଗୁଡ଼ିକ ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଚୋରାରେ କିଣିଛନ୍ତି । ରେଡରେ ପ୍ରାୟ ତିରିଶ ଖଣ୍ଡ ଶାଗୁଆନ ଏବଂ ବୀଜା କାଠ ଜବତ ହୋଇଛି ! ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ । କାଠ ଗୁଡ଼ିକ ଜବତ ପରେ ବନାଂଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ରେ ବନରକ୍ଷୀ ପ୍ରଶାନ୍ତ କୁମାର ରାଉତଙ୍କ ଜିମାରେ ରଖାଯାଇଛି । ଘଟଣା ର ଉତ୍ସ କୁ ପହଂଚିବା ନିମନ୍ତେ ବନ ବିଭାଗ ଏକ ଜଙ୍ଗଲ ମୋକଦ୍ଦମା ରୁଜୁ କରି ଅଧିକ ତଦନ୍ତ ଚାଲୁରଖି ଛି । ଆଜି ରେଡରେ ବାଲିମେଳା ବନାଂଚଳର ଉପ ବନାଂଚଳ ଅଧିକାରୀ ଅନିଲ କୁମାର ବାଲା , ବନପାଳ କୁମାରୀ ଜ୍ୟୋତି ଡୁଙ୍ଗଡୁଙ୍ଗ ଓ ସଦାଶିବ ଚିନାରା , ଫରେଷ୍ଟର ଏବଂ ବାନାଂଚଳର ସମସ୍ତ ବନରକ୍ଷୀ ଏବଂ ଜଙ୍ଗଲ ସୁରକ୍ଷା ସ୍କାଡ ଅଂଶ ଗ୍ରହଣ କରିଥିଲେ ।

# କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ

ବଲାଙ୍ଗିର ,୧୨/୧୧ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତରଫରୁ ବାର୍ଷିକ କ୍ରୀଡା ସମାରୋହ ଆରମ୍ଭ ହୋଇଛି ଆସନ୍ତାକାଲି ତାର ସମାପନ ହେବ। ଏହି ବାର୍ଷିକ କ୍ରୀଡା ସମାରୋହ ଉଦଘାଟନ ରେ ବଲାଙ୍ଗିର ପୌର ପରିଷଦର ପୌରାଧକ୍ଷା ଶ୍ରୀମତୀ ଲିକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ହିନ୍ଦି ବିଭାଗର ଅଧାପକ ସଂଜୟ କୁମାର ସିଂ ଯୋଗ ଦେଇଥିବା ବେଳେ ଉଦଘାଟନୀ ଉତ୍ସବରେ ପରିଚାଳନା କମିଟିର ସଭାପତି ସୁନୀଲ କୁମାର ପଣ୍ଡା ଅଧକ୍ଷତା କରିଥିଲେ କ୍ଷ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ମିଶ୍ର ପରିଚୟ ପ୍ରଦାନ କରିଥିଲେ , ସଂଯୋଜନା କରିଥିଲେ ମନୋରମା ପାଣିଗ୍ରାହୀ ଗୁରୁମା, କାର୍ଯ୍ୟକ୍ରମ ରେ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଆଚାର୍ଯ ଆଚାର୍ୟା ମାନଙ୍କ ବ୍ୟତୀତ ଅଭିଭାବକ ଓ ଅଭିଭାବକକ୍ଷମାନେ ଉପସ୍ଥିତ ଥିଲେ । ଆଜି ଓ ଆସନ୍ତା କାଲି ଦୁଇଦିନ ଧରି ବାର୍ଷିକ କ୍ରୀଡା କୁ ବିଦ୍ୟାଳୟର କର୍ମଚାରୀ ବ୍ୟତୀତ ପୂର୍ବତନ ଖେଳ ଶିକ୍ଷକ ତଥା ପରିଚାଳନା କମିଟି ସଦସ୍ୟ ନୀଳାଚଳ ଚିରଗୁନ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ଖୋ ଖୋ ଚମ୍ପିୟାନସିପ

ପୁରୀ ,୧୨/୧୧ (ନି.ପ୍ର): ରାଜ୍ୟରେ ଅଧିକ ଲୋକ ପ୍ରିୟ କରିବା ଲକ୍ଷ୍ୟରେ ପୁରୀ ଠାରେ ୫୫ ତମ ସିନିୟର ବର୍ଗର ଖୋ ଖୋ ଚମ୍ପିୟାନସିପ ଚଳିତ ମାସ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଏହି ଉପଲକ୍ଷେ ଅନୁଷ୍ଠିତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବୈଠକରେ ସୂଚନା ଦେଇ ଶ୍ରୀ ସାହୁ ଏହି ଚମ୍ପିୟାନସିପକୁ ଭବ୍ୟ,ସୁନ୍ଦର ଓ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରତିଯୋଗୀ ମାନେ ବିଭିନ୍ନ ଜିଲ୍ଲା ରୁ ଆସୁଥିବାରୁ ସେମାନଙ୍କୁ ଓ ଅଧିକାରୀ, ସହଯୋଗୀ ମାନଙ୍କ ରହଣୀ ବ୍ୟବସ୍ଥା ବୃନ୍ଦାବତୀ ନିବାସରେ କରାଯିବ ବୋଲି ସେ କହିଥିଲେ ।ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ରାଜ୍ୟର କ୍ରୀଡା ଭିତ୍ତିଭୂମୀର ବିକାଶ ସହ ଖେଳାଳୀ ମାନଙ୍କୁ ସହଯୋଗ ଓ ନିଯୁକ୍ତି ସୁଯୋଗ ମଧ ମିଳୁଛି। ତେଣୁ କ୍ରିଡା ପ୍ରତି ପିଲାମାନେ ଆକୃଷ୍ଟ ହେବାକୁ ମତ ଦେଇ ଥିଲେ। ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଜିଲ୍ଲାରେ କ୍ରିଡା କୁ ଆଗକୁ ନେବାକୁ ପଦକ୍ଷେପ ନିଆଯିବା ସହ ଏକାଧିକ ପ୍ରତିଯୋଗିତା ଆୟୋଜନ କରାଯାଇ ଶ୍ରେଷ୍ଠ କ୍ରିଡାବିତ ସୃଷ୍ଟି ଲକ୍ଷ୍ୟ ରହିଛି ବୋଲି କହିଥିଲେ ।ଖୋ ଖୋ ସଂଘର ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ବିସ୍ତୃତ ସୂଚନା ଦେଇ ଖୋ ଖୋ ଖେଳ ଆୟୋଜନ ର ରୂପରେଖ ସମ୍ପର୍କରେ ମତ ଦେଇଥିଲେ। ଏହି ପ୍ରତିଯୋଗିତା ଜିଲ୍ଲା ହାଇସ୍କୁଲ ଠାରେ ନଭେମ୍ବର ୧୩ ତାରିଖ ଅପରାହ୍ନ ୫.୩୦ ମିନିଟ ସମୟରେ ଉଦଘାଟିତ ହେବ ଓ ୧୫ ତାରିଖ ସଂଧ୍ୟା ୭ ଘଟିକାରେ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲା ସହ,କିଟ ବିଶ୍ୱବିଦ୍ୟାଳୟ ଓ ପୁରୀ ଖୋ ଖୋ ସ୍ପୋର୍ଟ୍ସ ହଷ୍ଟେଲ ଅଂଶଗ୍ରହଣ କରିବେ ।ଉଭୟ ପୁରୁଷ ଓ ମହିଳା ଦଳ ଏଥିରେ ପ୍ରତିନିଧିତ୍ୱ କରିବେ। ଜିଲ୍ଲା ହାଇସ୍କୁଲ ର ତିନୋଟି କୋର୍ଟରେ ମ୍ୟାଚ୍ ମାଧ୍ୟମରେ ଏହି ଖେଳ ହେବ ।ଏହି ପ୍ରତିଯୋଗିତା ରୁ ମିଳୁଥିବା ଶ୍ରେଷ୍ଠ ଖେଳାଳୀଙ୍କ ଦଳ ଚଳିତ ମାସ ୨୦-୨୪ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ର ଠାରେ ଅନୁଷ୍ଠିତ ହେବାକୁ ଥିବା ୫୫ ତମ ଜାତୀୟ ଖୋ ଖୋ ଚମ୍ପିୟାନସିପରେ ଅଂଶଗ୍ରହଣ କରିବେ। ଉଭୟ ପୁରୁଷ ଓ ମହିଳା ଚମ୍ପିୟାନ ଦଳକୁ ୧୦ ହଜାର ଟଙ୍କା, ରନରସ୍ ଅପ ଦଳକୁ ୭ ହଜାର ଟଙ୍କା,୩ୟ ଓ ୪ର୍ଥ ଦଳକୁ ୫ ହଜାର ଟଙ୍କା ଲେଖାଏଁ ଓ ୩ ଜଣ ଶ୍ରେଷ୍ଠ ଖେଳାଳୀ ଙ୍କୁ ୨ ହଜାର ଟଙ୍କା ଲେଖାଏଁ ପୁରସ୍କାର ଓ ଟ୍ରଫି ଦିଆଯିବ ବୋଲି ସେ କହିଥିଲେ ।ଏହି ଅବସରରେ ଚମ୍ପିୟାନସିପର ଜର୍ସିକୁ ଉନ୍ମୋଚନ କରାଯାଇଥିଲା ।ଏହି ବୈଠକରେ ଜିଲ୍ଲା କ୍ରିଡା ଅଧିକାରୀ ଶ୍ରୀ ଚନ୍ଦନ ସାହୁ ସମସ୍ତ ଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିରେ ଖୋ ଖୋ ସଂଘର କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର, ପୁରୀ ପୌରପାଳିକାର ପରାମର୍ଶ ଦାତା ଜ୍ୟୋତି ପ୍ରକାଶ ଦାସ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଉତ୍କଳ ଗୌରବ ମଧୁସୁଦନ ଲାଇବ୍ରେରୀ ଉଦ୍‌ଘାଟିତ

ଜୟପୁର ,୧୨/୧୧ (ନି.ପ୍ର): ଜୟପୁର ସ୍ଥିତ ଜିଲା ଓକିଲ ସଂଘ ପରିସରରେ ଉତ୍କଳ ଗୌରବ ମଧୁସୁଦନ ଲାଇବ୍ରେରୀ ଉଦଘାଟିତ ହୋଇଛି । ରାଜ୍ୟ ଆଇନଜିବି ପରିଷଦର ଅନୁରୋଧରେ ଜିଲା ଓକିଲ ସଂଘ ଦ୍ୱାରା ଲାଇବ୍ରେରି ନିର୍ମାଣ କରାଯାଇଥିଲା । ଏହି ଲାଇବ୍ରେରି ଉଦଘାଟିତ ହୋଇଛି । ଜିଲା ଜଜ୍ ସତ୍ୟ ନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି । ୪ହଜାର ୨ ଶହ ବହି ରେ ଏହି ଲ୍ୟାଇବ୍ରେରି ଉଦଘାଟନ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜଜ୍ ଇ ବିଘ୍ନେଶ୍ୱର ରାଓ, ଭିଜିଲାନ୍ସ ଜଜ ରାଜେଶ ଏକ୍କା, ସିଜିଏମ ଦିଲିପ କୁମାର ମିଶ୍ର, ଅଞ୍ଜଳି ମାଛଖଣ୍ଡ, ରଶ୍ମି ରେଖା ପଣ୍ଡା, ଏସଡିଜେଏମ ପବିତ୍ର ମୋହନ ସାମଲ, ପରିବାର ଅଦାଲତ ଜଜ ପଲ୍ଲବି ପ୍ରିୟଦର୍ଶନି ଦାସ, ମୁସରାଥ ଜାହିନ, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ସୁମନ ଜେନା, ରେଜିଷ୍ଟାର ସରତ କୁମାର ଜେନା,ଜେଏମଫସି ଆଦର୍ଶ ବେହେରା ସହ ଜିଲା ଓକିଲ ସଂଘର ସଭାପତି ସରୋଜ ଦାସ, ଉପ ସଭାପତି ଗିରିଧର ଖରା, ସମ୍ପାଦକ ଆନନ୍ଦ ରଥ, ସହଦେବ ପଟ୍ଟନାୟକ, ଗୁପ୍ତ ବିଷୋୟୀ, ହରିଶ ମୁଦୁଲି, ଦିବାକର ରାଓ, ଶଶା ନନ୍ଦ ମିଶ୍ର, ଦିବାକର ଗୌଡ, ପି ସନ୍ୟାସି ରାଓ ଡି ବି ଅଗ୍ରଓାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଲକାନଗିରି ବେଙ୍ଗଲି ସମାଜର ପ୍ରତିଷ୍ଠା ଦିବସ ପାଳନ

ମାଲକାନଗିରି ,୧୨/୧୧ (ନି.ପ୍ର): ସାହିତ୍ୟ ଓ ସଂସ୍କୃତିର ଉତଥା ନ ଓ ମାନବିକତାର ସମ୍ମାନ ର ମନ୍ତ୍ର ନେଇ ପ୍ରତିଷ୍ଠା କରାଯାଇଥିବା, ସମ୍ପୂର୍ଣ୍ଣ ଅରାଜନୈତିକ ସଂଗଠନ, "ମାଲକାନଗିରି ବେଙ୍ଗଲୀ ସମାଜ''ର ଷଷ୍ଠ ତମ ପ୍ରତିଷ୍ଠା ଦିବସ ଓ ୫ମ ବାର୍ଷିକ ସାଧାରଣ ସଭା ପୋଟେରୁ ସ୍ଥିତ ଶ୍ରୀ ଶ୍ରୀ ହରି ମନ୍ଦିର ଠାରେ ମହାସମାରୋହରେ ଆଜି ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ଭାବେ "ନିଖିଳ ଭାରତ ବେଙ୍ଗଲୀ ସମନ୍ୱୟ ସମିତି'' ର ସର୍ବ ଭାରତୀୟ ସଭାପତି ଡ଼ଃ ସୁବୋଧ ବିଶ୍ୱାସ , ମାଲକାନଗିରି ବେଙ୍ଗଲୀ ସମାଜର ସଭାପତି ଗୌରାଙ୍ଗ କର୍ମକାର, ସମ୍ପାଦକ ନୀହାର ରାୟ, ସଂଗଠନର ଉପଦେଷ୍ଟା ପ୍ରାକ୍ତନ ବିଧାୟକ ନିମାଇଁ ସରକାର, ଜିଲ୍ଲା ଉପଦେଷ୍ଟା ତପନ କୁମାର ସାନା, ସଂଗଠକ ସ୍ୱପନ କୀର୍ତ୍ତନିୟା, ପ୍ରବକ୍ତା ସୁନିଲ ବିଶ୍ୱାସ,କୋର କମିଟି ସଦସ୍ୟ କମଲେଶ ରାୟ, ଉତ୍ତମ ଓଝା, ପ୍ରହଲ୍ଲାଦ ବାସୁ, ସଞ୍ଜୟ ସରକାର ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ବଙ୍ଗାଳୀ ସମ୍ପ୍ରଦାୟ ମାନଙ୍କ ମଧ୍ୟରେ ଓଡ଼ିଆ ସହିତ ମାତୃଭାଷା ବଙ୍ଗଳା ର ପ୍ରଚଳନ ଏବଂ ପୁନରୁଦ୍ଧାର, ବର୍ତ୍ତମାନ ପର୍ଯ୍ୟନ୍ତ ଏମ, ଭି ଓ ଏମ ପି ଭି ଗ୍ରାମ ହିସାବରେ ପରିଚିତ ପ୍ରତ୍ୟେକ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା, ଭୂମିହୀନ ପରିବାର ମାନଙ୍କୁ ଅତି କମରେ ୪ ସେଣ୍ଟ ଜାଗା ଯୋଗେଇ ଦେବା,ସମସ୍ତ ପ୍ରକାର ରାଜନୀତି ଓ ସାମ୍ପ୍ରଦାୟିକ ତା ରୁ ଦୂରତ୍ୱ ରକ୍ଷା କରିବା ଏବଂ ସର୍ବଶେଷରେ ମାଲକାନଗିରି ର ଆଦିବାସୀ ଭାଇ ତଥା ଅନ୍ୟାନ୍ୟ ସବୁ ସମ୍ପ୍ରଦାୟର ଲୋକମାନଙ୍କ ସହିତ ସହଯୋଗ ଓ ସମନ୍ୱୟ ରକ୍ଷା କରି, ମାଲକାନଗିରି ଜିଲ୍ଲାକୁ ଉନ୍ନତି ର ଚରମ ସୋପାନରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। କୋର କମିଟି ର ମୁଖ୍ୟ ଡଃ ଗୋପାଳ ଚନ୍ଦ୍ର ବିଶ୍ୱାସ ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ସଭାରେ ବହୁ ସଂଖ୍ୟାରେ ସମ୍ପ୍ରଦାୟର ଜନସାଧାରଣ ଯୋଗଦେଇଥିଲେ।

# ନିର୍ଶ୍ଚିନ୍ତକୋଇଲି-ଲଳିତଗିରି ରାସ୍ତାରୁ କଟକ-ଚାନ୍ଦବାଲି ରାସ୍ତାକୁ ସଂଯୋଗ ପାଇଁ ଏକ ପୂର୍ଣ୍ଣାଙ୍ଗ ରାସ୍ତା ନିର୍ମାଣ ଦାବି

ସାଲେପୁର ,୧୨/୧୧ (ନି.ପ୍ର): ନିର୍ଶ୍ଚିନ୍ତକୋଇଲି-ଲଳିତଗିରି ପୂର୍ତ୍ତ ବିଭାଗ ରାସ୍ତାର ନତକାଇ ଜାଗୁଳାଇ ଠାକୁରାଣୀ ନିକଟରୁ ବାହାରି ବାହାବଳପୁର କେନାଲ ପୋଲ ପାଖ କଟକ-ଚାନ୍ଦବାଲି ରାସ୍ତାକୁ ସଂଯୋଗ କରିବା ପାଇଁ ଏକ ପୂର୍ଣ୍ଣାଙ୍ଗ ନୂତନ ରାସ୍ତା ନିର୍ମାଣ ନିମନ୍ତେ ଦାବି ହୋଇଛି । ଏହି ରାସ୍ତା ନିର୍ମାଣ ହେଲେ ପାଞ୍ଚଟି ପଂଚାୟତର ହଜାର ହଜାର ସଂଖ୍ୟାରେ ଲୋକ ବହୁ ଉପକୃତ ହେବା ସହିତ ଏ ଅଂଚଳର ଉନ୍ନତିକରଣ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ଚିନ୍ତାକରି ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ ଏ ସଂକ୍ରାନ୍ତରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଏକ ଉନ୍ନତ ମାନର କରାଗଲେ ଜନସାଧାରଣମାନେ ବିଶେଷ ଉପକୃତ ହୋଇପାରିବେ । ଏହି ରାସ୍ତାଟି ନତକାଇରୁ ବାହାରି ବାଘୁଆପଡିଆ ଦେଇ କୁଣ୍ଡିମୁହଁ , ରାମକୃଷ୍ଣପୁର, ଏକରୁଖି, ନାଳସାହି, ଲେଙ୍କାସାହି, ବାହାବଳପୁର ଗ୍ରାମ ଦେଇ କଟକ-ଚାନ୍ଦବାଲି ରାସ୍ତାରେ ବାହାରିବ। ଯାହାଦ୍ୱାରା ବିଶେଷ ଭାବେ ନତକାଇ, ବଡକ୍ଷୀର, ରାମକୃଷ୍ଣପୁର, ନିର୍ଶ୍ଚିନ୍ତକୋଇଲି, ଜିଗ୍ନିପୁର ସମେତ ବହୁ ପଂଚାୟତର ଲୋକମାନଙ୍କୁ ବି.ଡି.କଲେଜ, ଶକ୍ତିଶ୍ୱରର ଆନନ୍ଦଧାମ ପୀଠ,ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ ପ୍ରାଣୀଚିକିତ୍ସାଳୟ, ନିର୍ଶ୍ଚିନ୍ତକୋଇଲି ଥାନା ଆଦି ମୁଖ୍ୟ କାର୍ଯ୍ୟାଳୟଗୁଡିକୁ ଯାତାୟାତ ପାଇଁ ବହୁ ସହଜ ଓ ସୁବିଧା ହୋଇପାରିବ ବୋଲି ଜଣାଯାଇଛି। ଏହାଛଡା ନତକାଇରେ ଥିବା ବାଘୁଆପଡିଆଟି ମଧ ଲୋକମାନଙ୍କର ବିଭିନ୍ନ କାର୍ଯ୍ୟରେ ଲାଗିପାରିବ ଏବଂ ପଂଚାୟତସ୍ତରୀୟ ବିଭିନ୍ନ ସଭାସମିତି, ପିଲାମାନଙ୍କର ବିଭିନ୍ନ ପ୍ରକାର ଖେଳର ଅଭ୍ୟାସ, ବହୁ ପର୍ଯ୍ୟଟକମାନଙ୍କର ବଣଭୋଜି ପାଇଁ ମଧ ବ୍ୟବହୃତ ହୋଇପାରିବ ବୋଲି ପଂଚାୟତବାସୀ ପ୍ରକାଶ କରିଛନ୍ତି। ବିଧାୟକ ଶ୍ରୀ ଜେନା ଏଥିପ୍ରତି ଦୃଷ୍ଟି ଦେଇ କିଭଳି ଏହି ପୂର୍ଣ୍ଣାଙ୍ଗ ରାସ୍ତାଟିର କାର୍ଯ୍ୟ ଆରମ୍ଭ ହେବ ସେ ନେଇ ସରକାରୀ ସ୍ତରରେ ବ୍ୟବସ୍ଥା ହେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି ।

## ସଂଚୟ ପକ୍ଷ ପାଳନ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

କେନ୍ଦ୍ରାପଡ଼ା, ୧୨/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଓ ସ୍ୱଳ୍ପ ସଂଚୟ ବିଭାଗ ପକ୍ଷରୁ ସଂଚୟ ପକ୍ଷ ପାଳନ ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ଅମରିଶ ସାମଲଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଜିଲ୍ଲା ପଂଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ, ଜିଲ୍ଲା ଉପ ଲୋକ ସଂପର୍କ ଓ ସୂଚନା ଅଧିକାରୀ ଅଶୋକ ବଳିଆର ସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାର ସଂଚୟ ପକ୍ଷ ପାଳନ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଆଲୋକପାତ କରିଥିଲେ। ଏଥି ସହିତ ୧୦ ଜଣ କନିଷ୍ଠ ଛାତ୍ରଛାତ୍ରୀଙ୍କୁ ସ୍ୱଳ୍ପ ସଂଚୟ ଉପରେ ବକ୍ତୃତା ପ୍ରତିଯୋଗିତା କରିଥିଲେ।

# ଭବନ ଅଛି : ପ୍ରତିଭାଙ୍କ ସ୍ମୃତି ପାଇଁ ଫଟୋ ଚିତ୍ରଟିଏ ନାହିଁ

## ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡୁଛି

ସାଲେପୁର , ୧୨/୧୧ (ନି.ପ୍ର): ସମଗ୍ର ଓଡିଶାରେ ସାହିତ୍ୟ ସଂସ୍କୃତି ପାଇଁ ମାହାଙ୍ଗା ମାଟି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ମାଟିରେ ବହୁ ଯୋଗଜନ୍ମା ବରପୁତ୍ରମାନେ ଜନ୍ମଗ୍ରହଣ କରି ଓଡିଶାର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିଛନ୍ତି । ହେଲେ ଏହି ସବୁ ବରପୁତ୍ରଙ୍କ ସ୍ମୃତି ରକ୍ଷା ପାଇଁ ଦୀର୍ଘ ଦିନ ହେବ ପ୍ରତିଭା ଭବନ ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏକ ଭବନ ନିର୍ମାଣ କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଜଣେ ହେଲେ ପ୍ରତିଭାଙ୍କ ଫଟୋ ଚିତ୍ର ଭବନରେ ସ୍ଥାନ ପାଇନଥିବା ଏକ ବିଡମ୍ବନାର ବିଷୟ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଯେଉଁ ବରପୁତ୍ରମାନଙ୍କୁ ନେଇ ମାହାଙ୍ଗା ମାଟି ଗର୍ବ ଅନୁଭବ କରୁଛି ସେମାନେ ହେଲେ ଗଣକବି ବୈଷ୍ଣବ ପାଣି, ପଲ୍ଲିକବି ନନ୍ଦକିଶୋର ବଳ, ଶିଳ୍ପୀଗୁରୁ ବିମ୍ବାଧର ବର୍ମା, ସାହିତ୍ୟିକ ଜ୍ଞାନେନ୍ଦ୍ର ବର୍ମା, କର୍ମବୀର ଗୌରୀ ଶଙ୍କର, ସନ୍ତରଣ କାରୀ ମିହୀର ସେନ୍, ଆଦି ନାଟ୍ୟକାର ଜଗନମୋହନ ଲାଲ, ବାଗ୍ମୀ ବିଶ୍ୱନାଥ କର, ଆଚାର୍ଯ୍ୟ ପ୍ୟାରୀମୋହନ, ଔପନ୍ୟାସିକ ପ୍ରାଣକୃଷ୍ଣ ସାମଲ, ସଂସ୍କାରକ ବୈରାଗୀ ମିଶ୍ର, ଦ୍ୱିତୀୟ ଭଞ୍ଜ ଗୋଲୋକ ଚନ୍ଦ୍ର ପ୍ରଧାନ, ଧନେଶ୍ୱର ପାଣି, ବ୍ୟଙ୍ଗ ସାହିତ୍ୟିକ ଚୌଧୁରୀ ହେମକାନ୍ତ ମିଶ୍ର, ରସରାଜ ଡକ୍ଟର କୁଳମଣୀ ମହାପାତ୍ର, କଥାକାର କିଶୋର ଚରଣ ଦାସ ପ୍ରମୁଖ ବରପୁତ୍ରମାନଙ୍କ ସ୍ମୃତି ରକ୍ଷା ପାଇଁ ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲୀଙ୍କ ଉଦ୍ୟମ କ୍ରମେ ୧୯୯୫ ମସିହାରେ ପଶୁଲୁଣ୍ଡାସ୍ଥିତ ଗଙ୍ଗପୁରାଠାରେ ଏକ ପ୍ରତିଭା ଭବନ ନିର୍ମାଣ କରାଯାଇଥିଲା । ଏଥିପାଇଁ ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ଏହି ପ୍ରତିଭା ଭବନ କାର୍ଯ୍ୟ ଶେଷ ହେବା ପୂର୍ବରୁ ତତ୍କାଳୀନ ସରକାରଙ୍କ ପତନ ଘଟିଲା । ଫଳରେ ୨ ଲକ୍ଷ ଟଙ୍କାର ଅଧା ରହିଥିବା କାର୍ଯ୍ୟ ପଡିରହିଥିଲା । ପରେ ବିଜେଡି ନେତୃତ୍ୱାଧିନ ମେଂଟ ସରକାର କ୍ଷମତାକୁ ଆସିଥିଲେ ମଧ ମତଲୁବ ଅଲୀ ଛାଡିଯାଇଥିବା ଅଧାପନ୍ତରିଆ କାମକୁ ପୂର୍ଣ୍ଣାଙ୍ଗ କରିବା ପାଇଁ କେହି ମୁଣ୍ଡ ପୁରାଇଲେ ନାହିଁ । ପୁନଶ୍ଚ ମେଂଟ ସରକାର କ୍ଷମତାକୁ ଆସିବା ପରେ ତତ୍କାଳିନ ବିଧାୟକ ବିକ୍ରମ କେଶରୀ ବର୍ମା ପ୍ରତିଭା ଭବନଟିର ଅଧା ପନ୍ତରିଆ ଭାବେ ପଡି ରହଥିବା ପରୀପ୍ରେକ୍ଷୀରେ ଏହାର ପୂର୍ଣ୍ଣାଙ୍ଗ ଜରୁରୀ ବୋଲି ଖବର କାଗଜରେ ପ୍ରକାଶ ପାଇବା ପରେ ବିଧାୟକ ବର୍ମା ଏହି କାମ ପାଇଁ ୨ ଲକ୍ଷ ଟଙ୍କା ମଞ୍ଜୁରୀ କରିଥିବାରୁ ଭବନଟି ସଂପୂର୍ଣ୍ଣ ହୋଇପାରିଥିଲା। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଭବନକୁ ଉଦ୍ଘାଟନ କରିଥିଲା ବେଳେ ପରବର୍ତ୍ତୀ ସମୟରେ ମାହାଙ୍ଗାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏହି ଭବନର କାର୍ଯ୍ୟ ସଂପୂର୍ଣ୍ଣ କରିଥିଲେ । ହେଲେ ଏ ପର୍ଯ୍ୟନ୍ତ ମାହାଙ୍ଗା ଅଂଚଳର ବରପୁତ୍ରମାନଙ୍କର ଫଟୋଚିତ୍ର ସ୍ଥାନୀତ ହୋଇପାରିଲା ନାହିଁ । ତାହା ମାହାଙ୍ଗା ବାସୀଙ୍କୁ ବିସ୍ମିତ କରିଛି । ତୁରନ୍ତ ମାହାଙ୍ଗା ଅଂଚଳର ବରପୁତ୍ରମାନଙ୍କର ଫଟୋ ଚିତ୍ରକୁ ପ୍ରତିଭା ଭବନ ପରିସରରେ ସ୍ଥାନୀତ କରିବା ଏହାର ଉନ୍ନତି କରିବା ପାଇଁ ସାଧାରଣରେ ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି ।

# ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଜିଲ୍ଲା ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା ,୧୨/୧୧ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଜିଲ୍ଲା ମହୋତ୍ସବ 'ଦୁଲଦୁଲି' ପାଳନ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧୁକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପ ଜିଲ୍ଲାପାଳ ଦୟାମୟ ପାଢ଼ୀ ଓ ଏସ ଡି ପି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଜାନୁଆରୀ ୧.୧.୨୦୨୩ ରିଖରେ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ କରାଯିବା ପାଇଁ ବୈଠକରେ ସ୍ଥିର କରାଗଲା। ଏହି ଅବସରରେ ମଙ୍ଗଳ ବଜାରସ୍ଥିତ ଅଡିଟୋରିଅମ୍ ଠାରେ ରକ୍ତଦାନ ଶିବିର , କବିତା ପାଠୋତ୍ସ୍ୱ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜାନୁଆରୀ ୧୪ରୁ ୧୮ତାରିଖ ପାଞ୍ଚ ଦିନ ବ୍ୟାପୀ ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ମହୋତ୍ସବ 'ଦୁଲଦୁଲି' ଅନୁଷ୍ଠିତ ହେବ । ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସନ୍ଧ୍ୟାରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପାଞ୍ଚ ଦିନ ମଧ୍ୟରେ ପଲ୍ଲିଶ୍ରୀ ମେଳାର ଆୟୋଜନ ସହ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଷ୍ଟଲର ଆୟୋଜନ କରାଯିବ । ମହୋତ୍ସବ ଉପଲକ୍ଷେ ସ୍ମରଣିକା ପ୍ରକାଶନ ପାଇଁ ଆଲୋଚନା କରାଯାଇଥିଲା । ଏଥି ସକାଶେ ବିଭିନ୍ନ ଲେଖକ/ ଲେଖିକାମାନଙ୍କ ନିକଟରୁ ଗବେଷଣା ଭିତ୍ତିକ, ଲେଖାମାନ ଆହ୍ୱାନ କରାଯିବାକୁ ସ୍ଥିର କରାଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ତାପସ ରାୟ ଚୌଧୁରୀ ବିଗତ ବର୍ଷର ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ମହୋତ୍ସବକୁ ସୂଚାରୁ ରୂପେ ପାଳନ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ମହୋତ୍ସବ କମିଟି ସଭ୍ୟ/ସଭ୍ୟା ଯୋଗ ଦେଇଥିଲେ ।

# ଦାରିଙ୍ଗବାଡି ମଙ୍ଗଳ ବିଭାଗ ହଷ୍ଟେଲରେ ରାଗିଙ୍ଗ ଅଭିଯୋଗ

କନ୍ଧମାଳ ,୧୨/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡିରେ ବ୍ଲକ୍ ଗ୍ରିନ୍ ବାଡିରେ ଥିବା ମଙ୍ଗଳ ବିଭାଗର ଏକ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରେ ୪ ଜଣ ସପ୍ତମ ଶ୍ରେଣୀ ଛାତ୍ର ମାନଙ୍କୁ ଦଶମ ଶ୍ରେଣୀର ୪ ଛାତ୍ର ମାଡ଼ ମାରୁଥିବା ଭିଡ଼ିଓ ଭାଇରାଲ ହୋଇଛି । ଏହି ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରାବାସରୁ ଦଶମ ଶ୍ରେଣୀର ୪ ଛାତ୍ରଙ୍କୁ ଏକ ସ୍ୱତନ୍ତ୍ର ଟିମ୍ ମାଧ୍ୟମରେ ସେମାନଙ୍କୁ ନିଜ ଗ୍ରାମ ଆଡେ ପଠାଇ ଦେଇଛନ୍ତି । ଅନ୍ୟ ପକ୍ଷରେ ମାଡ଼ ଖାଇଥିବା ସପ୍ତମ ଶ୍ରେଣୀ ଛାତ୍ର ମାନଙ୍କର ମାନସିକ ଅବସ୍ଥା ଭଲ ନଥିବାରୁ ସେମାନଙ୍କୁ ବୁଝାସୁଝା କରାଯାଉଛି । ଭାଇରାଲ୍ ହେଉଥିବା ଦୁଇଟି ଭିଡ଼ିଓ ଗତ ମଙ୍ଗଳ ବାର କାର୍ତ୍ତିକ ପୂର୍ଣ୍ଣିମା ଛୁଟି ଦିନର ବୋଲି ଜଣାପଡିଛି । ଏହି ଭିଡ଼ିଓରେ ସପ୍ତମ ଶ୍ରେଣୀର ୪ ଜଣ ଛାତ୍ରଙ୍କୁ ଦଶମ ଶ୍ରେଣର ୨ ଜଣ ଛାତ୍ର ଅମାନୁସିକ ଭାବେ ମାଡ଼ ମାରୁଥିବା ବେଳେ ଆଉ ୨ ଜଣ ଛାତ୍ର ଏହାର ମଜା ଉଠାଇବା ସହ ସହପାଠୀଙ୍କ ସହଯୋଗ କରୁଥିବା ଦେଖିବାକୁ ମିଳିଛି । ତେବେ ଦଶମ ଛାତ୍ର ମାନେ କିଛି ବେଆଇନ କାର୍ଯ୍ୟ କରୁଥିବା ବେଳେ ଏ ମାନେ କୁଆଡେ ଦେଖିଦେଇଥିଲେ ଏଣୁ କାଳେ ପ୍ରଧାନ ଶିକ୍ଷୟତ୍ରୀଙ୍କୁ କହିଦେବେ ଏଣୁ ଏ ସମ୍ପର୍କରେ କାହାରିକୁ ନକହିବା ପାଇଁ ଧମକ-ଚମକ ଗାଳିଗୁଲଜ କରିବାସହ ମାଡ଼ ମାରୁଥିବା ଦେଖିବାକୁ ମିଳିଛି । ଏବଂ ଦଶମ ଶ୍ରେଣୀର ଛାତ୍ର ମାନେ ସପ୍ତମ ଶ୍ରେଣୀ ଛାତ୍ର ମାନଙ୍କୁ ମାଡ଼ ମାରୁଥିବା ଭିଡ଼ିଓ ନିଜେ ସୁଟିଂ କରି ଭାଇରଲ କରିଥିବା ଶୁଣିବାକୁ ମିଳୁଛି । ତେବେ ପିଲାଙ୍କ ଦାୟିତ୍ୱରେ ଶିକ୍ଷକ ଶିକ୍ଷୟତ୍ରୀ, ସୁପରିଟେଡ଼େଣ୍ଟ ଥିଲେ ମଧ ଏଭଳି ଅମାନୁଷିକ ଘଟଣା କିଭଳି ଘଟିଲା ଆଉ ପାଖରେ ମୋବାଇଲ ରଖି ପିଲାମାନେ ଭିଡିଓ ସୁଟିଂ କଲେ କିପରି ବୋଲି ଅବିଭାବକ ମାନେ ପ୍ରଶ୍ନ କରିଛନ୍ତି । ଦାୟିତ୍ୱରେ ଥିବା ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ଦାଇତ୍ୱହୀନତା, ବେପରୁଆ ମନୋବୃତି ଯୋଗୁଁ ବିଭିନ୍ନ ସମୟରେ ଏଭଳି ସମ୍ବେଦନ ଶିଳ ଘଟଣା ମାନ ଘଟୁଛି ବୋଲି ଅବିଭାବକ ମାନେ ଆହୁରି ଅଭିଯୋଗ କରିଛନ୍ତି । ଦାରିଙ୍ଗବାଡି ବ୍ଲକ ମଙ୍ଗଳ ଅଧିକାରୀ ବୁରୁ ମାଝୀ ପାତ୍ରୋ ସ୍କୁଲକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି ।

# ରାଜ୍ୟ ସ୍ତରୀୟ ଆନ୍ଦୋଳନ ପାଇଁ ଲୋଇସିଂହା ଅଙ୍ଗନବାଡି ମହିଳା କର୍ମଚାରୀଙ୍କ ବୈଠକ

ବଲାଙ୍ଗିର ,୧୨/୧୧ (ନି.ପ୍ର): ଲୋଇସିଂହା ଆଦିବାସୀ ଭବନ ଲୋଇସିଂହା ଠାରେ ଅଲ୍ ଓଡିଶା ଅଙ୍ଗନବାଡି ଲେଡ଼ିଜ ୱାର୍କରସ ଏସସିଏସନ ଲୋଇସିଂହା ବ୍ଲକ ସଂଘ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଅଙ୍ଗନବାଡି ଓ ସହାୟିକା ମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ନିୟମିତ କାମ କରିଆସୁଛନ୍ତି । ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ ଲୋକଙ୍କ ପାଖକୁ ପହଂଚାଉଛନ୍ତି । ସବୁକାର୍ଯ୍ୟ ସତ୍ତ୍ୱେ ସରକାର ଏମାନଙ୍କୁ ଅଣଦେଖା କରି ଆସୁଛନ୍ତି । ଏମାନଙ୍କ ଦରମା ମାତ୍ର ୭ ହଜାର ୫ ଶହ ଟଙ୍କା । ମହଙ୍ଗା ଯୁଗରେ ସ୍ୱଳ୍ପ ଦରମା ରେ ଘର ପ୍ରତିପୋଷଣ କରିବା କେତେ ଯେ କଷ୍ଟକର ତାହା ଏହି କର୍ମୀମାନେ ଅଙ୍ଗେ ନିଭାଉଛନ୍ତି । ଗ୍ରାମର ଗର୍ଭବତୀ, ପ୍ରସୂତି, କିଶୋରୀଙ୍କ ସେବା କରି ସମସ୍ତଙ୍କ ପାଇଁ ସୁବିଧା ଯୋଗାଇ ଆସୁଛନ୍ତି ଏହି କର୍ମୀମାନ । ସରକାର ସମସ୍ତଙ୍କ ଦରମା ବଢିବ, ଖୁଶୀଘ୍ର ବଢିବ, ଆସନ୍ତା ବର୍ଷ ବଢିବ ଶୁଣି ସେହି ଆଶାରେ ରହି ଦୀର୍ଘବର୍ଷ ହେଲା ଅପେକ୍ଷା କରି ମଧ ସର୍ବ ମଜୁରୀ ମୂଲ୍ୟ ଦେଉନାହାନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୩ ନଭେମ୍ବର, ୨୦୨୨
email : rabibarachayan2015@gmail.com



## ଧାରାବାହିକ : ଜୀବନାନୁଭୂତି

ଭାଗ - ୯୮

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଯଶୋବନ୍ତ ଆସି ତାହାର ହାତଧରି ବସାଇ କେତେ ଚିତ୍ତାକର୍ଷକ ଗଳ୍ପ କହିବସନ୍ତି ଏବଂ ତାହା ଉତ୍ତାରେ ବୀରେନ୍ଦ୍ର ଓ ଜଗନ୍ନାଥ ମଧ୍ୟ କେତେ ମନଭୁଲାଣିଆ କଥା କହି ତାହାର ପ୍ରାଣରେ କିଞ୍ଚିତ ହେଲେ ଶାନ୍ତି ଦେଇଯାନ୍ତି । ଏହା ଦୈନନ୍ଦିନ ଘଟଣା । ରାଧାନାଥ ଏମ୍.ଏ. ଛାତ୍ର । କଲେଜରୁ ଅପରାହ୍ନ ଗୋଟାଏ ଦୁଇଟାରେ ଫେରିବା ବାଟରେ ଶ୍ୟାମା ପାଖରେ କେତେ ଦିନ ରାତି ଦଶଟା ପର୍ଯ୍ୟନ୍ତ ବସି କେତେ ସୁଖମୟ ଗଳ୍ପ କରୁଥାନ୍ତି । ଏପରି ସୁଖଦୁଃଖରେ ଦିନ କଟିଯାଉଥାଏ । ଏହି ଅବସ୍ଥାରେ ପଡ଼ି ସୁଦ୍ଧା ଶ୍ୟାମା ପ୍ରଫୁଲ୍ଲ ଥାଏ । ପ୍ରାଣଭରି ଗୀତ ଗାଏ, ପ୍ରାଣ ଭରି ହସେ, ଯେ ଆସେ ତାହା ସଙ୍ଗେ ଗଳ୍ପକରେ ଡାକ୍ତର ଦୁଖରାମ ଦିନେ କହିଲେ, ଏତେ ବୁଦ୍ଧିମତୀ ବାଳିକା ସେ କମ୍ ଦେଖିଛନ୍ତି । ଦେଖିଲି, ତାହା ସକାଶେ କେବଳ ଆମ୍ଭେମାନେ ଚିନ୍ତିତ ନଥାଉଁ । ଡାକ୍ତର, ତାଙ୍କ କମ୍ପାଉଣ୍ଡରମାନେ ସୁଦ୍ଧା ଚିନ୍ତିତ । କେଉଁଠାରେ ଔଷଧ ମିଳିବ ସେମାନେ ମଧ୍ୟ ଯତ୍ନ ସହକାରେ ଖୋଜୁଛନ୍ତି । ପୁଣି ତାଙ୍କ ଚିକିତ୍ସାଳୟରେ ଯେତେ ରୋଗୀ ଚିକିତ୍ସିତ ହେଉଛନ୍ତି, ସମସ୍ତେ ଶ୍ୟାମାକୁ ଚିହ୍ନିଯାଇଛନ୍ତି ଓ ତାହା ସକାଶେ ସମସ୍ତେ ଦୁଃଖ ପ୍ରକାଶ କରୁଅଛନ୍ତି । ମୁଁ ମନେ କରୁଥାଏ, ଏତେ ଲୋକଙ୍କ ଆଶୀର୍ବାଦର କ'ଣ କିଛି ଫଳନାହିଁ ? ସମସ୍ତଙ୍କ ଏକତ୍ରୀଭୂତ ସଦିଚ୍ଛାବଳରେ ନିଶ୍ଚୟ ଶ୍ୟାମା ରୋଗମୁକ୍ତ ହେବ । ଏହି ଆଶା ସର୍ବଦା ହୃଦୟରେ ମୁଁ ପୋଷଣ କରୁଥାଏ। ପାଟଣା ବିଶ୍ୱବିଦ୍ୟାଳୟରେ ସେହି ସମୟରେ କିରାଣୀ କାର୍ଯ୍ୟ କରୁଥିବା ଶ୍ରୀ ଜଗନ୍ନାଥ ମିଶ୍ର ଓ ତାଙ୍କ ସହଧର୍ମିଣୀ ଆମ୍ଭମାନଙ୍କୁ ତାଙ୍କ ଘରର ଏକାଂଶରେ ସ୍ଥାନ ଦାନକରି ଯେଉଁ ଯତ୍ନ କରିଥିଲେ, ଏ ନିମିତ୍ତ ତାଙ୍କଠାରେ ମୁଁ ଚିରଋଣୀ ।

ରାଧାନାଥଙ୍କ ବ୍ୟତୀତ ଉଲ୍ଲିଖିତ ବ୍ୟକ୍ତିମାନଙ୍କ ସହିତ ସେହି ଦିନରୁ କ୍ୱଚିତ୍ ସାକ୍ଷାତ୍ ହୋଇଅଛି । ଶୁଣିବାକୁ ମିଳେ, ଏମାନେ ସମସ୍ତେ କାର୍ଯ୍ୟ କ୍ଷେତ୍ରରେ ବିଶିଷ୍ଟ ସ୍ଥାନମାନ ପ୍ରାପ୍ତ ହୋଇଅଛନ୍ତି । ଏମାନଙ୍କ ସଦ୍‌ଗୁଣାବଳୀ ମୁଁ କୃତଜ୍ଞତାପୂର୍ଣ୍ଣ ହୃଦୟରେ ସ୍ମରଣକରି ଏମାନଙ୍କ ସକାଶେ ମଙ୍ଗଳମୟ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥାଏ। ଆଜିଯାଏ ରାଧାନାଥଙ୍କ ମୋ ପ୍ରତି ସମ୍ମାନ, କେବଳ ଶ୍ୟାମା ନୁହେଁ, ମୋ ପରିବାରଭୁକ୍ତ ଅପର କନ୍ୟା, ପୁତ୍ର ଓ ଜ୍ଞାତିମାନଙ୍କ ପ୍ରତି ସ୍ନେହପୂର୍ଣ୍ଣ ଅକୃତ୍ରିମ ବ୍ୟବହାର ତାଙ୍କ ଜୀବନର ବିଶେଷତ୍ୱ । ସ୍ୱଦେଶ ଓ ବିଦେଶରେ ଉଚ୍ଚଶିକ୍ଷା ପ୍ରାପ୍ତ ଏହି ରାଧାନାଥ

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଅଧାପକ, କଲ୍ୟାଣୀୟ ଡକ୍ଟର ରାଧାନାଥ ରଥ।

ତା.୧୯.୭.୪୧ ଦିନ ପାଟଣାର ବିଶିଷ୍ଟ ଔଷଧାଳୟ ପପୁଲାର୍ ଫାର୍ମାସିକୁ ଯାଇ ତହିଁର ମାଲିକଙ୍କୁ କଲିକତା, ବମ୍ବେ ପ୍ରଭୃତି ଯେଉଁ ଯେଉଁ ସ୍ଥାନମାନଙ୍କରୁ ଔଷଧମାନ ଆସେ, ସେଠାକୁ As' ପାଇଁ ଅବିଳମ୍ବେ ଟେଲିଗ୍ରାମ କରିବାକୁ ଅନୁରୋଧ କଲି ଓ ତହିଁର ମୂଲ୍ୟ ତାଙ୍କୁ ଦେଇଦେଲି। ଏହି ଔଷଧାଳୟ ମେଡ଼ିକାଲ କଲେଜ ନିକଟରେ। ଏହାର ସ୍ୱାଧିକାରୀ ମଧ୍ୟ ଶ୍ୟାମା ବିଷୟ ଜାଣିଥିଲେ । ମୋର ଅନୁରୋଧରେ ଅନେକ ସ୍ଥାନକୁ ଟେଲିଗ୍ରାମ କଲେ। କେଉଁଠାରୁ ଉତ୍ତର ଆସିଲା, As ମିଳିଲା ନାହିଁ; ଆଉ କେଉଁଠାରୁ ଆସିଲା ଔଷଧର ନାମ ସୁଦ୍ଧା ଜଣାନାହିଁ । ସେହିଦିନ ଟେଲିଗ୍ରାମ ଖର୍ଚ୍ଚ ମୋର ହୋଇଥିଲା ପ୍ରାୟ ପଚାଶ ଟଙ୍କା ପରଦିନ କଲିକତାର ବିଖ୍ୟାତ ଇଂରେଜି ସମ୍ବାଦପତ୍ର ଅମୃତବଜାର ପତ୍ରିକାର ପାଟଣା ପ୍ରତିନିଧିଙ୍କ ସହିତ ସାକ୍ଷାତକରି ନିମ୍ନ ମର୍ମରେ ଗୋଟିଏ ବିଜ୍ଞାପନ ପ୍ରକାଶ କରିବା ବ୍ୟବସ୍ଥା କଲି - **An appeal, Will any kind-hearted doctor send to the undersigned As eye ointment, however small the quantity, either for payment or as a free gift for the treatment and saving the eyes of his little daughter ? It is not available in the market. 6911 CUIA** ଝିଅର ଚକ୍ଷୁ ବଞ୍ଚାଇବା ସକାଶେ **As5** ମଲମ ଅତି ଅଳ୍ପ ପରିମାଣରେ ହେଲେ ସୁଦ୍ଧା ମୂଲ୍ୟ ବିନିମୟରେ ହେଉ ଅଥବା ବିନା ମୂଲ୍ୟରେ ହେଉ ପଠାଇଦେବା ସକାଶେ ଦୟାଳୁ ଡାକ୍ତରଙ୍କୁ ନିବେଦନ କରୁଅଛି ।

ଆହ୍ଲାବାଦ୍‌ରୁ ପ୍ରକାଶିତ ଇଂରେଜୀ ପତ୍ରିକା **Pioneer,** ବମ୍ବେର **the Chronicle,** ମାଡ୍ରାସର **Hindu,** କଲିକତାର **Statesman** ଓ **Amrit Bazar Patrika**କୁ ମଧ୍ୟ ପଠାଇଲି । କଲିକତା, ବମ୍ବେ ଓ ଦିଲ୍ଲୀରେ ରହୁଥିବା **Controller of Enemy properties** ଠାକୁ ମଧ୍ୟ ଲେଖିଲି, ଯେହେତୁ ଏହି ଔଷଧ ଜର୍ମାନୀରେ ପ୍ରସ୍ତୁତ ଓ ଏହି ସମୟରେ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଯୋଗୁଁ ଇଂରେଜ ସରକାରଙ୍କ ହୁକୁମରେ ଭାରତବର୍ଷସ୍ଥ ଜର୍ମାନୀର । ସମ୍ପତ୍ତି ରକ୍ଷଣ ଜଣେ ଅଫିସରଙ୍କ ହସ୍ତରେ ନ୍ୟସ୍ତ ହୋଇଥିଲା । ସମସ୍ତଙ୍କଠାରୁ ଉତ୍ତର ଆସିଲା, ଔଷଧ ମିଳିଲା ନାହିଁ ।

ମନୁଷ୍ୟର ଅସାଧ କିଛି ନାହିଁ । ଭଗବାନଙ୍କ କୃପାରେ ମନୁଷ୍ୟଙ୍କ ଦ୍ୱାରା ଅସାଧ୍ୟ କାର୍ଯ୍ୟମାନ ସତ ହୋଇଅଛି । ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ମୁଁ ଏହି ଔଷଧର ଅନ୍ୱେଷଣରେ ଯିବାକୁ ସ୍ଥିରକଲି ସଂକଳ୍ପ କଲି, ଏହି ଔଷଧ ପ୍ରାପ୍ତି ସକାଶେ ଯାହା ତ୍ୟାଗ କରିବା ଆବଶ୍ୟକ ହେବ ତାହା କରିବି । ଏହାର ବିନିମୟରେ ମୋର ସମ୍ପତ୍ତି ତ୍ୟାଗ କରିବା ଯଦି ଆବଶ୍ୟକ ହୁଏ, କରିବି । କାହାରି ଚାକିରି କରିବାକୁ ହେଲେ କରିବି, ଗୋଡ଼ ଘଷିବାକୁ ହେଲେ ଘଷିବି । ଏଇ ସକାଶେ ସମଗ୍ର ଭାରତବର୍ଷ ଭ୍ରମଣ କରିବି । ଔଷଧ ଜର୍ମାନୀରୁ ଆସିଥିଲା, ସମଗ୍ର ଭାରତବର୍ଷର ଡାକ୍ତରମାନଙ୍କ ମଧ୍ୟରେ ବିତରଣ ସକାଶେ । କୌଣସି ଡାକ୍ତରଙ୍କ ପାଖରେ ଏଥିରୁ କିଛିହେଲେ କ'ଣ ନଥିବ ? ସମସ୍ତେ କ'ଣ ଯାହା ପାଇଥିବେ ସମସ୍ତ ଖର୍ଚ୍ଚକରି ଦେଇଥିବେ ? ଯେଉଁଠାରେ ଏହା ମିଳିବ ଯେତେ ମୂଲ୍ୟ ହେଉ ପଛକେ ତାହା ଦେଇ ଆଣିବି । ଏହି ପ୍ରତିଜ୍ଞା କରି ପ୍ରଥମରେ କଲିକତାରେ ଅନ୍ୱେଷଣ ଆରମ୍ଭ କରିବା ସଂକଳ୍ପ କରି ମୋ ସଂକଳ୍ପ କଥା ଡାକ୍ତର ଦୁଖନରାମଙ୍କୁ ଜଣାଇଲି । ସେ ମୋର କର୍ତ୍ତବ୍ୟ ପଥ ଅନୁମୋଦନ କଲେ। ତା.୨୦.୪.୪୧ ଏକାଦଶୀ ଉପବାସ । ପ୍ରାତଃକୃତ୍ୟାଦି ସମାପନ କରି ମୋ ଉଦ୍ୟମର ସାଫଲ୍ୟ ସକାଶେ ଭଗବାନଙ୍କଠାରେ ମୋ ହୃଦୟର ଗଭୀର ବିଶ୍ୱାସ ସ୍ଥାପନ କରି ଆରାଧନା କଲି। ପାଟଣାର ବସାରେ ଶ୍ୟାମା ପାଖରେ ରହି ତାହାର ଯତ୍ନ କରୁଅଛନ୍ତି ପ୍ରଭାକର ଓ ତୁଳସୀ। ସେମାନଙ୍କୁ ମୋର ସଂକଳ୍ପ ବିଷୟ ଜଣାଇଦେଲି ଓ ଏମାନଙ୍କ ଓ ରାଧାନାଥ ପ୍ରଭୃତି ଓଡ଼ିଆ ଛାତ୍ରମାନଙ୍କ ଯରେ ଶ୍ୟାମାକୁ ଛାଡ଼ିଦେଇ ଯଥାସମ୍ଭବ ଶୀଘ୍ର ଯିବା ସକାଶେ ପ୍ରସ୍ତୁତ ହେବାକୁ ଲାଗିଲି । ଜାଣିଥିଲି, ମୋର ଉଦ୍ୟମ, ଶ୍ରମ ଓ ସମୟସାପେକ୍ଷ । ତଥାପି ଭଗବାନଙ୍କ କୃପା ଉପରେ ଗଭୀର ବିଶ୍ୱାସ ମୋତେ ସମୁତ୍ସାହିତ କରୁଥାଏ।

ଏକାଦଶୀ ସନ୍ଧ୍ୟାରେ ପ୍ରଭାକର ପାରଣା ସାମଗ୍ରୀ ଆଣି ମୋ ସମ୍ମୁଖରେ ରଖିଦେଲା । ମନେପଡ଼ିଲା, ଘରେ ଏହି ସମୟରେ ସାନ ସାନ ପୁଅଝିଅମାନେ ଆସି ପାଖରେ ବସିଯାନ୍ତି, କିଏ କିଏ କିଛି ପାଇବା ଆଶାରେ ଛିଡ଼ା ହୋଇଥାନ୍ତି ଓ ଏଥିରୁ ଟିକିଏ ଟିକିଏ ପାଇ ନାଚି ନାଚି ଖାଆନ୍ତି । ଶ୍ୟାମାକୁ ଡାକିଲି, "ଆରେ ଶ୍ୟାମା ! ଟିକିଏ ଖାଇବୁ। ଆଖି ଯୋଡ଼ିକ ବନ୍ଦକରି ନିଜୀବ ପ୍ରାୟ ପଡ଼ିରହିଛି, ଉତ୍ତର ଦେଲା, "ମୋ ପେଟ ପୂରିଛି, ଖାଇବି ନାହିଁ ।' କିଛି ନୁହେଁ, ଅଣ୍ଡାଳି ଅଣ୍ଡାଳି, ମୋ ପାଖକୁ ଆସିବା କଷ୍ଟସାଧ ! (କ୍ରମଶଃ)

## ଆ ଲୋ ଚ ନା

# ବିଶ୍ୱ କବିତାକୁ ବଦଳାଇ ଦେଇଥିବା ସେଇ ଫରାସୀ କବି କେତେଜଣ



**ନକୁଳ ଚନ୍ଦ୍ର ସାହୁ**

ପ୍ରାୟ ଚାଳିଶି ବର୍ଷ ତଳେ ଗୋଟିଏ ପ୍ରବଂଧରେ ଅଧାପକ ତାରିଣୀ ଚରଣ ଦାସ କହିଥିଲେ, 'ନୂତନ କବିତାର ନୂତନତ୍ୱ ହେଉଛି କବିତାରେ ଶୃଙ୍ଖଳା ଓ ଅର୍ଥକୁ ଗୌଣ ମନେକରିବା ।' କଥାବସ୍ତୁ ଓ ଭାବର ଘଟିଲା ଗୌଣତା । ଶବ୍ଦ-ଶବ୍ଦ, ଅର୍ଥ-ଅର୍ଥ ଏବଂ ବାକ୍ୟ-ବାକ୍ୟ ଭିତରେ ଥିବା ଧରାବଂଧା ଶୃଂଖଳା ହେଲା ବିଲୋପ । କବିତାର ରୂପ ବା ସଜ୍ଜାଗତ ବିଶୃଂଖଳା, ଧାରାବାହିକତାର ଅଭାବ, ବୌଦ୍ଧିକତାର ସମାହାର, ପୁରାଣ ଓ ଇତିହାସର ଦନ୍ତକଥା ଏବଂ ଆଧୁନିକ ମନୋବିଜ୍ଞାନରୁ ସ୍ୱପ୍ନ ପ୍ରତୀକମାନଙ୍କ କାବ୍ୟିକ ପ୍ରୟୋଗ ଓ ଧ୍ୱନିର ପ୍ରାଚୁର୍ଯ୍ୟ 'ଆଧୁନିକତା'ର ମର୍ଯ୍ୟାଦା ହେଲା ପ୍ରାପ୍ତ ! ନୂତନ ଉପମା, ଉପମେୟ ଓ ରୂପକଳ୍ପ ପ୍ରଭୃତିର ପ୍ରୟୋଗ ହେଲା ଅଧିକ । କଥିତ ଭାଷା ଓ କାବ୍ୟଭାଷା ମଧ୍ୟରେ ଦୂରତାର ଘଟିଲା ହ୍ରାସ । କଥାବସ୍ତୁ ଓ ଭାବର ପୁଞ୍ଜି ହେଲା ଶୂନ୍ୟ ।

ଉନବିଂଶ ଶତକରେ ବିଶ୍ୱ କବିତାକୁ ପାଣିପାଗ ପରି ବଦଳାଇ ଥିଲେ କବି ତିନିଜଣ । ସେଇମାନଙ୍କଠାରୁ ଘଟିଛି କବିତାର ଏଇ ପରିବର୍ତ୍ତନ । ସେମାନେ ହେଲେ:

୧) ବୋଦ୍‌ଲେୟାର

ସିଏ ବ୍ୟକ୍ତିବାଦୀ ପ୍ରତୀକ (Personal symbols)ର କଲେ ପ୍ରୟୋଗ ଏବଂ ଝଙ୍କୟୟରଭ ମଷବଭଶର ବା Displacement ଯୋଗସୂତ୍ରହୀନତାକୁ ପଂକ୍ତିରେ କଲେ ପ୍ରୟୋଗ ।

୨) ର୍ୟାମ୍ବୋ

ଅନ୍ୟ କବିଗଣଙ୍କୁ କଲେ ଉଦ୍ଧୃତି ବା ଉଲ୍ଲେଖ ଏବଂ ସୂକ୍ଷ୍ମ ପ୍ରତୀକର କଲେ ପ୍ରୟୋଗ । କବିତାରେ ପ୍ରବେଶ କରାଇଲେ ବୌଦ୍ଧିକତା (Intellectualism) ଏବଂ

୩) ଲାଫର୍ଗ

ଅପ୍ରଚଳିତ ଶବ୍ଦର କଲେ ପ୍ରୟୋଗ ଓ ଶବ୍ଦ ଭିତରେ ନୂତନ ଅର୍ଥତ୍ୱର କଲେ ଅରୋପଣ ଏବଂ ପ୍ରୟୋଗ କଲେ ମୁକ୍ତଛଂଦ (Free Verse)

ଏହି କବିତ୍ରୟଙ୍କ କାବ୍ୟଶୈଳୀରୁ ବୌଦ୍ଧିକତା, ଯୋଗସୂତ୍ରହୀନତା, ହଠାତ୍ ପରିବର୍ତ୍ତନ, ଉଦ୍ଧୃତି ପ୍ରୟୋଗ, ଧ୍ୱନ୍ୟାତ୍ମକତା ଓ ଶବ୍ଦର ନୂତନ ଅର୍ଥବୋଧକୁ ସମନ୍ୱିତ ଭାବେ ନିଜ କବିତାରେ ଗ୍ରହଣ କଲେ ଟି.ଏସ୍. ଇଲିୟଟ । ଇଲିୟଟଙ୍କ ପୂର୍ବରୁ ଏହି ଧରଣର ପ୍ରୟୋଗ ମାଲାର୍ମେ, ଭାଲେରୀ ଓ ଆପୋଲନାଇରି ପ୍ରଭୃତି ଫରାସୀ ପ୍ରତୀକବାଦୀ କବି କରି ଚାଲିଥିଲେ । କବିତାର ଅର୍ଥ ଓ ଭାବ ଯାହାହେଉ, ଥାଉ ବା ନ ଥାଉ, ପ୍ରଭାବ କିଂତୁ ଥିବ । କବିତା ଅନ୍ତସ୍ଥଳକୁ ସ୍ପର୍ଶ କରିବ । ଧ୍ୱନି ଓ ସାମୂହିକ ଐକ୍ୟ ସିଧାସଳଖ ଆତ୍ମାକୁ ଛୁଇଁବ ।

ଏହି କବିତ୍ରୟଙ୍କ ବ୍ୟତୀତ ବିଂଶଶତକ କବିତାର ଭୂଗୋଳକୁ ବଦଳାଇଛି ଚିତ୍ରକଳାର ପ୍ରଭାବ । ଅତି ଯଥାର୍ଥବାଦୀ କଳା (Swrealist) ପ୍ରଭାବରେ ରଚିତ ହୋଇଛି ଅସଂଖ୍ୟ ସର୍‌ରିଆଲିଷ୍ଟ କବିତା । ଏଜ୍‌ରା ପାଉଣ୍ଡ, ଲୁଇ ଆରାଗଁ ଓ ଶିଳ୍ପୀ ପିକାଶୋ ପ୍ରଭୃତି ଏହି ଶୈଳୀ ପ୍ରୟୋଗ କରି କରିଛନ୍ତି ରଚନା । Abstract Artରେ ଅର୍ଥ ଓ ଆଙ୍ଗିକକୁ ଦିଆଯାଏ ପ୍ରାଧାନ୍ୟ । ମିନିଂ ଓ ଫର୍ମର ପରିବର୍ତ୍ତନ ପଛରେ ରହିଛି ଅବ୍‌ଷ୍ଟ୍ରାକ୍ଟ ପ୍ରୟୋଗର ଅବଦାନ । Expressionistମାନେ ଆତ୍ମିକ ଅଭିବ୍ୟକ୍ତିକୁ ଦିଅନ୍ତି ପ୍ରାଧାନ୍ୟ ଏବଂ ପ୍ରାକୃତିକ ଅନୁକରଣକୁ କରନ୍ତି ନାପସନ୍ଦ । ଯେଣୁ କଳା ଏକ ନୂତନ ସୃଷ୍ଟି, ନୁହେଁ କାହାର ନକଲ । ନକଲ ଫଟୋ, ନୁହେଁ ଆର୍ଟ, ଫଟୋ ମୃତଶିଳ୍ପ । Cubismରେ ଆଇନ୍‌ଷ୍ଟାଇନ୍‌ଙ୍କ ପ୍ରଭାବରୁ ଦୈର୍ଘ୍ୟ ଓ ପ୍ରସ୍ଥ ବ୍ୟତୀତ ଗଭୀରତା ଓ ସ୍ଥୂଳତାକୁ ପ୍ରଦାନ କରାଗଲା ସ୍ଥାନ । ଠିକ୍ ସେହିପରି କବିତାରେ ଶବ୍ଦ ଓ ଅର୍ଥ ବ୍ୟତୀତ ବ୍ୟଂଜନକୁ ପ୍ରଦାନ କରାଗଲା ସ୍ଥାନ । ସିନେମା ରିଲ୍‌ର ପରିବର୍ତ୍ତନ ହେବାଭଳି ମନୋବିଜ୍ଞାନର ଚେତନା-ପ୍ରବାହ ଯୋଗୁ କବିତାର ବିଷୟବସ୍ତୁରେ ସହସା ଘଟୁଚି ପରିବର୍ତ୍ତନ । ସୃଷ୍ଟି ହେଉଛି ଅସମ୍ବନ୍ଧତା ।

ଆଧୁନିକ କବିତାର ମୂଳଭିତ୍ତି, 'It is felt before it is understood' । କବିତାକୁ ବୁଝିବା ପୂର୍ବରୁ କରିହୁଏ ତାହାର ଅନୁଭବ । ତାହା ସ୍ଥାନ ଓ କାଳର ଉର୍ଦ୍ଧ୍ୱ । ଭୌଗଳିକ ଦୂରତ୍ୱ ଶୂନ୍ୟ । ଏକସୂତ୍ରରେ ଆବଦ୍ଧ ବିଶ୍ୱାୟନର ସଂସ୍କୃତି । ଯୁଗ ପ୍ରଭାବ ଅନୁଭବ୍ୟ । ପୁନଶ୍ଚ ଶକ୍ତଭାବେ ଯାହା ଦୃଷ୍ଟିକୁ ଆକୃଷ୍ଟ କରେ ତାହା ହେଲା ମାଲାର୍ମେଙ୍କ ବ୍ୟକ୍ତିବାଦୀ ପ୍ରତୀକ ପ୍ରୟୋଗ ଓ ବ୍ୟାକରଣିକ ବିଘଟନ । ଯାହାକୁ ଅବଲୋକନ କରି ଅନେକ ଆଧୁନିକ କବିତାଠୁ ମୁହଁ ଫେରାଇ ନିଅନ୍ତି, କହି ହଃ, ଏଥିରେ ଅଛି କ'ଣ ? ବ୍ୟକ୍ତିଗତ ପ୍ରତୀକ ପ୍ରୟୋଗ ଓ ବ୍ୟାକରଣିକ ବିଘଟନ ଯେମିତି କବିତାକୁ କରିଦିଏ ଶସ୍ତା ବା ହାଲୁକା !

'ଆଧୁନିକ ଫ୍ରେଞ୍ଚ୍ କବିତା: ଏକ ଆଲୋଚନା' (ଦିଗନ୍ତ, ଜାନୁଆରୀ-ମାର୍ଚ୍ଚ ୧୯୮୯)-ରେ ଅମରେନ୍ଦ୍ର ଖଟୁଆ କହନ୍ତି, ଇଲିୟଟୀୟ 'ଅସ୍ଥିର ସଚେତନତା' (Critical awareness) ବା ମାଲାର୍ମେଙ୍କ 'ବୌଦ୍ଧିକ ସଂଗୀତ'ର ଜାଲରେ ଆଜିର କବି ବଂଦୀ । ପୁରୁଣା ଗୀତିମୟତାକୁ ଭାଙ୍ଗି ଆଧୁନିକ ତୀକ୍ଷ୍ଣତା, କବିତା ଗଠନ କ୍ରିୟାରେ ବାଦ ବିବାଦର ନୂତନ ଛାଂଚ, ଆଙ୍ଗିକ ତଥା ଆତ୍ମିକ ବିକାଶ ପାଇଁ ସମାଜ, ଜୀବନ ଓ ଅନ୍ୟାନ୍ୟ କଳାତ୍ମକ ଦର୍ଶନକୁ ଏମାନେ କରିଥିଲେ ଗ୍ରହଣ । ନିଜ ଆଲୋଚନାରେ ଶ୍ରୀଯୁକ୍ତ ଖଟୁଆ କହନ୍ତି, ଫ୍ରେଞ୍ଚ୍ କବିତାରେ ନୂଆ ଯୁଗର ସୂତ୍ରପାତ କରନ୍ତି ପାଞ୍ଚଜଣ କବି । ସେମାନେ ହେଲେ ବୋଦ୍‌ଲେୟାର, ମାଲାର୍ମେ, ର୍ୟାମ୍ବୋ, ଭାଲେରୀ ଏବଂ କ୍ଲଡେଲ୍ । ଲାଫର୍ଗଙ୍କୁ ସିଏ ନିଜ ଆଲୋଚନା ପରିସରରୁ କରିଛନ୍ତି ରହିତ । ରୋମାଣ୍ଟିକ୍ ଟ୍ରିଟ୍‌ମେଣ୍ଟ ଏବଂ ଅବଷ୍ଟ୍ରାକ୍ଟ ଦାର୍ଶନିକତା ମାଧ୍ୟମରେ ଏମାନେ ଫରାସୀ କବିତାରେ ସୃଷ୍ଟି କରିଛନ୍ତି ସାବଲିଳତା । ଏମାନେ ଫରାସୀ କବିତାକୁ ବଦଳାଇଛନ୍ତି କିପରି, ତାହାକୁ ଶ୍ରୀଯୁକ୍ତ ଖଟୁଆ ନିଜ ପ୍ରବଂଧରେ ବର୍ଣ୍ଣନା କରିଛନ୍ତି ।

କ) ଭଂଗୀ ଓ ପ୍ରକାଶରେ ସମାୟିକ ଅସ୍ପଷ୍ଟ ମାନସିକ ଚିତ୍ରଙ୍କ କାବ୍ୟିକ ବିକାଶ ।

ଖ) ଶବ୍ଦ ସଂଯୋଜନାରେ ବ୍ୟାକରଣହୀନ ଗ୍ରହଣଶୀଳ ମଧୁରତା ତଥା ତୁଳନାତ୍ମକ ମିଥ୍ ପ୍ରୟୋଗ ।

ଗ) ଭାବ ସୃଷ୍ଟି ଓ ଦର୍ଶନ ବିକାଶରେ ଅହଂବାଦ, ବ୍ୟକ୍ତିଚିତ୍ର ମାନବ-ସଂପର୍କ ଏବଂ କଦବା ସାମାଜିକତାର ବିଷୟବସ୍ତୁଙ୍କୁ ସତ୍ୟତା ଓ ସ୍ୱପ୍ନ ସଂଚାର ସ୍ତରରେ ଦ୍ୱୈତ-ପରୀକ୍ଷାରେ ମିଶ୍ରଣ କରିବା ।

ଏବଂ ଘ) ଦୁର୍ବୋଧତା ବା ଗୀତିମୟ ଛଂଦ କବିତା ମଧ୍ୟସ୍ଥ ତଥାକଥିତ ପାର୍ଥକ୍ୟକୁ ଶେଷ କରିବାକୁ ନେଇ ଏମାନେ ଆରମ୍ଭ କଲେ ଏକ ନୂତନ ଯୁଗ । ଏହି ଯୁଗର ପରବର୍ତ୍ତୀ ସୋପାନରେ ଦେଖିବାକୁ ମିଳିଥିଲା ସର୍‌ରିଆଲିଜିମ୍, ଡାଡାଜିମ୍, ଇଂପ୍ରେସିଓନିଜମ୍, ସ୍ୟାଡୋଜିମ୍ ଓ ଇମେଜ୍-ୱାର୍ଡ଼ ପୋଏଟ୍ରୀ ପ୍ରଭୃତି ସୃଜନାତ୍ମକ ପ୍ରୟୋଗର ନୂତନ ସ୍ୱାଦ । (କ୍ରମଶଃ)

♥ 'ଶବ୍‌ଦଘର', ଗୋଡ଼ିସାହି, କଟକ

## ଆମ ସମୟର କବିତା.....

### ॥ ପ୍ରବୋଧନା ॥

**ରାଜେଶ ପୂଜାରୀ**



ଚଉଦିଗେ ଚରିଛି
ଅଜଣା ରୋଗର ଧୂସର କୁହୁଡ଼ି
ଏଠି ତାଲା ବନ୍ଦ ମୁହଁ ବନ୍ଦ
ନିଃଶ୍ୱାସଠୁ ନିଃଶ୍ୱାସ ଅଛୁଆଁ
ବିଶ୍ୱାସ ବିଶ୍ୱାସ ଭିତରେ ଛାଡ଼ପତ୍ର
ମରଣ ବିଞ୍ଚୁଛି ଖଇ କଉଡ଼ି !

ତଥାପି ବରଫ ହେଇ
ଥଣ୍ଡା ପଡ଼ନାହିଁ କେହି
ବରଂ ସେତୁବନ୍ଧ ହୁଅ
ହଜାରେ ଝରଣାର ଅର୍ଦ୍ଧଳି ବୁଝୁଥିବା
ଗିରି ଗୋବର୍ଦ୍ଧନ ହୁଅ ।

ଲୟ ରଖ,
ପୁନରପି ଚମକିବ ମହାଦ୍ୟୁତି କେମିତି
ଦିଶିବ କୁହୁଡ଼ି ସେପଟର
ଝଲମଲ୍ କମନୀୟତା
ବର୍ଷୁଥିବ ଅବାରିତ ସରଗୀଫୁଲ
ହଜି ଯାଇଛି ଏଇଠୁ ଯାହା
ଖୁବ୍ ଚିହ୍ନା ସେଇ
କାକଳି ଶୁଭିବ, ଦୀପାଳି ଜଳିବ

ହେଜ ହେଜ
ଏଇ ଉଦାସୀନ କ୍ଷଣରେ
ମହୁମିଠା ହସ ମାଖିବ କେମିତି
ଧରଣୀର ମୁହଁ
ଅନାକାଂକ୍ଷିତ ଦୃଶ୍ୟ ଚୁମୁ ଚୁମୁ
ଶେଥେଇ ଯାଇଥିବା ଆଖି
ନାଇପାରିବ ପାହାନ୍ତିଆରେ କଜ୍ଜଳ କେମିତି ?

ବନ୍ଧନରେ ଛନ୍ଦି ହେଲେ ଯାଇ
ଜଣାପଡ଼େ ମୁକୁଳି ଯିବାର କୌଶଳ
ଭୟ ନୁହେଁ, ସତର୍କତାରେ ହିଁ
ଜିତିହୁଏ ନିଜଠୁ ନିଜକୁ ।

ଅନ୍ତତଃ ଆଶା ଟିକକ ଛାଡ଼ନାହିଁ ପ୍ରିୟଜନେ
ଅଗଣନ ପର୍ବର ଉଲ୍ଲାସ
ନିଦ୍ରେଇ ଯାଉଛି ତୁମ ଭିତରେ
ତାକୁ ଜଗାଅ,

ସମୁଦ୍ର ଲଙ୍ଘିବା ଦୂରର କଥା
ଚୂଲି ଭର୍ତ୍ତି ପାଣିରେ ବୁଡେଇଦିଏ ନିରାଶା
କିନ୍ତୁ ଆଶାରେ ଖୁଦରୁ ଭଣ୍ଡାର ଜୁଟେ
କେବଳ ସୁଖ ଭଳି
ପ୍ରେମ ଭଳି ଋତୁ ଘୋଟେ ।

♥ ନି-କୁଶମେଲ, ପୋ.ଅ-କପିଳାପୁର
ଭାୟା-ପଞ୍ଚଗାଁ, ଜିଲ୍ଲା-ଝାରସୁଗୁଡ଼ା
ପିନ୍-୭୬୮୨୨୬
ମୋ-୮୧୪୪୭୭୯୦୬୧

### ॥ ଅଭାବ ॥

**ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ**



ଗତମାସର ଅଭାବୀ ଦରଜଟା
କାନ୍ଧରୁ ଓହ୍ଲାଉ ଓହ୍ଲାଉ
ପୁଣି ଥରେ ଲମ୍ଫି ଆସେ
ସାହୁକାରର ଲମ୍ବା ସୁଧ ଚିଠା ସବୁ,
ମରୀଚିକା ପରି କ୍ଷଣିକେ
ଉଭେଇଯାଏ ଖୁସି ଟିକକ
ପୁଣି ନିଅଣ୍ଟିଆ ହୋଇପଡ଼େ ଜୀବନ।

ଭଙ୍ଗା ଚୁଲିରେ ଦରଫୁଟା ହାଣ୍ଡିରେ
ଜୀବନକୁ ଯତ୍ନ କରି ରାନ୍ଧୁଥାଏ ବୋଉ,
ହାଣ୍ଡିଶାଳରୁ ଟେଳାଏ ଲୁଣ ହଜିଗଲେ,
ତାର ନିଦ ହଜିଯାଏ
ହୁଏତ ଆଉ ଓଳିକୁ
ଓପାସ ରହିବାଟା ଥୟ !
ଭୋକର ନିଆଁ ଆଗରେ
ମୁହୂର୍ତ୍ତକେ ଶିତଳିଯାଏ
ଜଳୁଥିବା କାଠଫାଳର
ତତଲା ନିଆଁ।

ସଞ୍ଜକୁ ଫେରିବା ପରେ,
ଗାଁ ମୁଣ୍ଡ ଚା ଦୋକାନରେ
ଆଉ ଗପ ଜମାନ୍ତିନି ବାପା;
ଭାସିଆଭାଇର ଏକା ତାଗିଦ୍
ଏଇ କାଳୀପୂଜାରେ
ବାକିଆ ଖାତା ବନ୍ଦ୍ କରିବାକୁ ହବ,
ଭଙ୍ଗା ଚେୟାରରେ କଣ୍ ଗୋଟେ ଭାବୁଭାବୁ
ଘୁମେଇ ପଡ଼ନ୍ତି ସେ।

ସଉଦା ଚିଠା ସବୁ ଜଳିଲେଣି
ଚୁଲିରେ ଜାଳ ହେଇ,
ପିନ୍ କଣ୍ଟାରେ ଝୁଲିଥିବା ହାଟ ଝୁଲାଟା ଆଜିକାଲି
ଠା ଠା ଖାଲି ଦିଶେ।

ସରାଗରେ ପେଜ ମୁନ୍ଦାଏ
ବାଢ଼ି ଦେବା ପରେ,
ବୋଉ ଆଖିରୁ ନିଗିଡ଼ି ପଡ଼େ ଲୁହ,
ଫୁଟା ହାଣ୍ଡିରେ
ହାତ ବୁଲାଉ ବୁଲାଉ
ସେ ଢ଼ୋକି ପକାଏ ତମାମ ଦିନର ଭୋକକୁ।

ଟଙ୍କା ଗଣିବା ଭ୍ରମରେ
ଆଜିକାଲି ପାଦ ଗଣନ୍ତି ବାପା,
ଅଭାବର ଅଣଚାଶ ପବନ ମାଡ଼ରେ
କୁହୁଡ଼ି ପରି
ମିଶିଯାଏ ତାଙ୍କ ମୁରବି ପଣିଆ।

'ଅଭାବୀ ଲୋକର
ଜୀବନ ସରିଯାଏ
ହେଲେ ଅଭାବ ସରେନା'-
ଏ କଥାକୁ ପାଖରୁ ବୁଝିଛି ବୋଉ,
ତା'ଠୁ ଢେର ଗୁଣ ଅଧିକ ବୁଝନ୍ତି ବାପା।

ପାଣି ସୁଅରେ
ଦେହ ଭାସିବା ପରି
ଅଭାବ
ଏଇମିତି ହିଁ ଭାସିବୁଲୁଥାଏ
ଗାତକୁ ଯିବା ଯାଏଁ।

♥ ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍-୭୫୬୦୦୧
(ମୋ)-୭୭୮୮୯୭୭୨୭୬

### ॥ ଏଇଠି କୋଉଠି ॥

**ଗଜାନନ ମିଶ୍ର**





॥ ଏକ ॥

ପାରୁ ନାଇଁ ଉଚ୍ଚାରି ଶବ୍ଦଟିଏ,
ପାରୁ ନାଇଁ ଦେଖି କୌଣସି ଦୃଶ୍ୟ।

॥ ଦୁଇ ॥

ଶବ୍ଦରେ ଥାଏ ଅର୍ଥ, ଜଣା।
ଜଣାରେ ବଣା ବେଳେବେଳେ।

॥ ତିନି ॥

ଆଉ ବେଳେବେଳେ ବସା ଉଠା ନଟା,
ଜଙ୍ଗଲରୁ ଜଙ୍ଗଲ ଖୋଲାମେଲା।

॥ ଚାରି ॥

ପାରୁ ନାଇଁ ଆଉ ରହି ଏଇଠି କୋଉଠି,
ପାରୁ ନାଇଁ କିଛି କହି ସଠିକ୍।

♥ ତପୋବନ,
ଟିଟିଲାଗଡ, ବଲାଙ୍ଗିର

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୩ ନଭେମ୍ବର, ୨୦୨୨



## ପ୍ରେମରେ ପ୍ରେମରେ ଗୀତି ....(୭୯)



### ॥ କଥାରେ କଥାରେ ହସେ ॥

ମୋର ସପନରେ ଯିଏ ଆସେ
ସେଇ ମୋ ପ୍ରେମିକା ମିରିଗ ନୟନୀ
କଥାରେ କଥାରେ ହସେ ।

କେଶବତୀ ସିଏ ଗାଲରେ ଭଉଁରୀ
ଓଠେ ଛୋଟ କଳାଜାଇ
ଭ୍ରୁଲତା ହଲାଇ, କଥା କହୁଥିଲେ
ଉପମା ତା' ସରିନାହିଁ
ନିଛାଟିଆ ମୋର ମନ ତଳେ ତା'ର
ମୁହଁ ସପନରେ ଭାସେ ।

କଟିରେ ଯାହାର ଅଳସ ଭାଙ୍ଗଇ
ଭରା କଳସୀର ଗରା
ମନତଳେ ତାର ଶହେ ଶ୍ରାବଣର
ଅବାରିତ ବାରିଧାରା
ଓଠରୁ ତାଆର ଝରୁଥାଏ ମହୁ
ସିଏ ମୋ' ମନକୁ ରସେ ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧




## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୨୭)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ

■ ହେମେନ୍ଦ୍ର ମହାପାତ୍ର

ସଂପାଦକ: ରଂଗମଞ୍ଚ, ସୁନହଟ ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧

### ॥ ଯୁଗ ଚରିତ ବୃତ୍ତାନ୍ତର ସଂଳାପ (ପ୍ରଥମ) ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯେହେତୁ ସମଗ୍ର ନାଟକଟି ଭିନ୍ନ ଭିନ୍ନ ଶୈଳୀ ଓ ଚରିତ୍ର ଉପରେ ପର୍ଯ୍ୟବେସିତ ତେଣୁ ସଂଳାପ ସେହି ଅନୁଯାୟୀ ଭିନ୍ନତା ଉପରେ ନିର୍ଭରଶୀଳ । ଘଟଣାଗୁଡ଼ିକ ଯେହେତୁ ଭିନ୍ନ ଭିନ୍ନ ଯୁଗରେ ଗତି କରିଛି ତେଣୁ ଯୁଗ ଅନୁଯାୟୀ ସଂଳାପ ମଧ୍ୟ ପରିବର୍ତ୍ତନ ଘଟିଛି । ଯେମିତିକି ଦ୍ୱାପର ଯୁଗର କଥା–

କୃଷକ- ହେ ଦ୍ୱିଜବର/ ମିନତି ମୋ ଘେନାକର ତବ କୃଷିକ୍ଷେତ୍ର କର୍ଷଣ ସମୟେ /ଲଭିଅଛି ଏ ରତ୍ନ କଂକଣ / ତେଣୁ ଏ କଂକଣକୁ କରିଣ ଗ୍ରହଣ / ମୁକ୍ତି ମୋତେ ଦିଅନ୍ତୁ ହେ ପ୍ରଭୋ ।

ବ୍ରାହ୍ମଣ: ଏକି କଥା କହୁ ଆରେ କୃଷକ କୁମର / କେମନ୍ତେ କହିବି କହ ଏ ଅନୀତିକର୍ମ, / ଯେଣୁ ତୋର କର୍ମ ବଳେ ଲଭିଅଛୁ ସୁବର୍ଣ୍ଣ କଂକଣ / ତେଣୁ ତାହା ତୋର ଯୋଗ୍ୟ ପ୍ରାପ୍ୟ ।

କୃଷକ: ନା ନା ମୁହିଁ ଅଟେ ନୀଚ ଜନ

ବ୍ରାହ୍ମଣ: କି ବଚନ ବୋଲୁଅଛୁ ତୁହି / ତୋର କର୍ମଫଳ ହରି ନେଇ / ରଚିବି ମୁଁ ଜୀବନେ ବିପନ୍ନ ? / ଶାସ୍ତ୍ରର ନିର୍ଦ୍ଦେଶମତେ କହୁଛି ବଚନ / ଶ୍ରମବଳେ ଲଭିଅଛୁ ଏ ରତ୍ନ କଂକଣ / ତେଣୁ ଅଟେ କଂକଣରେ ତୋର ଅଧିକାର ।

କୃଷକ: ଅପରାଧ କରହେ ମାର୍ଜନା / ତବ ପିତୃ ପୁରୁଷ କ୍ଷେଣୁ ମିଳିଥିବା ରତ୍ନକୁ ନେଇ / ସପ୍ତ ପୁରୁଷଙ୍କୁ ମୋର / ପାପଗର୍ଭେ ଲୀନ କରି ନପାରିବି କେବେ ।

ବ୍ରାହ୍ମଣ: ନେବୁ ନାହିଁ କଂକଣ ତୁ ତେବେ

କୃଷକ: ନା, ନନେବି ମୁଁ କଂକଣକୁ କେବେ

ବ୍ରାହ୍ମଣ: ଯିବି ତେବେ ରାଜାପାଶେ ମୁହିଁ

କୃଷକ: ବେଶ୍ କରନ୍ତୁ ବିଚାର ରାଜା / ଏ କଂକଣ କା'ର ।

\+ + + +

ରାଜା: ଆଶ୍ଚର୍ଯ୍ୟ ତେବେ କାହାର / ଏ ସୁବର୍ଣ୍ଣ କଂକଣ ?

ବ୍ରାହ୍ମଣ: ମଣିମାଙ୍କ କ୍ଷିତି ମଧ୍ୟେ / ପୋତାଥିବା ରତ୍ନରେ/ ମଣିମାଙ୍କ ଯୋଗ୍ୟ ଅଧିକାର ।

କୃଷକ: ତେଣୁ ଏ ରତ୍ନ ଗ୍ରହଣ କରିବା / ହୁଅନ୍ତୁ ମଣିମା ।

ରାଜା: ଏ କି କଥା କହୁଅଛ ଆହେ ପ୍ରଜାଗଣ / ପ୍ରଜା ସଂପତ୍ତିରେ ରାଜାର ଅଧିକାର/ ଅଟଇ ସୀମିତ । / ରାଜା ଅଟେ ପ୍ରଜାର ସେବକ କେବଳ ପ୍ରଜାପାଳନ ପାଇଁ / ରାଜନୀତି ନିୟମରେ ଯତ୍ ସାମାନ୍ୟକରଇ ଯାହା / ରାଜା ଅଧିକାର ତେଣୁ ଏ ରତ୍ନ ନିଶ୍ଚିତ ଭାବରେ ରାଜାର ନୁହେଁ

(ସମସ୍ତେ କିଂକର୍ତ୍ତବ୍ୟ ବିମୂଢ଼କାଳରେ କଳିଯୁଗ ଆସେ, ଚରିତ୍ର ବଦଳିଯାଏ)

\+ + + +

ବ୍ରାହ୍ମଣ: ଏ କଂକଣ ମୋର

କୃଷକ: ନା ମୋର

ରାଜା: ସ୍ତବ୍ଧ ହୁଅ ମୂର୍ଖ ପ୍ରଜାଗଣ ! / କ୍ଷିତି ମଧ୍ୟେ ପୋତା ଥିଲା ଏ ରତ୍ନ କଂକଣ/ ଏ କ୍ଷିତିର ମହାରାଜା ମୁଁ / ତେଣୁ ଏ କଂକଣ ମୋର/ ଦିଅ ମୋ ହାତରେ ସେ କଂକଣ ଅର୍ପଣ କରି ଯଥାଶୀଘ୍ର ଏ ସ୍ଥାନ ପରିତ୍ୟାଗ କର ।

\+ + + +

ରାଜା: (କଂକଣକୁ ହାତରେ ଧରି ଦେଖନ୍ତି) ଏ କଂକଣ କହିଦିଏ ବାରମ୍ବାର ମୋତେ / ରାଜା ନୁହେଁ ପ୍ରଜାର ସେବକ / ରାଜା ମୁହିଁ ପ୍ରଜାର ଶାସକ / ହସ୍ତେ ଧରି ଅମାପ କ୍ଷମତା / ଇଚ୍ଛାଶକ୍ତି କରି ମୁଁ ପ୍ରୟୋଗ / ଧରାକୁ ମଣିବି ସରା / ଯାବତ ଜୀବନ ।

(ଏତ ଗଲା ଅମିତ୍ରାକ୍ଷର ଶୈଳୀର ସଂଳାପ ଏହା ଅନ୍ୟ ଏକ କୌଶଳର ସଂଳାପ)

ରାଜା: କିଏ ?

ନାରୀ: ମୁଁ ଜଣେ ନାରୀ, ସୀତା ସାବିତ୍ରୀ ଦ୍ରୌପଦୀ ଆଦି ନାମରେ ମୋର ଏକ ଏକ ନିର୍ଦ୍ଦିଷ୍ଟ ଚରିତ୍ରର ପରିଧି ମାତ୍ର ।

ରାଜା: ଚରିତ୍ରର ପରିଧି ଛାଡ଼ି ପରପୁରୁଷର ଅନ୍ତଃପୁରରେ କାହିଁକି ନାରୀ ?

ନାରୀ: ଏଯାବତ୍ ଚରିତ୍ରର ପରିଧି ପରିକ୍ରମା କରି କରି କ୍ଳାନ୍ତ ହୋଇ ପଡ଼ିଛି ମହାରାଜ ।

ରାଜା: ଠିକ୍ ଅଛି, ଆଜିଠୁ ତୁମେ ଏକ ବିନ୍ଦୁ ହୋଇ ସ୍ଥିର ରହିବ, ତୁମକୁ କେନ୍ଦ୍ର କରି ପୁରୁଷମାନେ ପରିକ୍ରମା କରିବେ ।

ନାରୀ: କିନ୍ତୁ ମୋରତ ଇଚ୍ଛା ହଉଛି ମୁଁ ଦାସୀ ହୋଇ ପାଦତଳେ ଲୋଟିଯିବି, ପ୍ରେୟସୀ ହୋଇ ବକ୍ଷପରେ ଲଟେଇ ଯିବି । ଆଉ ଆଦେଶ ଦେଲେ ରକ୍ତର ସ୍ୱାକ୍ଷରକୁ ସଜେଇ ଦେବାପାଇଁ ଅଂକରେ ଶୋଇଯିବି ।

ରାଜା: ମୋତେ କିଛି ସ୍ୱପ୍ନ ଦେଇ ପାରିବ ନାରୀ ।

ନାରୀ: ମୋର ଏ ହାତରେ ଛନ୍ଦ ତୋଳିଲେ ଚନ୍ଦ୍ର ଛାତିରେ ହୃତ୍କଂପ ହୁଏ ।

ରାଜା: କି ସୁନ୍ଦର ହାତ ଯୋଡ଼ିଏ ଏହା ତମେ ମୋ ରାଜଦଣ୍ଡଠାରୁ ଲମ୍ବା ଏ ସୁନ୍ଦର ହାତ ପାଇଁ ଏ କଂକଣ କଣ ଯୋଗ୍ୟ ?

ନାରୀ: ସେ କଂକଣ ପାଇଁ ଏ ହାତର ପରା ସୃଷ୍ଟି ।

ରାଜା: ଏ ଦୈବଶକ୍ତି ସଂପନ୍ନ କଂକଣ ଯିଏ ପିନ୍ଧିବ ସେ ଚୀର ଯୌବନ ଲାଭ କରିବ ।

ନାରୀ: ଯୌବନ ତ ନାରୀର ଜୀବନ ।

ରାଜା: ଅବଶ୍ୟ (ପିନ୍ଧାଇଲେ)

ନାରୀ: ଆଃ କି ପୁଲକ ! ଆଃ କି ରୋମାଂଚ / ପାରିବ, ପାରିବ ପୁରୁଷ ମୋର ଏ ସୀମନ୍ତଟାକୁ ଲାଲ କରିପାରିବ ।

ରାଜା: ତୁମର ସେ ସୀମନ୍ତ ପାଇଁ ମୋର ସବୁତକ ରକ୍ତ ନିଗାଡ଼ି ଦେଉଛି ।

ନାରୀ: ଆଃ କି ତୃପ୍ତି... ତଥାପି ଅତୃପ୍ତ / ମୋ ମନରେ ଅସନ୍ତୋଷର ସଂକ୍ରମଣ ।

ରାଜା: ଏଇ ନିଅ କଣ୍ଠମାଳୀ

ନାରୀ: ମୋ ହାତରେ ଅସନ୍ତୋଷର ଇଂଗିତ ।

ରାଜା: ଏଇ ନିଅ ରାଜଦଣ୍ଡ

ନାରୀ: ମୋ ମସ୍ତକରେ ଅସନ୍ତୋଷର ବୋଝ

ରାଜା: ଏଇ ନିଅ ରାଜମୁକୁଟ

ନାରୀ: ମୋ ପାଦରେ ଅସନ୍ତୋଷର ଛନ୍ଦ...

ରାଜା: ପାଦ ତମ ପାଦତଳେ ମୋର / ସମସ୍ତ ସଂପଦ କ୍ଷମତା ଏବଂ ମୋ ରାଜ୍ୟ ମଧ୍ୟ ତମ ପାଦତଳେ ସମର୍ପି ଦେଲି ।

ନାରୀ: ଆଃ.. ତଥାପି.. ତଥାପି ମୁଁ ଅସନ୍ତୁଷ୍ଟ

ରାଜା: ହେ ନାରୀ ତମ ଅସନ୍ତୋଷର କଣ ଶେଷ ନାହିଁ ?

\+ + + +

ଯୁଧିଷ୍ଠିର: ଏ କଣ ? ଏ କଣ ସହଦେବ

ସହଦେବ: କଳିଯୁଗରେ ନାରୀ ପୁରୁଷ ସଂପର୍କର ଏକ ଚିତ୍ର ମାତ୍ର ।

ଯୁଧିଷ୍ଠିର: ଏ କଂକଣ ତାହେଲେ..

ସହଦେବ: କ୍ଷମତାର ପ୍ରତୀକ

ଯୁଧିଷ୍ଠିର: ସଂପତ୍ତିର ପ୍ରତୀକ

ସହଦେବ: ସର୍ବୋପରି ଯାବତୀୟ ଦୁର୍ନୀତିର ପ୍ରତୀକ

ଯୁଧିଷ୍ଠିର: ସେ କଂକଣ କଣ ଏତେ ଶକ୍ତିମାନ ?

ସହଦେବ: ଯେଉଁ କଂକଣ ଏକ ଯୁଗର ଯବନୀକା ଟାଣି ପାରିଲା ତା ଶକ୍ତି କଣ କମ୍ ?

ଯୁଧିଷ୍ଠିର: ତାରି ପାଇଁ କ୍ଷମତା ଲିପ୍ସୁ ପୁରୁଷମାନେ..

ସହଦେବ: ନାରୀ ହାତ ମୁଠାରେ ଆତ୍ମଗୋପନ କରିବେ

ଯୁଧିଷ୍ଠିର: ନାରୀମାନେ ଛଳନାମୟୀ ହେବେ

ସହଦେବ: ପୁରୁଷମାନେ କାପୁରୁଷ ହେବେ

ଯୁଧିଷ୍ଠିର: ଚରିତ୍ରର ସଂଜ୍ଞା ଏଠି ବିଚିତ୍ର

ସହଦେବ: ଆହୁରି ବିଚିତ୍ର ଏ ଯୁଗର ରୀତିନୀତି

ଯୁଧିଷ୍ଠିର: ତଥାପି ବିଚରା ପୁରୁଷମାନେ

ସହଦେବ: ସେମାନେ ମଧ୍ୟ ସୁଯୋଗ ନେବାରେ ସିଦ୍ଧହସ୍ତ । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ

ଭାଗ-୧୩

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ପୁଷ୍ପାଞ୍ଜଳି ନାୟକ

♥ ଜେଲରୋଡ, ବାଲେଶ୍ୱର-୧
(ମୋ) ୯୨୩୭୯୫୯୯୭୩



ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି ।

-ଲେଖିକା

ସେ ବାରଣ୍ଡାକୁ ଉଠିଲେ । ବଡ଼ ବଡ଼ ପଥରରେ ପାହୁଚ ତିଆରି ହୋଇଛି । ଏ ମଧ୍ୟ ବର୍ଷାଦିନେ ଘରକୁ କାଦୁଅରୁ ରକ୍ଷା କରିବାକୁ ଠାକୁରବାଙ୍କ ଅମଳର ଆଉ ଏକ ସତର୍କତା ।

ବାପା ଆଖି ବୁଜି ମାଳି ଗଡ଼ାଉଛନ୍ତି ।

ସେ ବାପାଙ୍କୁ ଖୁବ୍ ଧୀରସ୍ୱରରେ କହିଲେ, ବାପା, ମାଛ ଆଣିଛି । ଇଲିଶି ମାଛ ।

ବାପା ଉତ୍ତର ଦେଲେ ନାହିଁ ।

ହେଲେ ନଟବର ପ୍ରଧାନ ବୁଝିପାରିଲେ, ବାପା ଖୁସି ହୋଇଛନ୍ତି । ବୟସ ହୋଇଗଲା ପରେ ବାପାଙ୍କର ମାଛରେ ଖୁବ୍ ଲୋଭ । ହାଟକୁ ଗଲାବେଳେ ସେକଥା ତାଙ୍କର ମନେଥାଏ । ବାପା ଏମିତିରେ ରାତିରେ ରୁଟି ଖାଆନ୍ତି, ମାଛ ହେଲେ ଭାତ ଖାଇବାକୁ ଚାହାନ୍ତି ।

ସେ ଖନ୍ଦାଶାଳକୁ ଯାଇ ମାଛ ବ୍ୟାଗ ଓ ପରିବାବ୍ୟାଗଟା ଥୋଇଦେଇ ଦେଖିଲେ, କେହି କୁଆଡ଼େ ନାହାନ୍ତି । ଚୁଲିରେ ଫଡ଼ାଘଷି ରଡ଼ନିଆଁ ଭଳି ଦିକ୍‌ଦିକ୍ ଜଳୁଛି । ଭାତହାଣ୍ଡିର ପାଣି ଟକମକ ହୋଇ ଫୁଟୁଛି । ଚାଉଳ ପଡ଼ିନାହିଁ । ଘରର ଭୁଆବିଲେଇଟା ଘଷିଫଡ଼ା ଉପରେ ଆଖିବୁଜି ବସିଛି ।

ଭୁଆଟା ବଡ଼ ଓଲିଆ । ଏଇନା ମାଛଟାକୁ ଟାଣିନେଇଯିବ ।

ତାଙ୍କ ଅଭ୍ୟାସଗତ ରୀତିରେ ସେ ସାନଝିଅକୁ ଡାକ ଛାଡ଼ିଲେ, ମାଳ, ଆଇଲୁ ମା !

ଏଗାରବର୍ଷର ଝିଅ ମାଳତୀ ପଢ଼ାଘରରୁ ଉଠି ଆସିଲା । ତା ପଛେ ପଛେ ସାତବର୍ଷର ସାନପୁଅ ଟୁକୁନା ଓ ସାନଭାଇର ଛଅବର୍ଷର ପୁଅ ବାବୁଲା ।

ପିଲାମାନେ ମନଖୁସିରେ ପାଟି କରି ଉଠିଲେ, ମାଛ ! ମାଛ !

ନଟବର ପ୍ରଧାନ ଝିଅକୁ କହିଲେ, ମାଆକୁ କହ ହାଣ୍ଡିରେ ଚାଉଳ ପକାଇବାକୁ । ପାଣିଫୁଟୁଛି ।

ମାଳତୀ ଘରଭିତରକୁ ଯାଇ ପୁଣି ଫେରିଆସିଲା । କହିଲା, ମା କହୁଛି, ରାନ୍ଧିବ ନାହିଁ

ସେ ବୁଝିପାରିଲେ, କଳିଚରମକୁ ଉଠିଛି । ରାଗ ବେଶି ନ ହେଲେ ସୌଦାମିନୀ ରୋଷେଇ ବନ୍ଦ କରେ ନାହିଁ ।

ସୌଦାମିନୀର ସବୁ ଗୁଣ ଭଲ, ଏଇ ଗୋଟିଏ ଦୁର୍ଗୁଣ ଛଡ଼ା । ସାନଜାଆ ସରସ୍ୱତୀକୁ ସେ ଭଲପାଏ ନାହିଁ । ଅଥଚ ସରସ୍ୱତୀ ସାମନ୍ତରାପୁର ଚୌଧୁରୀଙ୍କ ସବା ସାନଝିଅ । ଚୌଧୁରୀ ତାଙ୍କ ମାମୁଁଙ୍କର ଘନିଷ୍ଠ ବନ୍ଧୁ ଥିଲେ । ଅଚାନକ ସେ ଚାଲିଯିବା ପରେ ମାମୁଁଙ୍କ ଅନୁରୋଧ କ୍ରମେ ପିତୃହୀନ, ଅନାଥ ସରସ୍ୱତୀକୁ ସେ ସାନଭାଇ ଅଶ୍ୱିନୀ ସହ ବିବାହ କରାଇ ଘରକୁ ଆଣିଥିଲେ ।

ଅଶ୍ୱିନୀଟା ପାଠଶାଠ ପଢ଼ିଲା ନାହିଁ । ବିଶେଷ କରି ଗୋଟିଏ ଆଖି ଅଚାନକ ଚାଲିଯିବା ପରେ ତା ଉପରେ ବି ସେ ପଢ଼ାପଢ଼ି ଲାଗି ଜୋର ଦେଇନଥିଲେ । ଡାକ୍ତରଙ୍କର ବାରଣ ଥିଲା । ସାମାନ୍ୟ ଛତାଶିକରୁ ଏତେ ବଡ଼ କାଣ୍ଡଟା ଘଟିଯିବ ବୋଲି କିଏ ଭାବିଥିଲା ।

ଏବେବି ଅଶ୍ୱିନୀର ଆଖି ନଷ୍ଟଲାଗି ସେ ନିଜକୁ ଅପରାଧୀ ମନେକରନ୍ତି । କାହିଁକି ସେ ସେଦିନ ତାକୁ ତୁରନ୍ତ ଡାକ୍ତରଖାନାକୁ ନେଲେ ନାହିଁ । ସାଇ ପଡ଼ିଶାଙ୍କ କଥାକୁ ବିଶ୍ୱାସକରି ଗୁଜିଗେଣ୍ଡା ରସ ତା ଆଖିରେ ପକାଇଲେ ?

ଆଖିଫୁଲା କମିଲା ନାହିଁ । ଆଖି କ୍ରମଶଃ ରକ୍ତଭଳି ଲାଲ ହୋଇଗଲା ତିନିଦିନ ପରେ ଆଖି ହାସପାତାଳକୁ ତାକୁ ନେଇଗଲା ବେଳେକୁ ସର୍ବନାଶ ହୋଇଯାଇଛି ।

ଅନେକ ଚେଷ୍ଟା କରିଥିଲେ ନଟବର ପ୍ରଧାନ । ଅଶ୍ୱିନୀକୁ ନେଇ କଟକ ଯାଇଥିଲେ । ସବୁ ବଡ଼ ବଡ଼ ଡାକ୍ତର ଦେଖାଇଥିଲେ । ସମସ୍ତଙ୍କର ସେଇ ଗୋଟାଏ କଥା, ଅଶ୍ୱିନୀର ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।

ମନେ ମନେ ସେ ପ୍ରତିଜ୍ଞା କରିଥିଲେ, ତାଙ୍କ ଅବହେଳାରୁ ଅଶ୍ୱିନୀର ଗୋଟାଏ ଆଖି ନଷ୍ଟ ହୋଇ ଯେଉଁ କ୍ଷତି ହେଲା, ତାକୁ ସେ ଜୀବନ ଦେଇ ଭରଣା କରିବେ । ଅଶ୍ୱିନୀ ଯେମିତି କେତେବେଳେ ନଭାବେ, ସେ କଣା ।

ଏ ପ୍ରତିଜ୍ଞା ପଛରେ ଅନ୍ୟ ଏକ କାରଣ ଥିଲା । ଅଶ୍ୱିନୀ ତାଙ୍କର ସାବତଭାଇ ।

ନିଜ ମାଆ କଥା ତାଙ୍କର ମନେ ନାହିଁ । ଜ୍ଞାନ ହେଲାବେଳକୁ ସେ ଜାଣିଥିଲେ ଯାହାକୁ ସେ ମାଆ ବୋଲି ଭାବିଆସିଛନ୍ତି, ସେ ତାଙ୍କର ସାବତ-ମାଆ । ସେ ସାତଦିନର ହୋଇଥିବାବେଳେ ତାଙ୍କ ମା ସୂତିକା- ଜ୍ୱରରେ ଚାଲିଯାଇଥିଲା ।

ହେଲେ ନଟବର କେବେ ବି ଅନୁଭବ କରିନାହାନ୍ତି, ସାନମାଆ ତାଙ୍କର ମା ନୁହେଁ ବୋଲି । ଠିକ୍ ମା ଭଳି ସେ ତାଙ୍କୁ ବଢ଼ାଇଥିଲା । ବରଂ ଅଶ୍ୱିନୀ ଅପେକ୍ଷା ତାଙ୍କପ୍ରତି ତାର ଦୁର୍ବଳତା ଟିକେ ବେଶି ଥିଲା। ସବୁବେଳେ କହୁଥିଲା, ମୋର ଦୁଇଟି ଆଖି, ଗୋଟିଏ ନଟ ଆରଟି ଅଶ୍ୱିନୀ !

ଅଶ୍ୱିନୀ ମ୍ୟାଟ୍ରିକ୍‌ରେ ଦୁଇଦୁଇଥର ଫେଲ ହେବା ପରେ ସେ ତା'ଲାଗି ଧାନକୁଟା ମେସିନଟିଏ ବସାଇ ଦେଇଥିଲେ । ସନ୍ଧ୍ୟାରେ ସେ ମେସିନ ଖୋଲେ । ତା ଛଡ଼ା ପାନବରଜ କଥା ଆଉ ପାହିଜମି କଥା ମଧ୍ୟ ବୁଝେ । ଗାଁର ନ୍ୟାୟ ନିଶାପ ଆଉ ଏବେ କ୍ଷେପଣାସ୍ତ୍ର ଘାଟୀ କାମରେ ବ୍ୟସ୍ତ ରହି ସେ ଆଗଭଳି ଗାଁ ଜମି କଥା ବି ବିଝିପାରିନ୍ତିନି । ଅଶ୍ୱିନୀ ତାଙ୍କର ଡାହାଣ ହାତ ।

ଅଥଚ ସୌଦାମିନୀ ଦିନକୁଦିନ କେମିତି ହୋଇଯାଇଛି ଯେମିତି । ଦୁଇବୋହୂଙ୍କ ମଧ୍ୟରେ ଯଦି ଏମିତି ଫାଟ ବଢ଼ିଚାଲେ, ତିନିପୁରୁଷର ଏଇ ଘର ଭାଙ୍ଗିଯିବାକୁ କେତେ ଡେରି ?

ମାଳ ଡାକିଲା, ବାପା, ଖୁଡ଼ୀ ଆସନ ପକାଇଲାଣି ତମେ ହାତଗୋଡ଼ ଧୋଇ ଆସ ।

ସେ ମୃଦୁ ହସିଲେ । ଉତ୍ତର ଦେଲେ, ନା ମୁଁ ବାଲିଆପାଳ ବଜାରରେ ଜଳଖିଆ କରିଆସିଛି । ଭୋକ ନାହିଁ । ଖୁଡ଼ୀକୁ କହ, ଶୀଘ୍ର ରନ୍ଧାବଢ଼ା ସାରିବାକୁ । ମତେ ବଡ଼ିଭୋଅରୁ ବାଲେଶ୍ୱର ଯିବାକୁ ହେବ । ସଭା ଅଛି ।

ସେ ଜାମା ଓ ଧୋତି ବଦଳାଇବାକୁ ଶୋଇବାଘରକୁ ପଶିଗଲେ ।

ସୌଦାମିନୀ ପିଲାଙ୍କ ଉପରେ ମୁହଁମାଡ଼ି ସୁକସୁକ୍ ହୋଇ କାନ୍ଦୁଥିଲେ । ତାଙ୍କୁ ଦେଖି ଉଠିବସିଲେ । ସେ ଥରଟିଏ ଆଡ଼ଆଖିରେ ତାଙ୍କୁ ଅନାଇ ଈଷତ୍ କଠୋର କଣ୍ଠରେ କହିଲେ, କଣ ହୋଇଛି ? ଏମିତି ପିଲାଙ୍କ ଭଳି କଅଣ ହେଉଛି ?

ସୌଦାନିମୀ ଉତ୍ତର ଦେଲେ, ମୁଁ ଏ ଘରେ ରହିବି ନାହିଁ । ତୁମେ ସେମାନଙ୍କଠାରୁ ଭିନେ ହୋଇଯାଅ । ମୁଁ ଏତେ ଖଟିପାରିବିନି କି ଏତେ କଥା ସହିପାରିବିନି ।

ନଟବର ପ୍ରଧାନ ଗାମୁଛାଟା ପିନ୍ଧୁ ପିନ୍ଧୁ ନିରାସକ୍ତ କଣ୍ଠରେ କହିଲେ, କେତେଥର କହିଛି, ଏସବୁ ଛୋଟକଥା ଶୁଣିବାକୁ ମୋର ସମୟ ନାହିଁ । ମୋ ମୁଣ୍ଡରେ ଅଲଗା ଚିନ୍ତା ଖେଳୁଛି ଯାଅ, ସରସ୍ୱତୀ ସେଠି ଏକା ହଇରାଣ ହେଉଛି । ମାଛ ଆଣିଛି ।

ସୌଦାମିନୀ ଚିହିଁକି ଉଠିଲେ, ହେଉ ହଇରାଣ, ମୁଁ କଅଣ ଏ ଘରେ କମ୍ କାମ କରୁଛି ? ସକାଳୁ ବାସୀକାମ କରିବି, ଗରା, ହାଣ୍ଡି ପାଣିରେ ଭର୍ତ୍ତି କରିବି, ପିଲାଙ୍କ ଲାଗି ଅଗାଧୁଆ ଭାତ ଫୁଟାଇବି, ଆଇଲାଗଲା କଥା ବୁଝିବି, ଛୁଞ୍ଚ ଛଡ଼ା, ଗୁହାଳଗୋବର, ସିଝାସୁକା ସବୁ କରିବି, ହେଲେ ମହାରାଣୀ ଖାଲି ଭାତ ଦି'ଟା ଫୁଟାଇଦେଲେ ନିହାଲ ! ସେଥିକୁ କିଛି ଭଲମନ୍ଦରେ କହିଲେ ବାଘୁଣୀ ଭଳି ଚଢ଼ି ଆସିବ ! ଆଜି ମୋ ମୁହଁରେ କହିଲା, ସେ କୁଆଡ଼େ ତା ଘଇତା ରୋଜଗାରରେ ଚଳୁଛି । ଅଶ୍ୱିନୀ ବାହୁବଳରେ କୁଆଡ଼େ ଆମର ଏ ଭରା ଅମାର !

ନଟବର ପ୍ରଧାନ ଚମକି ଉଠିଲେ, ସାନବୋହୂ ଏକଥା କହିଛି ?

ସୌଦାମିନୀ ରାଗକଣ୍ଠରେ କହିଲେ, ଆଉ ମୁଁ କଅଣ ମିଛ କହୁଛି ? ମଉନମୁହିଁ କମ୍ ନୁହେଁ । ନା, ତମେ ଭିନେ ହୋଇଯାଅ ।

ନଟବର ପ୍ରଧାନ ଶାନ୍ତଭାବରେ ଉତ୍ତର ଦେଲେ, ପିଲାଲୋକ ରାଗମଥାରେ ହୁଏତ ଏକଥା କହିଦେଇଛି, ଏସବୁ ଧରିବସିଲେ ସଂସାର ଚଳେ ନାହିଁ । ଯଦି ନସହିବ, ବଡ଼ ହୋଇଥିଲ କଅଣ ପାଇଁ, ଆଉ ଭିନେ ହେବା କଥା ଯେ କହୁଛ, ସେଥିଲାଗି ଘରଦ୍ୱାର, ଜମିବାଡ଼ି ଥିଲେତ ? କ୍ଷେପଣାସ୍ତ୍ର ଘାଟୀ ଲାଗି ଯେଉଁ ଶହେ ତିରିଶଟି ଗାଆଁ ଯାଉଛି, ଆମ ଗାଆଁ ତା ମଧ୍ୟରୁ ଗୋଟିଏ। ଭିନେ ହେବା କଥା ଭୁଲିଯାଇ ଗାଆଁ କେମିତି ରହିବ, ସେଥିଲାଗି ବରଂ ଠାକୁରଙ୍କୁ ଡାକ !

ନିଆଁରେ ପାଣି ଦେଲାଭଳି ନଟବରଙ୍କ କଥାରେ ସୌଦାମିନୀ ଚୁପ ହୋଇଗଲେ ।

॥ ଷୋହଳ ॥

ବାଲିଆପାଳ ସରକାରୀ ଡାକ୍ତରଖାନାରେ ପିଅନ ପ୍ରଭାକର, ଧାଇ ଚନ୍ଦ୍ରମଣି ଓ ସୁଇପର ଭୀମମୁଖୀ ଗପସପରେ ମାତିଥିଲେ ।

ଦିନ ଦଶଟା ହେବ । ଡାକ୍ତରଖାନାରେ ରୋଗୀ ନାହାନ୍ତି । ଡାକ୍ତରବାବୁ ଓ କମ୍ପାଉଣ୍ଡର ବାବୁ କାଗଜପତ୍ର କାମ କରୁଛନ୍ତି ।

ପ୍ରଭାକର ସାହୁ ଜାତିରେ ତେଲି । ଘର ପ୍ରତାପପୁର । ବୟସ ପଞ୍ଚାବନ ପାଖାପାଖି ହେବ । ଗୋରା ତକତକ ରଙ୍ଗ । ମଥାରେ ବାଳ ବେଶି ନାହିଁ । ପିଲାପିଲି ସାତ । ଦେଖିବାକୁ ମୋଟାମୋଟି । ସାଇକେଲରେ ରୋଜ ସକାଳେ ଆସେ ଟିଫିନ କ୍ୟାରିଅରରେ ଭାତ ଆଣିଥାଏ । ସେତକ ଦ୍ୱିପ୍ରହରରେ ଖାଇ ସେଇ ଡାକ୍ତରଖାନା ବାରଣ୍ଡାରେ ରୋଗୀ ବସିବା ପାଇଁ ଥିବା ବେଞ୍ଚରେ ବସିପଡ଼େ ।

ଭୀମମୁଖୀର ବାଲିଆପାଳ ହାଡ଼ିସାହିରେ ଘର । ଦୁଇ ସ୍ତ୍ରୀ । ଏବେ ଆଉଜଣକୁ ଚୁପି ଚୁପି ବାହା ହୋଇଛି । ତା ଘର ଜାମୁକୁଣ୍ଡା ଲକ୍ ପାଖରେ । ତେବେ ଆଉ ଏବେ ଆଉ କଥାଟା ଗୋପନ ନାହିଁ । ତିନି ଭାରିଜାଙ୍କୁ ନେଇ ସେ ବଡ଼ ଦହଗଞ୍ଜ ହେଉଛି । କଳା ରଂଗ । ବାଙ୍ଗର ଗୋଲଗାଲ ଚେହେରା । ମଥାରେ ବେଶ୍ ଗହଳ ବାଳ, ସେଥିରୁ ଅଧେରୁ ବେଶି ପାଚିଗଲାଣି । ପିଲାପିଲି ଆଠ, ସେଥିକୁ ଆଷାଢ଼ ମାସ । ବଜାର ଗରମ । ଘରେ ସବୁଦିନେ କୁରୁକ୍ଷେତ୍ର । ଦୁଇ ଭାରିଜାଙ୍କ କଟୁକ୍ତିରୁ ରକ୍ଷା ପାଇବା ପାଇଁ, ପିଲାମାନଙ୍କ କିଚିରିମିଚିରିରୁ ତ୍ରାହି ପାଇବାକୁ ଅବା ଧାରଦେଇଥିବା ଦୋକାନୀମାନଙ୍କ ଗାଳି, ଅପମାନରୁ ରକ୍ଷା ପାଇବା ଲାଗି ଏଇ ଡାକ୍ତରଖାନା ହିଁ ତା'ର ଏକମାତ୍ର ଆଶ୍ରୟ । ସକାଳ ଆଠରୁ ସନ୍ଧ୍ୟା ଛଅଯାଏ ସେ ଏଇଠିଥାଏ । ସନ୍ଧ୍ୟାରେ ଧାଇ ଚନ୍ଦ୍ରମଣି ଅବା ଡାକ୍ତରବାବୁ, କମ୍ପାଉଣ୍ଡରବାବୁଙ୍କ ବସାରେ ବସେ । ସେଇଠି ଚା'ପାଣି ମିଳିଯାଏ । ଅଧେଦିନ ଜଳଖିଆ, ଭାତ ବି ହୋଇଯାଏ । ବେଶି ରାତି ହେଲେ ସେ ଘରକୁ ଯାଏ । ଘରକୁ ତା'ର ଭୟ ।

ଧାଇ ଚନ୍ଦ୍ରମଣିର ବୟସ ପଇଁଚାଳିଶ ହେବ । ବାଲ୍ୟବିଧବା । ପରେ ଜଣେ ଡାକ୍ତରଖାନାର ପିଅନକୁ ବାହା ହୋଇଥିଲା, ସେ ପିଅନ ଏବେ ଆଉ ଠାଏଁ ବାହା ହୋଇଯାଇଛି । ସମ୍ପର୍କ ନାହିଁ । ବୁଢ଼ୀ ମାଆ, ବୁଢ଼ା ବାପା ଛଡ଼ା ତା'ର କେହି ନାହାନ୍ତି । ତା'ର ବି ଏଇ ଡାକ୍ତରଖାନା ବଡ଼ ଆଶ୍ରୟ । (କ୍ରମଶଃ)

## ଦୁଇଟି ଗପ

ଅଣୁ ଗଳ୍ପ



ନଗେନ୍ଦ୍ର ନାଥ ପଟ୍ଟନାୟକ

### ॥ ଘୃଣା ନୁହେଁ, ପ୍ରେମକର ॥

ଜେନ ସନ୍ଥ ବେନକୋଇ ନିଜ ସଂପୂର୍ଣ୍ଣ ଜୀବନକୁ ସମର୍ପିତ କରିଦେଇଥିଲେ । ବିଶେଷକରି ବାଳକ ଓ କିଶୋରଙ୍କୁ ଶିକ୍ଷାଦାନ, ଅନୁଶାସନ ଓ ସଂସ୍କାର କରିବା ଭଳି ମହତ କାର୍ଯ୍ୟରେ । ଆଶ୍ରମରେ ନିଜ ଶିଷ୍ୟଙ୍କ ମେଳରେ ରହି ସେମାନଙ୍କୁ ସଭ୍ୟ, ଶିକ୍ଷିତ ଓ ଅନୁଶାସିତ କରାଉଥିଲେ । ପ୍ରତିଟି ଆଚରଣ ଓ ଉଚ୍ଚାରଣରେ ସଭିଙ୍କୁ ପ୍ରେମକର, ଭଲପାଅ ବୋଲି ସଦାବେଳେ ଉପଦେଶ ଦେଉଥିଲେ ସେ । ନାଚାର, ଅସହାୟ ଓ ନିରାଶ୍ରିତଙ୍କୁ ଉତ୍ସର୍ଗୀକୃତ ସେବା କରିବା ପ୍ରତ୍ୟେକ ବ୍ୟକ୍ତିର ପରମ ତଥା ପ୍ରଥମ କର୍ତ୍ତବ୍ୟ ।

ସବୁଦିନ ସମାନ ଯାଏନା କି ଚୋରଘର ସବୁଦିନେ ଅନ୍ଧାର ହୁଏନା । ଦିନେ ସମସ୍ତଙ୍କ ଆଖିରେ ଧୂଳିଦେଇ ଚୋରି କରୁଥିବା ଚୋରଟି ଶେଷରେ ଧରାପଡିଗଲା, ତା ପୁଣି ସନ୍ଥଙ୍କ ଆଖିରେ । ସନ୍ଥ ତାକୁ ଚୌର୍ଯ୍ୟବୃତିର ମନ୍ଦଗୁଣ ଓ କୁପରିଣତି ସଂପର୍କରେ ବହୁତ ବୁଝାଇଲେ । ପରେପରେ ତାକୁ କ୍ଷମାକରି ଛାଡିଦେଲେ । ଏଥିପୂର୍ବରୁ ବି ସେ ଉଦ୍ଧତ ବାଳକଟି ଫେର୍ ଚୋରି କଲା । ଦେଖୁ ଦେଖୁ ଅନ୍ୟ ଜଣେ ଶିଷ୍ୟ ତାକୁ ଚଟକିନା କାବୁ କରିନେଲା । ଭିଡିନେଇ ପୁଣି ଗୁରୁଙ୍କ ପାଖରେ ଛିଡା କରେଇଲା । ସନ୍ଥ ତାକୁ ପୁନର୍ବାର କ୍ଷମା କରିଦେଲେ । ଏକଥା ଦେଖି ଶିଷ୍ୟଗଣ ଖପ୍ପା ହୋଇଗଲେ । ସଭିଏଁ ଉତେଜିତ ହେଇ ଏକସ୍ୱରରେ କହିପକାଇଲେ –ଗୁରୁଦେବ, ଆପଣ ଏ କଣ କଲେ ? ଯାକୁ କୌଣସି ସଜାରେ ଦଣ୍ଡିତ ନ କରି କଣ ଛାଡିଦେଲେ ? ଏମିତି କଲେ ଯାର କୁପ୍ରବୃତି ବଦଳିବ କେମିତି ? ଯେ ତ ବରାବର ଏମିତି ଚୋରି କରିଚାଲିବ, ଆପଣ ଯାକୁ ମାଫ କରୁଥିବେ । ଆଗକୁ ଯଦି ଏମିତି ଚାଲେ ଆମେ ସମସ୍ତେ ଆପଣଙ୍କ ଏଇ ଆଶ୍ରମ ଛାଡି ଚାଲିଯିବାକୁ ଏକପ୍ରକାର ବାଧ୍ୟହେବୁ । ନିମିଷକେ ନୀରବ ରହି ସନ୍ଥ କ୍ରୁଦ୍ଧ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ବିନମ୍ରତାର ସହ ସେମାନଙ୍କୁ ବୁଝାଇ କହିଲେ - ମୁଁ ଏକଥା ମାନୁଛି ଯେ ତୁମେମାନେ ସବୁ ଉତ୍ତମ ଗୁଣସମ୍ପନ୍ନ ଓ ସଂସ୍କାରୀ, ହେଲେ ଏଇ ଅବୋଧ କିଶୋର ନିଜର କୁପ୍ରବୃତିସଂପନ୍ନ ପିତା ଓ ଭାଇଙ୍କ ଦ୍ୱାରା ସଂପୂର୍ଣ୍ଣ ଭାବେ ପଥଭ୍ରଷ୍ଟ ହୋଇଯାଇଛି । ମୁଁ ଯାକୁ ଏଇଠିକୁ ନେଇଆସିଛି ଖାସକରି ସୁଧାରିବା ଓ ସଂସ୍କାରିତ କରିବା ଉଦ୍ଦେଶ୍ୟରେ । ମୁଁ ଏ କଥା ବେଶ୍ ଭଲ ଭାବରେ ଜାଣେ । ତୁମେ ଯଦି ମୋ ଆଶ୍ରମରୁ ଚାଲିଯାଅ ତେବେ ଅନ୍ୟ ଯେ କୌଣସି ଗୁରୁଙ୍କଠାରୁ ଶିକ୍ଷା ପ୍ରାପ୍ତ କରିପାରିବ । ହେଲେ ଏଇ ଉପରମୁହାଁ ବାଳକଟିକୁ କିଏ ରଖିବ । ଯାକୁ ସୁଧାରିବାର ସୁଯୋଗ କାହାକୁ ବା ମିଳିବ ।

ସେ କିଶୋର ଜଣକ ସନ୍ଥଙ୍କ ତୁଣ୍ଡକଥାକୁ ମନଦେଇ ଶୁଣୁଥିଲା ବେଳେ ତା ଆଖି ଯୋଡକି ଛଳଛଳ ହୋଇଗଲା । ଏଣିକି ଆଉ ଚୋରି କରିବନି ବୋଲି ଉପସ୍ଥିତ ସମସ୍ତଙ୍କ ସମ୍ମୁଖରେ ବଜ୍ର ଶପଥ ନେଲା ।

### ॥ ଅନ୍ଧ ଓ ବାଉଁଶ ଲଂଠନ ॥

କଥାଟି ସେ କାଳରେ । ଜାପାନ ଦେଶରେ କିଟିକିଟି ଅନ୍ଧାର ରାତିରେ ମାର୍ଗ ଖୋଜିବା ସକାଶେ ବ୍ୟବହାର ହେଉଥିଲା ବାଉଁଶ ତିଆରି ଲଂଠନ । ଏ ରକମର ଲଂଠନ ଭିତରେ ଆଲୁଅ ବୁଣିବା ପାଇଁ ଥିଲା ମିଂଜିମିଂଜି ହୋଇ ଜଳୁଥିବା ମହମବତୀ । ନରମ ବାଉଁଶରେ ତିଆରି କାଗଜ ଜଳନ୍ତା ମହମବତୀ ଲିଭେଇବାକୁ ଦେଉନଥିଲା । ଥରେ ଜଣେ ଅନ୍ଧବ୍ୟକ୍ତି ନିଜର କେହିଜଣେ ପରିଚିତ ଲୋକଙ୍କ ସହିତ ଭେଟିବାକୁ ଗଲେ । ଦିଜଣଯାକ ପୁରୁଣା ଘନିଷ୍ଠ ସାଙ୍ଗ । ଦୁହେଁ ପରସ୍ପର ଖୁବ୍ ମାତିଗଲେ ଆଳାପରେ । ଅନ୍ତରଙ୍ଗ ଗପସପ ଭିତରେ କେତେ ଯେ ସମୟ ବିତିଗଲା ଜଣାପଡିଲା ନାହିଁ ।

ଦେଖୁ ଦେଖୁ ଚାରିଆଡେ କାଳି ଅନ୍ଧାର ଛାଇ ହୋଇଗଲା । ଦୃଷ୍ଟିହୀନ ବ୍ୟକ୍ତିଜଣକ ଘରମୁହାଁ ହେବାକୁ ଉଠିଲାବେଳେ ତାଙ୍କ ସାଙ୍ଗ କହିଲେ –ହେ ବନ୍ଧୁ, ଟିକେ ରହିଯାଅ, ମୁଁ ତୁମକୁ ଲଂଠନ ଆଣି ଦେଉଛି, ଯଦ୍ୱାରା ଘନଘୋର ଅନ୍ଧାରରେ ବି ତୁମର କିଛି ଅସୁବିଧା ହେବନି । କୌଣସି ଅପ୍ରିତିକର ଓ ଅଭାବିତ ପରିସ୍ଥିତିକୁ ସାମନା କରିବାକୁ ପଡିବନି ତୁମକୁ । ଅନ୍ତରଙ୍ଗ ମିତ୍ରଙ୍କ ତୁଣ୍ଡରୁ ଏକଥା ପଦକ ଶୁଣିବାକ୍ଷଣି ନେତ୍ରହୀନ ବ୍ୟକ୍ତିଙ୍କ ଚେହେରାରେ ନିରାଶା ମିଶା ସ୍ମିତହସ ପହଁରିଗଲା । ଉଦାସ କଂଠରେ ସିଏ କହିଲେ –ତୁମେ ବେଶ୍ ଭଲକରି ଜାଣ ଯେ ମୁଁ ନିଜ ଚର୍ମ ନେତ୍ରରେ ଦେଖିପାରେନି ବୋଲି । ମୋ ପାଇଁ ଆଲୁଅ ଯାହା କଳା ମଚମଚ ଅନ୍ଧାର ବି ସେଇଆ । ତାଙ୍କ ତୁଣ୍ଡରୁ କଥା ନ ସରୁଣୁ ବନ୍ଧୁ ଜଣକ ତାକୁ ବୁଝାଇଲେ– ମୁଁ ତୁମକୁ ବୁଝେଇବାକୁ ଏକପ୍ରକାର ବାଧ୍ୟ, କିନ୍ତୁ ମୁଁ ଏ ଲଂଠନ ଦେଉଛି ଏଇଥିପାଇଁ ଯେ ତୁମେ ଯେମିତି ଅନ୍ୟ ବ୍ୟକ୍ତିଙ୍କ ଦେହରେ ବାଡେଇ ହୋଇ ନ ଯାଅ । ଏହାପରେ କଥାକୁ ଆଉ ଆଗକୁ ନ ବଢାଇ ନେତ୍ରହୀନ ବ୍ୟକ୍ତିଟି ଲଂଠନ ହାତରେ ଧରି ବାହାରିପଡିଲେ ସେଠୁ । ବ୍ୟକ୍ତିଟି ଦୃଷ୍ଟିଶକ୍ତି ହାରଇଥିଲେ ସିନା ପ୍ରକୃତି କିନ୍ତୁ ତାଙ୍କୁ ଅନ୍ୟ ଇନ୍ଦ୍ରିୟ ଶକ୍ତିକୁ ବଢାଇ ସେ ଅଭାବକୁ ଭରଣା କରି ଦେଇଥିଲେ । ନିଜର ପ୍ରଖର ସ୍ମୃତି ଓ ଶ୍ରବଣ ଶକ୍ତି ବଳରେ ସେ ଅନାୟାସରେ ମାର୍ଗ ଖୋଜିନେଲେ । ତେବେ ବହୁତ ଦୂର ଗଲାପରେ ଆଉ ଜଣେ ବ୍ୟକ୍ତି ତାଙ୍କ ଦେହରେ ବାଡେଇ ହୋଇଯିବା ଦ୍ୱାରା ସେ ଗୁରୁତର ଭାବେ ଆହତ ହୋଇଗଲେ । ସିଏ ସାମାନ୍ୟ ବିସ୍ମୟଭରା ଗଳାରେ ଧକ୍କା ଦେଇଥିବା ଅଚିହ୍ନା ଲୋକଟିକୁ ପଚାରିଲେ – ମହମବତୀ ଜଳିଜଳି ସରିଯାଇଛି ମୋ ସାଙ୍ଗ । ଏ ଲଘୁକଥାର ମର୍ମ ହେଲା ସାଧନା ମାର୍ଗରେ ଆଧ୍ୟାତ୍ମିକ ଦୁନିଆ ପାଇଁ ଆମେ ନେତ୍ରହୀନ ଗୁରୁଙ୍କୁ ଆଧ୍ୟାତ୍ମିକ ଶକ୍ତିର ଆଲୋକ ପ୍ରଦାନ କରି ମାର୍ଗ ପ୍ରଦର୍ଶିତ କରିବା ଉଚିତ । ମାତ୍ର ଏ ଆଲୋକକୁ କାଏମ ରଖିବା ଲାଗି ଆମକୁ ନିଜର ଦାୟକୁ ତୁଲାଇବାକୁ ପଡିବ ।

♥ ୯୯୯-୩, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮



# କବି ରତ୍ନାକରଙ୍କ ନିଃଶ୍ୱାସର ଅନାଗତ ସ୍ପନ୍ଦନ ହିଁ 'ପୁନଷ୍ଟ ସମୁଦ୍ର'




ଡ.ରାଧାରଂଜନ ପଟ୍ଟନାୟକ

(ପୂର୍ବ ପ୍ରକାଶିତ ଉତ୍ତାରୁ)

କବିଙ୍କ ଦୃଷ୍ଟିରେ ସମୁଦ୍ର ସବୁବେଳେ ଏକ ଅବୁଝା, ଅପଢ଼ା ଅଧ୍ୟାୟ । ସେ ବି ଅବୋଧ ସଙ୍ଗୀତ । ଏ ସବୁ ପରେବି ଅଜଣା ପକ୍ଷୀର ଗୀତ ପରି ସଭିଙ୍କୁ ପୁଲକିତ କରିପାରେ । ଏକ ପ୍ରଶାନ୍ତିର ପରିବେଶ ସର୍ଜନା ବି ସୃଷ୍ଟି କରିପାରେ । ସାଗର କେଉଁ ଅମାପ ଗର୍ଭରେ ଜୀବନର ଉତ୍ସ ଅଛି ବୋଲି କବି ବିଚାର କରିଛନ୍ତି । ଏଥିପାଇଁ ହୁଏତ ସେ କହନ୍ତି- 'ସାଗର ଅଥଳ ବୁକୁରେ /କେଉଁଠାରେ ଛାପିଥାଏ ଜୀବନର ଉତ୍ସ' । (ପୃଷ୍ଠା-୩୧)

ଏଇ ମାଟି, ଏଇ ପାଣି, ଏଇ ପବନ। ସଭିଙ୍କର ଅତି ଆପଣାର ସଭିଏଁ ଏଇଠି ବଢନ୍ତି, ଜିଅନ୍ତି, ପୁଣି ହଜିଯାନ୍ତି ଆକାଶର ତାରା ପରି ।ଏଠାରେ କବି ଅସ୍ଥାୟୀ ଜୀବନର କଥା କହିଛନ୍ତି । ପାହାନ୍ତି ତାରା ଏକ ଦୃଶ୍ୟମାନ ଚିତ୍ରକଳ୍ପ ଭିତରେ ମଣିଷ ଜୀବନକୁ ତୁଳନା କରିଛନ୍ତି । ପାହାନ୍ତି ତାରା ଯେମିତି ମୁହୂର୍ତ୍ତକ ପାଇଁ ଆସେ ପୁଣି ଉଭାନ ହୋଇଯାଏ, ଠିକ ସେହିପରି ମଣିଷର ଜୀବନ।

ଏମିତି ଜୀବନ ନେଇ ବଞ୍ଚୁଥିବା ମଣିଷ କଣ ସମୁଦ୍ରକୁ ଠିକ ଭାବେ ଦେଖି ପାରେ ନା ବୁଝିପାରେ ?ନା ତାର କଳେବର କୁ ମାପି ପାରେ ? ? ବୋଧହୁଏ ଏଇମିତି ଏକ ଭାବ କେନ୍ଦ୍ରକୁ ନେଇ କବି କହନ୍ତି-'ସମୁଦ୍ର କୁ ଦେଖି କିଏ କଣ କେବେ ପଢିପାରେ/ ମନ ତଳେ ଛପି ଥିବା ତାର କେତେ ବ୍ୟଥା/ କେତେବେଦନା/ କିବା କଳିପାରେ ତାର କଳେବର/ କେତେ ଶକ୍ତି/ କେତେ ଅପଶକ୍ତି/ କେତେ ଶାନ୍ତ କେତେ ପ୍ରତିଶ୍ରୁତି ।'(ପୃଷ୍ଠା-୩୬)

ସମୁଦ୍ର କିଛି ନିଏନି ।ସବୁ କିଛି ଦେଇ ଦିଏ। ଉତ୍ସର୍ଗୀକୃତ ଜୀବନ ତାର । ଏକ ସମର୍ପଣ ଭାବର ପ୍ରତୀକ ହିଁ ସମୁଦ୍ର । ତା ମନରେ ନାହିଁ ଲାଳସା । ନାହିଁ ପୁଣି ଆଶା ଓ ଆକାଂକ୍ଷା । ଏସବୁ ପରେ ବି ସମୁଦ୍ର ଆଖିରେ ନିଆଁ । ତା ଆତ୍ମାର ଦୁର୍ବାର ଅତୃପ୍ତି।

କେବଳ ସହବାସ ଇଛାର ରାଜୁତି । ଏମିତି ଏକ ନିବିଡ଼ ତତ୍ତ୍ୱ ସମୁଦ୍ରକୁ କରେ ଆନମାନା । ନାରୀ ପରି ସେ ଚାହେଁ ଟିକେ ଶ୍ରଦ୍ଧା, ଟିକେ ନିବିଡ ଅଶ୍ଳେଷ । କିନ୍ତୁ କୃତଘ୍ନ ମଣିଷ ନିଜ ସ୍ୱାର୍ଥ ପାଇଁ ବାରମ୍ବାର ଅତ୍ୟାଚାର କରିଚାଲେ । ଏମିତି ଦୃଶ୍ୟ କବିଙ୍କୁ ବିଚଳିତ କରିଛି ।

ଗୋଟିଏ ପାର୍ଶ୍ୱ ରେ ସମୁଦ୍ର ର ଭଲ ପାଇବା ପୁଣି ଅନ୍ୟ ପାର୍ଶ୍ୱରେ ପ୍ରେମ ବିଷାଦ ଯୋଗ ହିଁ ସମୁଦ୍ରକୁ ଅସ୍ଥିର କରିପକାଇଛି । କବି ଏଠାରେ ସମୁଦ୍ର ର ଗୁଣଗତ ସୌନ୍ଦର୍ଯ୍ୟ ରବୈଶିଷ୍ଟ୍ୟ (Virtuos beauty) ଉପରେ ଗୁରୁତ୍ୱ ଦେଇଛନ୍ତି। ଗଭୀରତର ଚିତ୍ତ ବିଗଳନ (Sublimation)ର ପଶ୍ଚାତ ରେ ଯେମିତି ରହିଛି ରମ୍ୟବୋଧ ଠିକ ସେମିତି ରହିଛି ବିସ୍ମୟବୋଧ।

ସମୁଦ୍ର ଆପଣା ଛାତିରେ ସୃଷ୍ଟି ହେଉଥିବା ଆଲୋଡନ କୁ ଚାପିଦେଇ ନିଜର ପ୍ରସାରିତ ହାତ ଫେରାଇ ନିଏ ।ସମୁଦ୍ରର ହୃଦୟ କୁ କେହି ବିଶ୍ଳେଷଣ କରିପାରନ୍ତି ନାହିଁ ।ତା ଭିତରେ ଅମୃତ ଅଛି ! ନା ଅଛି ବିଷ!! ଏହା ଏକ ଦୁର୍ବୋଧ ଗଣିତ ବୋଲି କବି ବିଚାର କରିଛନ୍ତି। ଲାସ୍ୟହୀନ ଏନିମିକ ମାଟି । ଓଢଣା ଆବୃ ଢାଙ୍କିବା ଆଦି ଅନୁଭବ୍ୟ ଚିତ୍ରକଳ୍ପ (Feeling image)ପ୍ରୟୋଗ କରି କଳ୍ପନା ର ଶବ୍ଦ ମାନଙ୍କୁ ଉଡ଼ାଇଛନ୍ତି ଯୋଜନ ଯୋଜନ ମାଇଲ। ବର୍ଷା ପାଇଁ ପ୍ରତୀକ୍ଷା । ସଫେଦ ଧଡିରେ ଚୌକଷି କାମ । ନୀଳ ଶାଢ଼ୀ ପିନ୍ଧା ସମୁଦ୍ରର ଅପରୂପ ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ଯାଇଛନ୍ତି କବି । ମନେ ହୋଇଛି ସମୁଦ୍ର ଅତିଥିଙ୍କ ପାଇଁ ଅତୁରା ହୋଇଛି । କବି ସମୁଦ୍ର କବିତାର ନେପଥ୍ୟ ରେ ଦର୍ଶନର ଗୀତା ପାଠ କରିଛନ୍ତି । ଏ ସଂସାର ରେ କିଏ କ୍ଷୁଦ୍ର କିଏ ପୁଣି ବିରାଟ । ସଭିଏଁ ତ ଗୋଟିଏ ଆତ୍ମା ।ଢ କବଳ ଏତିକି ପାର୍ଥକ୍ୟ ଯେଉଁଠି ଅଛି ମନ, ସେଇଠି ଅଛି ଉଚ୍ଚାଟନ । ପୁଣି ଯେଉଁଠି ଅଛି ଶକ୍ତି, ସେଇଠି ଅଛି ବିସ୍ଫୋରଣ ।

ପ୍ରଳୟର ତୀକ୍ଷଣ ଖଡ୍ଗ ପରି ବେଳେ ବେଳେ ଜୀବନ ସଂହାର କରେ । ଏମିତି ଏକ ବିକଟାଳ ଚିତ୍ରକୁ ଦେଖିପାରିଛନ୍ତି କବି ।

ସମୟର ଗତି ଅବିରାମ । ଠିକ୍ ପୃଥିବୀ ପରି । ଏଇ ପୃଥିବୀର ଛାତିରେ ସମୁଦ୍ର, ପାହାଡ଼, ବଣ ଜଙ୍ଗଲ, ନଈ ନାଳ ଏମିତି କେତେକଣ ! ଏଇ ମାଟି, ଏଇ ପାଣି, ଏଇ ପବନରେ ସଭିଏଁ ଜିଅନ୍ତି, ପୁଣି ଲିଭିଯାନ୍ତି । ସମୁଦ୍ର ଏକ ନିରାପଦ ସ୍ଥାନ ବୋଲି କବି ବିଚାର କରିଛନ୍ତି।

ସମୁଦ୍ରକୁ ମଣିଷ ନିଜ ଇଛାରେ ବ୍ୟବହାର କରୁଛି । କେଉଁଠି ଶତ୍ରୁ ଦମନ ପାଇଁ ମିସାଇଲ ପରୀକ୍ଷଣ ତ; ପୁଣି କେଉଁଠି ସମୁଦ୍ର ଛାତି ଚିରି ସେତୁ ନିର୍ମାଣ । ଅବା କେହି ସମୁଦ୍ରରୁ ଲୁଟି ନିଏ ଅଜଣା ଖଜଣା । ଏଇଥି ପାଇଁ କବି କଣ୍ଠର ସ୍ୱୀକାରୋକ୍ତି -'ଯିଏ ଯାହାର ଇଛା ଅନୁସାରେ /ବ୍ୟବହାର କରେ ମୋତେ' (ପୃଷ୍ଠା-୭୩)



ସମୁଦ୍ର ଆତ୍ମକଥାର ନିରବ ସ୍ୱର ଶୁଣି ପାରିଛନ୍ତି କବି ରାଉତ । ସମୁଦ୍ରର ରମ୍ୟ ରୂପ, ଉଦାସ ଆଖି, ପ୍ରୀତି ଏବଂ ପ୍ରଣୟର ଅଭିଳାଷ, ରାତିରେ ଉଠୁଥିବା ଉଦବେଳନ ଝଡ଼, ଜଗତିକରଣ ସମାଜ ର ବ୍ୟସ୍ତ ମଣିଷମାନଙ୍କ ଅତ୍ୟାଚାର ଆଦି କବିଙ୍କ ଭାବ ଭାବନାର କ୍ଷେତ୍ରକୁ ପ୍ରଶସ୍ତ କରିଛି ।

ସମୁଦ୍ର ପ୍ରତିବାଦ କରି ଶିଖିନି । ବରଂ ମେରୁଦଣ୍ଡ ହୀନ ପ୍ରାଣୀ ଭଳି ପ୍ରତୀୟମାନ ହୋଇଛି । ସତେ ଯେମିତି ସମସ୍ତ ପ୍ରାଣ ସତ୍ତା ଶିକୁଳି ରେ ବନ୍ଧା ହୋଇଛି ,'ବୃତ୍ତିରୁ ବୃତ୍ତ ରୁ ମୋର କାହିଁ ସ୍ୱାଧୀନତା' (ପୃଷ୍ଠା-୭୫)ବୋଲି କବି ପ୍ରକାଶ କରିଛନ୍ତି ।

ଆଜିବି ସମୁଦ୍ରକୁ ଠିକ ଭାବେ କେହି ମୂଲ୍ୟାୟନ କରି ପାରିନାହାନ୍ତି । ଯେଉଁ ସମୁଦ୍ରକୁ ମଣିଷ ଦେଖେ, ସେଠି କେବଳ ସୁନା ମାଛ, ହୀରା ନୀଳା, ମଣି ମାଣିକ୍ୟର ସନ୍ଧାନ ନିଏ କେବଳ । ଏ ସବୁ ପରେବି ତାର ବକ୍ଷ ସ୍ଥଳ ଅନାବିଷ୍କୃତ ବୋଲି କବି ସ୍ୱୀକାର କରିଛନ୍ତି । ବୋଧହୁଏ ଏମିତି ଏକ ପ୍ରସଙ୍ଗରେ କବିଙ୍କ କଣ୍ଠରୁ ଉତ୍ତରି ଆସିଛି-'କିଏ ସଜାଇଛି/ ଏହା ଭିତରେ ଏତେ କଥା/ ଏତେ ବ୍ୟଥା,ଏତେ ବେଦନା' (ପୃଷ୍ଠା-୭୭)ର ପ୍ରଶ୍ନ ସମ୍ଭାର ।

କବି ସମୁଦ୍ରକୁ ବୁଝିଛନ୍ତି, ଶୁଣିଛନ୍ତି । ସମୁଦ୍ର ସହ ନିରୋଳାରେ କଥା ବି ହୋଇଛନ୍ତି । ସେଥିରେ କେତେ ଭାଷା, ଭାବ, ଅନୁଭବ ଯେ ଭରି ରହିଛି ତାହା କବି ରାଉତ ପରଖିଛନ୍ତି । ସମୁଦ୍ର ଏମିତି ଗୋଟେ ସୀମାହୀନ ସତ୍ତା, ଯାହା ପାଖରେ 'ହାନି ନାହିଁ କିବା କିଛି ଲାଭ ନାହିଁ/ ତାର ସବୁଥିରେ ଉଦାସୀନ / ଯେତେ ଯାହା ଘଟଣା ଓ ଦୁର୍ଘଟଣା/ ସବୁଥିରେ ନୀରବ ମଉନ' । (ପୃଷ୍ଠା-୧୦୧)

ବାଲ୍ୟକାଳର ଛନ୍ଦ, ଅପାସୋରା ଗୀତ, ଜ୍ୟୋତ୍ସ୍ନା ଭିଜା ରାତିର ଶୀତଳ ସ୍ପର୍ଶ କବିଙ୍କୁ ବିଭୋର କରିଛି । ବୋଧହୁଏ ସମୁଦ୍ର ସହ କବିଙ୍କର ନିବିଡ଼ ସନ୍ଧି ହୋଇଯାଇଛି । ସେଇଥିପାଇଁତ ସମୁଦ୍ରର ଭୋକ, ଯେତେ ଶୋଷ, ଯେତେ ଆତ୍ମଶ୍ଳାଘା ରହସ୍ୟକୁ କବି ଉପଲବ୍ଧି କରିଛନ୍ତି । ଆଜି ସମୁଦ୍ର କେବଳ ଅଣ୍ଡାଳି ହେଉଛି ବିଶ୍ୱାସର ଚାରା ଭୁଇଁକୁ । ଦିନକୁ ଦିନ ସୌଦାଗରୀ କାରବାର ଏବଂ ବେପର୍ବା ନିଲାମକୁ କବି ହଜମ କରି ପାରିନାହାନ୍ତି ।

ଶେଷରେ ଏତିକି କୁହାଯାଇପାରେ ସୁବିପୁଳ ଜୀବନାଭୂତି ପରିପୂର୍ଣ୍ଣ ରହିଥିବା ଭଳି ମନେହୁଏ ତାଙ୍କର 'ପୁନଷ୍ଟ ସମୁଦ୍ର' ।

କବି ରାଉତ ମୁଖ୍ୟତଃ ଜଣେ ବାସ୍ତବତାର ରୂପକାର । ସାମାଜିକ ଅଙ୍ଗୀକାରବଦ୍ଧତା ତାଙ୍କ କବିତାର ମୂଳ ଉପାଦନ । ଭୂମି ଠାରୁ ଭୂମା ଯାଏଁ ସବୁଠାରେ ସେ ଦେଖିଛନ୍ତି ମହାର୍ଘ ଅନୁଭବ ର ଚିତ୍ର ଓ ଚରିତ୍ର ମାନଙ୍କୁ । ସେଇଥିପାଇଁତ ସେ ଜଣେ ଜୀବନ ବାଦୀ କାବ୍ୟଶିଳ୍ପୀ । କବି ରାଉତ ଏମିତି ଜଣେ କବି ଯାହାଙ୍କର ପାରମ୍ପରିକ ଶବ୍ଦ ବସାଣ ସାଙ୍ଗକୁ ମୌଳିକ ଶବ୍ଦ ପ୍ରୟୋଗ ଚତୁରୀ ତାଙ୍କ କାବ୍ୟ କଳାର ମୁଖ୍ୟ ସ୍ୱର । (ସମାପ୍ତ)

♥ ସଲଟ ରୋଡ଼, କାଦ୍ରାବାଦ, ସୁନହଟ, ବାଲେଶ୍ୱର -୨
ମୋ-୯୪୩୮୨୯୦୦୭୨

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୩୩

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧

ଆଖିରୁ ସପନ ସରିଗଲା ପରେ
ହୃଦୟରୁ କୋହ ଝରେ
ଜଖମ୍‌କୁ ବାନ୍ଧେ ତମ ଗାଁ ପ୍ରେମ
ଧଳା ରେଶମୀ କନାରେ । ୩୩୭ ।

ଗାଆଁ ଆକାଶରେ ଜହ୍ନ ଉଠିଲେ
ଘାରେ ନୀଳ ନିରବତା
ଚେନା ଚେନା ମେଘ ଓଢ଼ଣା ଫାଙ୍କରୁ
ତମ ସହ ଚାଲେ କଥା । ୩୩୮ ।

ଛାଇ ଯାଅ ସାରା ସ୍ନାୟୁ ସହରରେ
କାୟା ସାଥେ ମାୟା ଭଳି
ଆମ ଗାଁ ଅଗଣା ପ୍ରତି କଣିକାରେ
ତମ ପାଦଚିହ୍ନ ଧୂଳି । ୩୩୯ ।

ଆମ ଆମ୍ବଡାଳେ ସୁରୂଜ ଉଠିଲେ
ତମ ଗାଁ କମଳ ଫୁଟେ
ତମ ଗାଁ ସେଫାଳି ଭୁରୁଭୁରୁ ବାସ୍ନା
ଆମ ଗାଆଁ ଆଡ଼େ ଛୁଟେ । ୩୪୦ ।

ଗୋଲାପି ଉଷାର ଆଞ୍ଜୁଳାରେ ଯେବେ
ତମ ଗାଁ ରକ୍ତ କରବୀ
ଶିହରିତ ହୁଏ ପ୍ରତିଟି ମୁହୂର୍ତ୍ତ
ଆମ ଗାଁ ସାଜେ କବି । ୩୪୧ ।

ଆମ ପୂର୍ବାଶାରେ ଉଷା ଯେବେ ଫିଟେ
ତମ ଗାଆଁ କଇଁ ମରେ
କପୋତଟେ ଭଳି ବାହୁନି ବାହୁନି
ଆମ ଗାଁ ଚନ୍ଦ୍ରକୁ ଝୁରେ । ୩୪୨ ।

ତମ ଗାଁ ମୟୁରୀ ପ୍ରଣୟ ଇଙ୍ଗିତେ
ମେଘ ମହ୍ଲାର ଜାଗେ
ଆମ ଗାଁ ବଉଦ ବାଟ ଭୁଲିଯାଇ
ତମ ଗାଁ ମଥାନେ ଲାଗେ । ୩୪୩ ।

ତମ ଗାଁ ଆକାଶେ ବାଦଲ ଉଠିଲେ
ଆମ ଗାଁ ମୟୁର ନାଚେ
ବାଟ ହୁଡ଼ିଯାଇ ଆମ ଗାଁ ଶ୍ରାବଣ
ତମରି ଗାଁରେ କାଚେ । ୩୪୪ ।

କାହିଁକି ଯାଆନ୍ତି ପ୍ରଜାପତି ସବୁ
ଆମରି ଗାଁରୁ ଉଡି
ଆମ ଗାଆଁ ସବୁ ମଧୁପମାନଙ୍କ
ତମରି ଫୁଲରେ ଧାଡି । ୩୪୫ ।

ଆମ ଗାଁ ମଧୁର ମଧୁପ ଗୁଞ୍ଜନ
ତମ ଗାଁ ଫୁଲଙ୍କୁ ଜଣା
ମଧୁ କି ପ୍ରେମରେ ସବୁ ମହୁମାଛି
ସେଇଆଡେ ବାଟବଣା । ୩୪୬ । (କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା



୪୬

ଦୀପକ ରଂଜନ ମିଶ୍ର

## ॥ ହମ୍ଫ୍ରିଗଞ୍ଜ୍‌ର ହୋଲି ॥

ଆଜାଦ୍ ହିନ୍ଦ୍ ସରକାର ହାତରେ ଦ୍ୱୀପ ସମୂହର ଶାସନଭାର ହସ୍ତାନ୍ତର ଥିଲା ଚତୁର ଜାପାନୀଙ୍କ ଏକ ଚାଲ୍ । କର୍ଣ୍ଣେଲ ଲୋଗାନାଥନ୍‌ଙ୍କ ହାତରେ କେବଳ ନାଁକୁ ମାତ୍ର କ୍ଷମତା ଅର୍ପଣ କରିଥିଲେ ଜାପାନୀ ଆଡ୍‌ମିରାଲ । ତାଙ୍କ କୌଣସି କଥା ଶୁଣିବାକୁ ମଧ ସେମାନେ ପ୍ରସ୍ତୁତ ନଥିଲେ। ନିଜ ଇଚ୍ଛା ମୁତାବକ ସବୁକିଛି ପଦକ୍ଷେପ ଉଠାଉଥିଲେ ଜାପାନୀମାନେ। ନେତାଜୀ ଦ୍ୱୀପରୁ ପ୍ରସ୍ଥାନ କରିବାର ମାସଟିଏ ନପୂରୁଣୁ ପୁଣି ଗୋଟିଏ ରକ୍ତର ହୋଲି ଖେଳାଯାଏ। ବାହାନା ଥିଲା ଦ୍ୱୀପବାସୀଙ୍କ ଉପରେ ସେଇ ଗୁପ୍ତଚର ହେବାର ସନ୍ଦେହ। ଦ୍ୱିତୀୟ ଗୁପ୍ତଚର ମାମଲାରେ ପ୍ରାୟ ପାଞ୍ଚଶହ ସନ୍ଦିଗ୍ଧଙ୍କୁ ଗିରଫ୍ କରାଯାଇ ପଚରା ଉଚୁରା କରାଯାଇ ତହିଁ ଭିତରୁ ପ୍ରାୟ ପଚାଶ ଜଣଙ୍କୁ ଜେଲ୍‌ର କାଳକୋଠରୀ ଭିତରେ ରଖି ରୀତିମତ ନିର୍ଯ୍ୟାତନା ଦିଆଯାଏ। ଯେତେ ଯାହା କଲେ ବି କାହାରି ପାଖରୁ କିଛି ବି ଗୁପ୍ତ ତଥ୍ୟ ପାଇବାରେ ବିଫଳ ହୁଅନ୍ତି ଜାପାନୀମାନେ। ଏଇ ବିଫଳତା ତାଙ୍କୁ ଅଧିକ ପ୍ରତିକ୍ରିୟାଶୀଳ କରିଦିଏ। ସନ୍ଦିଗ୍ଧଙ୍କୁ ସେଲ୍ୟୁଲାର ଜେଲ୍ ଭିତରେ ପୂରାଇ ନାହିଁ ନଥିବା ନିର୍ଯ୍ୟାତନା ଦିଆଯାଏ । ଗିରଫ୍ ହେବା ଲୋକଙ୍କ ଭିତରେ ପ୍ରମୁଖ ଥାଆନ୍ତି ଡାକ୍ତର ଦୀୱାନ୍ ସିଂହ । ସେ ଥିଲେ ଆଣ୍ଡାମାନର ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଅଧିକାରୀ ତଥା ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ ଲିଗ୍‌ର ଆଣ୍ଡାମାନ ଶାଖାର ସଭାପତି। ସେ ଖୁବ୍ ସାହସୀ ହୋଇଥିବାରୁ କାହାକୁ ବି ଭୟ କରୁ ନଥାନ୍ତି । ଲିଗ୍ ଦ୍ୱାରା ଆୟୋଜିତ ଏକ ସଭାରେ ସେ ସିଂହ ଭଳି ଗର୍ଜନ କରି ଦ୍ୱୀପବାସୀଙ୍କୁ କହନ୍ତି, "ମୁଁ ଆପଣମାନଙ୍କୁ ସୂଚେଇ ଦେବାକୁ ଚାହେଁ ଯେ ସ୍ୱାଧୀନତା ଏମିତି କୌଣସି ଜିନିଷ ନୁହେଁ ଯାହା କେହି ଥାଳିରେ ସଜାଇକରି ଆମ ଆଗରେ ଆଣି ପରଷି ଦେଇ ପାରିବ। ଏଇ ମାମଲାରେ କାହାରି ସାହାଯ୍ୟ ସହଯୋଗ ଉପରେ ଭରସା କରିବା ସମ୍ପୂର୍ଣ୍ଣ ବୋକାମୀ। ଏଇ କୃତଘ୍ନ ଜାପାନୀଙ୍କଠାରୁ ଦୂରେଇ ରହି ଏମାନଙ୍କୁ ଆମ ଦ୍ୱୀପ ବାହାରକୁ ଫିଙ୍ଗିଦେବା କଥା । ଏମାନେ ଆମକୁ କେବେ ସ୍ୱାଧୀନତା ଦେବେନି ।" ଏଇ ସଭା ପରେ ପରେ ହିଁ ଦୀୱାନ୍ ସିଂହଙ୍କୁ ଗିରଫ୍ କରି ସେଲ୍ୟୁଲାର ଜେଲ୍‌ର କାଳ କୋଠରୀ ଭିତରକୁ ନିକ୍ଷେପ କରାଯାଏ । ତାଙ୍କ ଉପରେ ହୁଏ ଖୁବ୍ ଗମ୍ଭୀର ତଥା ଅମାନବୀୟ ଅତ୍ୟାଚାର । କୋଠରୀର ଛାତରେ ଓଲଟା ଝୁଲାଇ ନିର୍ଦ୍ଧୁମ୍ ପିଟାଯାଏ । ତାଙ୍କ ଶରୀରର କିଛି କୋମଳ ଭାଗକୁ ଜଳାଇ ସେଇ ପୋଡ଼ାଘା'ରେ ନିୟମିତ ଲୁଣ ଓ ଲଙ୍କାଗୁଣ୍ଡ ଭରି କନା ବନ୍ଧାଯାଏ। ଗରମ ଲୁହାରେ ଆଖି ଦୁଇଟି ତାଡ଼ି ନେବା ପରେ ତାଙ୍କୁ ବାରମ୍ବାର ଇଲେକ୍ଟ୍ରିକ୍ ସକ୍ ଦିଆଯାଏ। ଅତି ନିର୍ଦ୍ଦୟତାର ସହ ତାଙ୍କ ବାଳ, ଦାଢ଼ି ଓ ହାତର ନଖକୁ ଉପୁଡ଼ାଯାଏ। ଏସବୁ ନାରକୀୟ ଯନ୍ତ୍ରଣା ନିରବରେ ସହି ଯାଆନ୍ତି ପଛେ କିନ୍ତୁ ପଞ୍ଜାବ୍‌ର ସେଇ ବୀରପୁତ୍ର କେବେ ଜାପାନୀଙ୍କ ଆଗରେ ମୁଣ୍ଡ ନୁଆନ୍ତି ନାହିଁ କି ଦୟାର ଭିକ୍ଷା ମାଗନ୍ତି ନାହିଁ । ସେ ସବୁବେଳେ କହୁଥାନ୍ତି ତାଙ୍କୁ ଯେତେ ଯନ୍ତ୍ରଣା ଦେବାର ଅଛି ଦିଅନ୍ତୁ ପଛେ କିନ୍ତୁ ଅନ୍ୟ ନିର୍ଦ୍ଦୋଷ ଦ୍ୱୀପବାସୀଙ୍କ ଉପରେ କିଛି ଅତ୍ୟାଚାର ନକରି ତାଙ୍କୁ ଛାଡ଼ି ଦିଆଯାଉ । ମଣିଷ ଶରୀରର ସହିବାର ଏକ ସୀମା ଥାଏ । କିଛିଦିନ ପରେ ତାଙ୍କ ଶରୀରରେ ଗେଙ୍ଗରିନ୍ ବିକଶିତ ହୋଇଯାଏ । ସାରା ଶରୀର ପୀତ ବର୍ଣ୍ଣ ଧାରଣ କରିବା ସହ ତହିଁରୁ ଦୁର୍ଗନ୍ଧ ବାହାରେ । ପରିବାରବର୍ଗ କି ବନ୍ଧୁ ବାନ୍ଧବ କାହାକୁ ବି ତାଙ୍କୁ ଭେଟିବାକୁ ଅନୁମତି ମିଳେନି । ତାଙ୍କ ଅମରଆତ୍ମା ୧୪, ଜାନୁଆରୀ ୧୯୪୪, ମକର ସଂକ୍ରାନ୍ତି ଦିନ ପରମାତ୍ମାଙ୍କ ସହିତ ବିଲୀନ ହୋଇଯାଏ । ଅଭିବ୍ୟକ୍ତିର ସ୍ୱାଧୀନତା ପାଇଁ ସଂଘର୍ଷରେ ପଞ୍ଜାବର ଜଣେ ମହାନ୍ ବ୍ୟକ୍ତି ଡାକ୍ତର ଦୀୱାନ୍ ସିଂହ ଶହୀଦ୍ ହୋଇଯାଆନ୍ତି ।

ଦ୍ୱିତୀୟ ଗୁପ୍ତଚର ମାମଲାରେ ବନ୍ଦୀ ଥିବା ସନ୍ଦିଗ୍ଧଙ୍କ ମଧ୍ୟରୁ ଦୀୱାନ୍ ସିଂହଙ୍କ ମୃତ୍ୟୁ ପରେ ଅନ୍ୟ କେତେଜଣଙ୍କ ଅବସ୍ଥା ମଧ ଶୋଚନୀୟ ହୋଇ ପଡ଼ିବାରୁ ଜେଲ୍‌ରୁ ଆବର୍ଜନା ସଫା କରିବାକୁ ବିଚାର କରନ୍ତି ଜାପାନୀମାନେ। ସେଇ ସଫେଇ ଅଭିଯାନ ପାଇଁ ତିଥି ନିର୍ଦ୍ଧାରିତ କରାହୁଏ ଜାନୁଆରୀ ତିରିଶ । (ଠିକ୍ ଚାରିବର୍ଷ ପରେ ୧୯୪୮ ମସିହା ଏଇ ତାରିଖରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ନାଥୁରାମଙ୍କ ଗୁଳିରେ ଶହୀଦ୍ ହେବାକୁ ପଡ଼ିଥିଲା । ସେଇ ଦିନଠାରୁ ଜାନୁଆରୀ ତିରିଶ ତାରିଖକୁ ଶହୀଦ୍ ଦିବସ ରୂପେ ପାଳନ କରାଯାଉଅଛି) ନିର୍ଦ୍ଧାରିତ ଦିନ ଭୋର ସକାଳୁ ସନ୍ଦିଗ୍ଧ ୪୪ ବନ୍ଦୀଙ୍କୁ ସେଲ୍ୟୁଲାର ଜେଲ୍‌ର ମୁଖ୍ୟ ଫାଟକ ପାଖରେ ଏକତ୍ରିତ ହେବାକୁ ଆଦେଶ ଦିଆଯାଏ । ପୂର୍ବଦିନ ସେମାନଙ୍କ ପରିବାରବର୍ଗଙ୍କୁ ତାଙ୍କ ପାଇଁ ଜଳଖିଆ ନେଇ ଫାଟକ ପାଖକୁ ଆସିବା ପାଇଁ କୁହାଯାଇଥାଏ। ନିର୍ଦ୍ଦେଶ ଅନୁଯାୟୀ ସୂର୍ଯ୍ୟୋଦୟର ଯଥେଷ୍ଟ ପୂର୍ବରୁ ବନ୍ଦୀଙ୍କ ସମ୍ବନ୍ଧୀୟମାନେ ଆସି ଭିଡ଼ ଜମାଇଥାଆନ୍ତି। ଆଗକୁ କ'ଣ ହେବ ସେଇ ବିଷୟରେ ସମସ୍ତେ ଥାଆନ୍ତି ଅଜ୍ଞ । ଜାପାନୀଙ୍କୁ କି ବିଶ୍ୱାସ । ଆସନ୍ନ ବିପଦ କଥା ଚିନ୍ତା କରି ସମସ୍ତେ ଥାଆନ୍ତି ଆତଙ୍କିତ । ହାତ ଯୋଡ଼ି ଠାକୁରଙ୍କୁ ଡାକୁଥାନ୍ତି ବନ୍ଦୀଙ୍କ ସହିତ ସବୁକିଛି ଶୁଭ ଓ ମଙ୍ଗଳ ହେଉ ବୋଲି । ପ୍ରମାଣ ଅଭାବରୁ ସେମାନଙ୍କ ଭିତରୁ କେତେକଙ୍କୁ ଛାଡ଼ି ବି ଦିଆଯାଇପାରେ। ଏତିକିବେଳେ କିଛି ସୈନିକ ଦୁଇଟି ଟ୍ରକ୍ ନେଇ ସେଇ ଫାଟକ ପାଖରେ ପହଞ୍ଚନ୍ତି। ଟ୍ରକ୍ ଆସି ଠିଆ ହେବାରୁ ଜଣ ଜଣ କରି ବନ୍ଦୀଙ୍କୁ ତାଙ୍କ ନାଁ ଓ ନମ୍ବର ସହିତ ଡକାଯାଏ । ଫାଟକ ବାହାରକୁ ବାହାରିବା ବେଳେ କିଏ ଶାନ୍ତ ଭାବେ ମୁଣ୍ଡ ତଳକୁ କରି ଚାଲୁଥାଏ ତ ଆଉ କିଏ ନିଜକୁ ନିର୍ଦ୍ଦୋଷ ବୋଲି ଚିତ୍କାର କରି କହି ତାକୁ ଛାଡ଼ି ଦେବା ପାଇଁ ହାରି ଗୁହାରି କରୁଥାଏ । ଫରଜନ୍ଦ୍ ଅଲୀ ନାମକ ଜଣେ ବନ୍ଦୀ ଗେଟ୍ ବାହାରେ ତାର ଆତ୍ମୀୟ ସ୍ୱଜନଙ୍କୁ ଠିଆ ହୋଇଥିବା ଦେଖି ଟିକିଏ ସାହସ ଗୋଟାଇ ଗଳାଫାଡ଼ି ଚିତ୍କାର କରିବାକୁ ଲାଗେ । ତା'ର ଏଭଳି ଦୁଃସାହସ ଦେଖି ଜାପାନୀ ଅଧିକାରୀଙ୍କ ମୁଣ୍ଡକୁ ପିତ୍ତ ଚଢ଼ିଯାଏ । ଅଣ୍ଟାରୁ ପିସ୍ତଲ ବାହାର କରି ତିନି ଚାରିଟା ଗୁଳି ତାକୁ ଲକ୍ଷ୍ୟ କରି ଫୁଟାଇ ଦିଅନ୍ତି। ରକ୍ତ ଜୁଡୁବୁଡୁ ନିଃସ୍ପନ୍ଦ ଦେହଟି ଟଳିପଡ଼େ ସେଇ ଫାଟକ ପାଖରେ । ଏଭଳି ଅବସ୍ଥା ଦେଖି ଅନ୍ୟ ସନ୍ଦିଗ୍ଧମାନଙ୍କ ପାଟିରୁ ଆଉ କଥା ବାହାରେ ନାହିଁ । କେତେଜଣଙ୍କୁ ସର୍ବସମକ୍ଷରେ ନିଜକୁ ଦୋଷୀ ବୋଲି ସ୍ୱୀକାର କରିବାକୁ ବାଧ କରାଯାଉଥାଏ। ଗୁପ୍ତଚର କାମ କରୁଥିବାରୁ ତାଙ୍କୁ ଏଭଳି ଦୟନୀୟ ଅବସ୍ଥା ଭୋଗ କରିବାକୁ ପଡୁଛି। ଘରଲୋକ ବନ୍ଦୀଙ୍କ ପାଇଁ ଆଣିଥିବା ଜଳଖିଆ ସେଇମିତି ହାତରେ ଧରି ଠିଆହୋଇ ରହିଥାନ୍ତି । କାହାରିକୁ ବି ତାଙ୍କ ସମ୍ପର୍କୀୟଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ଦିଆଯାଏ ନାହିଁ। ଘରଲୋକଙ୍କ ଆଗରେ ହିଁ ସେମାନଙ୍କୁ ବାଡ଼ିରେ ପିଟିବା ସହ ବିଧା ଗୋଇଠା ମାରି ଟ୍ରକ୍ ଉପରକୁ ଚଢ଼ିବା ପାଇଁ ବାଧ କରାଯାଏ। ଯିଏ ଯେତେ ନେହୁରା ହେଲେ ବି ତାର କିଛି ବି ପ୍ରଭାବ ପଡ଼େନି ଜାପାନୀ ସୈନିକଙ୍କ ଉପରେ ।



ସକାଳ ସାତଟା ବେଳକୁ ଜେଲ ଫାଟକ ପାଖରୁ ଟ୍ରକ୍ ଦୁଇଟି ଆଗକୁ ବଢ଼େ। ଖୁନ୍ଦା ଖୁନ୍ଦି ହୋଇ ଡାଲାରେ ଭର୍ତ୍ତି ହୋଇଥାନ୍ତି ୪୪ ଜଣ ବନ୍ଦୀଙ୍କ ସହ କିଛି ଜାପାନୀ ସୈନିକ। ଆଉ ବୋଧେ କେବେ ଜୀବନରେ ସେମାନଙ୍କୁ ଦେଖି ପାରିବେନି ବୋଲି ଭାବି ମନଦୁଃଖରେ ସମ୍ପର୍କୀୟମାନେ ଲୁହ ପୋଛି ପୋଛି ଫେରି ଯାଉଥାନ୍ତି । ପୋର୍ଟବ୍ଲେୟାରଠାରୁ ୧୬ କିଲୋମିଟର ଦୂର ହମ୍ଫ୍ରିଗଞ୍ଜ୍ ପାଖରେ ଥିବା ଏକ ଛୋଟ ପାହାଡ଼ ନିକଟରେ ଯାଇ ଟ୍ରକ୍ ଅଟକେ । ତାଙ୍କ କାର୍ଯ୍ୟକ୍ରମ ପୂର୍ବ ନିର୍ଦ୍ଧାରିତ ଥିବାରୁ ସେଇ ପାଖରେ ରାସ୍ତା କଡ଼କୁ ୯ ମିଟର ଲମ୍ବର ଏକ ଗଭୀର ଗାତ ଖୋଳା ହୋଇ ରହିଥାଏ । ସ୍ଥାନୀୟ ନିବାସୀଙ୍କୁ ସେଇ ପାଖାପାଖି କୌଣସି ସ୍ଥାନରେ ବୁଲାବୁଲି କରିବାକୁ ବାରଣ କରାହୋଇଥାଏ ପୂର୍ବଦିନ ସନ୍ଧ୍ୟାରୁ । ଗାତ ଖୋଳିବା ତଥା ସେଆଡ଼କୁ ଯିବାକୁ ବାରଣ କରାଯିବାରୁ ସ୍ଥାନୀୟ ବାସିନ୍ଦାମାନେ ସେଠାରେ କ'ଣ କରାହେବ ବୋଲି ଅନିସନ୍ଧିତ୍ସୁ ହୋଇ ଉଠିଥାନ୍ତି । କିଛି ସାହସୀ ଲୋକ ଗଛ ଉପରେ ଚଢ଼ି କିମ୍ବା କୋଉ ପଥର ଉହାଡ଼ରେ ଛପିରହିଥାନ୍ତି ଜାପାନୀଙ୍କ କୃତ୍ୟ ଦେଖିବା ପାଇଁ। ସେଇ କିଛି ହାତଗଣତି ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନରୁ ଯାହା ଯେତିକି ଶୁଣିବାକୁ ମିଳେ ତାହା ଆଜି ବି ଛାତି ଥରାଇ ଦେବାକୁ ଯଥେଷ୍ଟ । ଟ୍ରକ୍‌ରୁ ବନ୍ଦୀମାନଙ୍କୁ ଓହ୍ଲାଇ ଦୁଇଟି ଧାଡ଼ିରେ ଠିଆ କରେଇବା ପରେ ପ୍ରତ୍ୟେକଙ୍କ ଆଖିରେ ଅନ୍ଧପୁଟୁଳି ବାନ୍ଧି ଦିଆଯାଏ। ଗୋଟିଏ ଧାଡ଼ିରେ ବଳବାନ ବନ୍ଦୀମାନେ ଠିଆ ହୋଇଥିବା ବେଳେ ଅନ୍ୟ ଧାଡ଼ିରେ ଦୁର୍ବଳମାନେ ଠିଆ ହୋଇଥାନ୍ତି। ବଳବାନମାନଙ୍କୁ ପାଞ୍ଚ ପାଞ୍ଚଜଣ କରି ଦଉଡ଼ିରେ ବାନ୍ଧି ଗାତ ପାଖକୁ ନେଇ ଗୁଳିମାରି ସେଇ ଗାତ ଭିତରକୁ ଠେଲିଦିଆଯାଏ । ଆଉ ଦୁର୍ବଳମାନଙ୍କୁ, ଗାଜର ମୂଳା କାଟିଲା ଭଳି ଭୁଜାଲିରେ ଗଡ଼ଗଡ଼ କରି କାଟି ଫିଙ୍ଗି ଦିଆଯାଏ ସେଇ ଗାତ ଭିତରେ। ସମସ୍ତେ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁବରଣ କରୁଥାନ୍ତି। ଚାରିଆଡ଼ର ଭୂଇଁ ରକ୍ତରଞ୍ଜିତ ହୋଇ ଦିଶୁଥାଏ ଭୟଙ୍କର। ବନ୍ଦୀଙ୍କ ଗଳାଫଟା ଚିତ୍କାରରେ ଥରିଉଠୁଥାଏ ପାହାଡ଼ର ନିର୍ଜୀବ ପଥର। ଜାପାନୀ ସୈନିକଙ୍କ ଜାମାପଟା ବି ରକ୍ତରେ ଓଦା ସରସର। ସତେ ଯେମିତି ଲାଲ ରଙ୍ଗରେ ମନଖୁସିରେ ହୋଲି ଖେଳିଛନ୍ତି ସେମାନେ। ସଫଳରୂପେ ଆବର୍ଜନା ହଟାଇବାର କାର୍ଯ୍ୟ ସମାପନ ହୋଇଯାଇଥିବାରୁ ମୁହଁରେ ସେମାନଙ୍କର ସୈତାନର ହସ। ହମ୍ଫ୍ରିଗଞ୍ଜର ସେଇ ପ୍ରତ୍ୟକ୍ଷଦର୍ଶୀମାନେ ନିଜ ଆଖିକୁ ବିଶ୍ୱାସ କରିପାରୁନଥାନ୍ତି । ମଣିଷ ଏମିତି ବି ନିର୍ଦ୍ଦୟ ହୋଇପାରେ!! ଜାନୁଆରୀ ମାସ ତିରିଶ ତାରିଖ, ସେ ବର୍ଷ ଥିଲା ବସନ୍ତ ପଞ୍ଚମୀ । ସମଗ୍ର ଭାରତରେ ଧୂମ୍‌ଧାମ୍‌ରେ ମାତା ସରସ୍ୱତୀଙ୍କ ପୂଜନୋତ୍ସବ ପାଳିତ ହେଉଥିବା ବେଳେ ୪୪ ଜଣ ନିରୀହ ଦେଶବାସୀଙ୍କୁ ବିନା ଦୋଷରେ ମାସାଧିକକାଳ ଅକଥ୍ୟ ନିର୍ଯ୍ୟାତନା ଦେବାପରେ ମାରିକାଟି ପୋତି ଦିଆଯାଇଥିଲା ହମ୍ଫ୍ରିଗଞ୍ଜ୍‌ର ସେଇ ଛୋଟ ପାହାଡ଼ ନିକଟରେ।

କର୍ଣ୍ଣେଲ୍ ଲୋଗାନାଥନ୍ ବହୁତ୍ ଚେଷ୍ଟା କରିଥିଲେ ବ୍ରିଟିଶ୍ ଗୁପ୍ତଚର ସନ୍ଦେହରେ ବନ୍ଦୀ କରାହୋଇଥିବା ସ୍ଥାନୀୟ ଦ୍ୱୀପବାସୀଙ୍କୁ ଉଦ୍ଧାର କରିବା ପାଇଁ। କୋର୍ଟରେ ସେମାନଙ୍କ ପକ୍ଷରୁ ଭଲ ଓକିଲ ନିଯୁକ୍ତ କରି କେଶ୍ ଲଢ଼ିବାରେ ସାହାଯ୍ୟ କରିବାକୁ। ହେଲେ ସେମିତି କିଛି ବି କରିବାକୁ ତାଙ୍କୁ ସୁଯୋଗ ହିଁ ଦିଅନ୍ତିନି ଜାପାନୀମାନେ । ସେଲ୍ୟୁଲାର ଜେଲ୍ ଭିତରେ ଯାଇ କଏଦୀଙ୍କୁ ଭେଟିବାକୁ ବି ଅନୁମତି ମିଳେନି ଆଜାଦ୍ ହିନ୍ଦ୍ ଫୌଜ୍‌ର ଶାସନ ମୁଖ୍ୟଙ୍କୁ । ମିତ୍ର ଶକ୍ତି ସବୁଠି ବିଜୟଲାଭ କରିବା ଯୋଗୁଁ ସେମାନେ ଆହୁରି ଉତ୍ସାହର ସହ ଦ୍ୱୀପସମୂହରେ ଜାପାନୀଙ୍କୁ ଘେରିବା ଆରମ୍ଭ କରିଦେଇଥାନ୍ତି। ଜଳପଥ ଓ ଆକାଶପଥ ଉଭୟରେ ଜାପାନଠାରୁ ବିଚ୍ଛିନ୍ନ ହୋଇଯାଏ ଆଣ୍ଡାମାନ ନିକୋବର ଦ୍ୱୀପସମୂହ। ନେତାଜୀଙ୍କ ପାଖକୁ ସେଇ ସମ୍ବନ୍ଧୀୟ କିଛି ବାର୍ତ୍ତା ପ୍ରେରଣରେ ବି ସମ୍ପୂର୍ଣ୍ଣ ଅସମର୍ଥ ହୁଅନ୍ତି କର୍ଣ୍ଣେଲ୍ ଲୋଗାନାଥନ୍। ଜର୍ମାନୀ ଓ ଇଟାଲି ପରାଜୟ ବରଣ କରିବା ପରେ କେବଳ ଜାପାନ ଯୁଦ୍ଧ ଜାରି ରଖିଥାଏ ସିନା ହେଲେ ସେ ବି କ୍ରମଶଃ ଦୁର୍ବଳ ହେବାକୁ ଲାଗେ। ମିତ୍ରରାଷ୍ଟ୍ରଙ୍କ ଘେରାରୁ ଜାପାନୀଙ୍କୁ ଉଦ୍ଧାର କରିବାର ପ୍ରୟାସ ଆଉ ସମ୍ଭବ ହୋଇପାରେନି ନିପ୍ପନ ସରକାରଙ୍କ ପକ୍ଷରେ । ବର୍ମା ତଥା ସିଙ୍ଗାପୁରରୁ ଖାଦ୍ୟପଦାର୍ଥ ନେଇ ଆଣ୍ଡାମାନକୁ ଆସୁଥିବା ଜାପାନୀ ମାଲବାହୀ ଜାହାଜଗୁଡ଼ିକ ବାରମ୍ବାର ଆଣ୍ଡାମାନ ଉପକୂଳରେ ପହଞ୍ଚିବା ପୂର୍ବରୁ ଆକ୍ରମଣର ଶିକାର ହୋଇ ନଷ୍ଟ ହୋଇଯାଉଥିବାରୁ ଜାହାଜ ଚଳାଚଳ ବନ୍ଦ ହୋଇଯାଏ। ଖାଦ୍ୟଶସ୍ୟର ଘୋର ଅଭାବ ଦେଖାଦିଏ ଦ୍ୱୀପସମୂହରେ। ଜାପାନୀଙ୍କ କୌଣସି ଖାଦ୍ୟରେ ବାଛ ବିଚାର ନଥିବାରୁ ସେମାନେ ଦ୍ୱୀପରେ ଥିବା ଗାଈ, ବଳଦ, ମେଣ୍ଢା, କୁକୁର ଠୁଁ ସାପ, କଙ୍କଡ଼ା ଯାଏ ସବୁ ଖାଇ ସଫା କରିଦିଅନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଘର ଉପରେ ଚଢ଼ାଉ କରି ଯାହା ଘରେ ଯାହା ଚାଉଳ ଡାଲି ଇତ୍ୟାଦି ଥାଏ ତାକୁ ବି ଲୁଟି ନିଆଯାଏ। ଦ୍ୱୀପବାସୀ ଭୋକ ଓପାସରେ ଗଛର ପତ୍ର ତଥା ଜଙ୍ଗଲରେ କନ୍ଦା ଖୋଳି ତାକୁଇ ଖାଇ ଚେଷ୍ଟା କରନ୍ତି ବଞ୍ଚି ରହିବାକୁ । ସମୁଦ୍ର ଅତି ନିକଟରେ ଥିଲେ ବି ମିତ୍ରରାଷ୍ଟ୍ରଙ୍କ ବୁଡ଼ା ଜାହାଜର ଅତର୍କିତ ଆକ୍ରମଣ ଭୟରେ କେଉଟମାନେ ମାଛ ମାରିବାକୁ ଅମଙ୍ଗ ହୁଅନ୍ତି। ଏତିକି ବେଳେ ବୋଝ ଉପରେ ନଳିତାବିଡ଼ା ଭଳି ଜାପାନୀଙ୍କ ରହିବା ସ୍ଥାନଗୁଡ଼ିକୁ ବାଛି ବାଛି ବୋମାମାଡ଼ କରିବାକୁ ଲାଗନ୍ତି ମିତ୍ରରାଷ୍ଟ୍ରର ସୈନିକମାନେ। ଅନେକ ଜାପାନୀ ସୈନିକ ଏଭଳି ଆକ୍ରମଣରେ ମୃତ୍ୟୁବରଣ କରନ୍ତି। ସହରାଞ୍ଚଳକୁ ଆଉ ସୁରକ୍ଷିତ ନମଣି ଜାପାନୀମାନେ ଗ୍ରାମାଞ୍ଚଳକୁ ପଳାୟନ କରିବାକୁ ସ୍ଥିର କରନ୍ତି। ଜଙ୍ଗଲ ଭିତରେ କିମ୍ବା ଗାଁମାନଙ୍କରେ ଯାଇ ଛପିଗଲେ ସେମାନେ ମିତ୍ରଶକ୍ତିଙ୍କର ଏଇ ବୋମାମାଡ଼ରୁ ବର୍ତ୍ତିଯିବେ। ଖାଦ୍ୟ ସମସ୍ୟା ସହ ଏବେ ରହିବା ବି ଏକ ମସ୍ତବଡ଼ ସମସ୍ୟା ହୋଇଯାଏ। ବୋମାମାଡ଼ରେ ଚାଥମ୍‌ର କରତକଳ ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇ ସାରିଥିବାରୁ କାଠ ନେଇ ଘର ବନେଇବା ସମ୍ଭବ ହୋଇପାରେନି। ସହରରେ ଥିବା ବଡ଼ ବଡ଼ ଘରକୁ ଭାଙ୍ଗି ସେଥିରେ ବ୍ୟବହୃତ ହୋଇଥିବା କାଠକୁ ନେଇ ଗ୍ରାମାଞ୍ଚଳରେ କିଛି କୁଡ଼ିଆଘର ନିର୍ମାଣ କରାଯାଏ । ହେଲେ ତାହା ଥିଲା ସମୁଦ୍ରକୁ ଶଙ୍ଖେ ପଣା । ଶେଷରେ ଜୋର ଯା'ର ମୁଲକ ତା'ର ନୀତିକୁ ଆପଣେଇ ଗାଁରୁ ଲୋକଙ୍କୁ ତଡ଼ି ସେଇ ଘରଗୁଡ଼ିକରେ ରହିଯାଆନ୍ତି ଜାପାନୀ ସୈନିକ। ନିଜ ଘରଛାଡ଼ି ଗଲାବେଳେ ସାଙ୍ଗରେ ବାସନକୁସନ କି କପଡ଼ା ଖଣ୍ଡେ ବି ନେବାକୁ ବାରଣ କରାଯାଏ। ଏଭଳି ଭୟଙ୍କର ପରିସ୍ଥିତିରେ ସ୍ଥାନୀୟ ଲୋକେ କ'ଣ କରିବେ କିଛି ଚିନ୍ତା ହିଁ କରିପାରନ୍ତିନି। ଆଚ୍ଛା ହରଡ଼ଘଣାରେ ପଡ଼ିଲେ ସେମାନେ। ଖାଦ୍ୟ, ବସ୍ତ୍ର ତଥା ବାସଗୃହ ଅଭାବରେ ଦ୍ୱୀପରେ ରହିବା ଅସମ୍ଭବ ହୋଇପଡୁଥିବା ବେଳେ ବାହାରେ ସମୁଦ୍ର ଭିତରେ ଛପି ରହିଥାଏ ମିତ୍ରରାଷ୍ଟ୍ରଙ୍କର ବୁଡ଼ାଜାହାଜ। ରହି ରହି ବୋମାମାଡ଼ ହେଉଥାଏ ଦ୍ୱୀପ ଉପରେ। ଜାପାନୀଙ୍କ ସହିତ ଅନେକ ଦ୍ୱୀପବାସୀ ମଧ ମୃତ୍ୟୁବରଣ କରୁଥାନ୍ତି। ଦ୍ୱୀପରେ ରହିଲେ କି ବାହାରି ପଳାଇଲେ ଉଭୟ ପରିସ୍ଥିତିରେ ମୃତ୍ୟୁ ହିଁ ସୁନିଶ୍ଚିତ । ଏଇ ଡାହାଳ ଜାପାନୀଙ୍କ ପାଖରେ ରହି ମରିବା ଅପେକ୍ଷା ପଳାଇଗଲେ କାଳେ ବଞ୍ଚିଯିବେ ବୋଲି କିଛି ଦ୍ୱୀପବାସୀ ଡଙ୍ଗା ସାହାଯ୍ୟରେ ଦ୍ୱୀପରୁ ପଳାୟନ କରିବାର ଯୋଜନା କରନ୍ତି । ହେଲେ ସାତ ଆଠଶହ ମାଇଲ ବାଟକୁ ଛୋଟ ଡଙ୍ଗାଟିରେ ଅତିକ୍ରମ କରିବା କ'ଣ ସମ୍ଭବ! ହେଲେ ସେସବୁ ବିଚାର କରିବାକୁ ସମୟ କାହିଁ ଯେ ? ୩୦ ଜଣ ପୁରୁଷ, ମହିଳା ଓ ଛୁଆ ଗୋଟିଏ ଡଙ୍ଗାରେ ବସି ପ୍ରାଣ ବିକଳରେ ଦ୍ୱୀପରୁ ପଳାୟନ କରୁଥିବା ବେଳେ ହଠାତ୍ ଜାପାନୀଙ୍କ ଆଖି ପଡ଼ିଯାଏ ସେମାନଙ୍କ ଉପରେ । ତାଙ୍କୁ ଦ୍ୱୀପକୁ ଫେରାଇଆଣି ଗଛରେ ବାନ୍ଧି ଖୁବ୍ ନିର୍ଦ୍ଦୟଭାବେ ମାଡ଼ମାରି ଭୁଜାଲିରେ ଗୋଟି ଗୋଟି କରି ହାଣି ଦିଆଯାଏ। ଆଉ ଗୋଟିଏ ଗାଁର ତିନିଜଣ କେଉଟ, ବଜୀର ଅଲୀ, ନାସିରୁଦ୍ଦିନ୍ ଓ ବାନାର୍ଜୀ ପେଟର ଭୋକ ସମ୍ଭାଳି ନପାରି ମାଛ ମାରିବାକୁ ହେଭ୍‌ଲକ୍ ଦ୍ୱୀପକୁ ଯିବାରୁ ସେମାନଙ୍କୁ ଇଂରେଜ୍‌ଙ୍କ ଗୁପ୍ତଚର ବୋଲି ସନ୍ଦେହ କରି ବାନ୍ଧି ପୋର୍ଟବ୍ଲେୟାରକୁ ଅଣାଯାଏ। ପ୍ରବଳ ମାଡ଼ ମାରି ସେମାନଙ୍କ ହାଡ଼ଗୋଡ଼ ଚୂନା କରିଦେଇ କୌଣସି ବ୍ୟବସ୍ଥା ବିନା ଚୌକି ଉପରେ ଠିଆକରି ଫାଶ ଲଗାଇ ଚୌକିକୁ ଖସେଇ ଦେଇ ଫାଶୀ ଦେଇଦିଆଯାଏ । ଭୋକ ଓପାସରେ ଶୁଖି ଶୁଖି କଙ୍କାଳ ପାଲଟି ଯାଇଥିବା ତିନୋଟି ଶରୀର ଫାଶୀ ଦଉଡ଼ି ଦୟାରୁ ଜାପାନୀ ଯନ୍ତ୍ରଣାରୁ ମୁକ୍ତି ପାଇଯାଏ । (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

# ନେତାନ୍ୟାହୁଙ୍କ ପ୍ରତ୍ୟାବର୍ତ୍ତନ

## ସୌମେନ୍ଦ୍ର ଜେନା

ଇସ୍ରାଏଲରେ ପୁଣି ଥରେ ଲିକୁଡ ପାର୍ଟିର ବିଜୟ ହୋଇଛି ଏବଂ ବେଞ୍ଜାମିନ ନେତାନ୍ୟାହୁ କ୍ଷମତାକୁ ଫେରିବା ସ୍ପଷ୍ଟ ହୋଇଯାଇଛି । ନଭେମ୍ବର ୧ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ଇସ୍ରାଏଲର ସଂସଦ କ୍ନେସେଟ ପାଇଁ ଆବଶ୍ୟକ ୬୧ ସାଂସଦଙ୍କ ସଂଖ୍ୟା ଗରିଷ୍ଠତା ଲାଭ କରି ଲିକୁଡପାର୍ଟି ନଭେମ୍ବର ୧୪ରେ ସରକାର ଗଢିବାକୁ ଯାଉଛି । ୩ ନଭେମ୍ବର ଦିନ ଗଣାଯାଇଥିବା ମତଦାନ ଅନୁସାରେ ଲିକୁଡ ପାର୍ଟି ୬୪ଟି ଆସନରେ ବିଜୟୀ ହୋଇଛି । ୧୯୪୯ରୁ ଦେଶରେ ଅନୁଷ୍ଠିତ ନିର୍ବାଚନରେ ଆଜିଯାଏଁ କୌଣସି ଗୋଟିଏ ଦଳ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିବାକୁ ସମର୍ଥ ହୋଇପାରିନାହାନ୍ତି । ୧ କୋଟିରୁ କମ୍ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଇସ୍ରାଏଲରେ ଛୋଟ ବଡ ୪୦ଟି ରାଜନୈତିକ ଦଳ ଏଥର ନିର୍ବାଚନରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ମାତ୍ର ୧୪ଟି ଦଳ ଆବଶ୍ୟକ ୩.୨୫ ପ୍ରତିଶତ ମତ ପାଇବାକୁ ସମର୍ଥ ହୋଇଛନ୍ତି । ଇସ୍ରାଏଲର ନିୟମ ଅନୁସାରେ ୩.୨୫ ପ୍ରତିଶତ ଭୋଟ ଲାଭ କରିବାକୁ ଅକ୍ଷମ ଦଳର ମତକୁ ଶୂନ୍ୟ ବୋଲି ଧରାଯାଇଥାଏ । ସେହି ମତକୁ ପ୍ରମୁଖ ମତଲାଭ କରିଥିବା ଦଳଗୁଡିକ ମଧ୍ୟରେ ବାଣ୍ଟି ଦିଆଯାଇଥାଏ । ତେବେ ଗତ ତିନିବର୍ଷରେ ଦେଶରେ ରାଜନୈତିକ ଅସ୍ଥିରତା ଯୋଗୁ ପାଞ୍ଚ ଥର ନିର୍ବାଚନ ହୋଇଛି । ଗତ ନିର୍ବାଚନରେ ୭୦.୬୧ପ୍ରତିଶତ ମତଦାନ ହୋଇଥିଲା । ନିର୍ବାଚନରେ ବେଞ୍ଜାମିନ ନେତାନ୍ୟାହୁଙ୍କ ଲିକୁଟପାର୍ଟି, ୟାଏର ଲାପିଡଙ୍କ ୟେସ ଆବିଦ, ବେଜାଲେଟ ସ୍ମୋଣ୍ଟ୍ରିକଙ୍କ ରିଲିଜିଅସ ଜିଓନିଷ୍ଟ, ବେନୀ ଗାଞ୍ଜଙ୍କ ନେସନାଲ ୟୁନିଟୀ, ଆର୍ୟେଡେନଙ୍କ ସାସ, ୟିଟଝାକ ଗୋଲ୍ଡକ୍ନପ୍ଫଙ୍କ ୟୁଟିଜେ, ଏଭିଗଡୋର ଲିଭରମାନଙ୍କ ଇସ୍ରାଏଲ ବେଟେ ଇନ୍ୟୁଦଳ ପ୍ରମୁଖ ମତ ଲାଭ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଇସ୍ରାଏଲରେ ୧୨୦ଟି ସଂସଦୀୟ ଆସନ ରହିଛି ।

ଇସ୍ରାଏଲର ରାଜନୈତିକ ଇତିହାସରେ କିଙ୍ଗ ବିବି ଭାବେ ପରିଚିତ ନେତାନ୍ୟାହୁ ସର୍ବାଧିକ କାଳ ଶାସନରେ ରହିଛନ୍ତି । ପ୍ରଥମେ ୧୯୯୬-୯୯ ମଧ୍ୟରେ ତିନିବର୍ଷ ୧୮ଦିନ, ପରେ ୨୦୦୯ରୁ ୨୦୨୧ ମଧ୍ୟରେ ୧୨ବର୍ଷ ୭୪ଦିନ ସରକାରରେ ନେତାନ୍ୟାହୁ ରହିଥିଲେ । ୨୦୧୯ରେ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲା । ଫଳରେ ତାଙ୍କୁ କ୍ଷମତାରୁ ହଟିବାକୁ ହୋଇଥିଲା । କିନ୍ତୁ ତାଙ୍କ ପରେ ଯେଉଁମାନେ କ୍ଷମତାକୁ ଆସିଲେ ସେମାନେ ବୈଚାରିକ ବିସମତା ଏବଂ ନୀତିଗତ ପାର୍ଥକ୍ୟ ଦୃଷ୍ଟିରୁ ଅନ୍ତଃକଳହରେ ବ୍ୟସ୍ତ ରହିଲେ । ବେନେଟଙ୍କ ଶାସନ କାଳରେ ଭାରତ ଇସ୍ରାଏଲ ମଧ୍ୟରେ ମୁକ୍ତବାଣିଜ୍ୟ ବୁଝାମଣାପରି ବିଷୟଗୁଡିକରେ ଅଗ୍ରଗତି ହେବା ପରିଲକ୍ଷିତ ହେଲାନାହିଁ । କେବଳ ପ୍ରତିରକ୍ଷା କ୍ରୟ ନେଇ ଯାହା ଯେଉଁ ସବୁ ବୁଝାମଣା ହୋଇଥିଲା ତଦନୁସାରେ କାର୍ଯ୍ୟ ଜାରି ରହିଲା । ଦୁଇ ରାଷ୍ଟ୍ରର ସରକାରଙ୍କ ମଧ୍ୟରେ ସହଯୋଗ ଅଧିକ ହେବ ବୋଲି ଯେଉଁ ଆଶା ରହିଥିଲା ତାହା ଆଶାରେ ହିଁ ରହିଗଲା ।

ନଭେମ୍ବର ୧୪ରେ ଶପଥ ଗ୍ରହଣ କଲାପରେ ବେଞ୍ଜାମିନ ପୁନର୍ବାର ଅଧିକ ସକ୍ରିୟ ହୋଇ କାର୍ଯ୍ୟ କରିବେ । ୭୩ବର୍ଷୀୟ ବେଞ୍ଜାମିନଙ୍କ ଜନ୍ମ ଇସ୍ରାଏଲର ରାଜଧାନୀ ତେଲ ଆଭିଭଠାରେ ୨୧ ନଭେମ୍ବର ୧୯୪୯ରେ ହୋଇଥିଲା । ବେଞ୍ଜିୟନ ନେତାନ୍ୟାହୁ ଏବଂ ତିଜିଲା ସେଗଲଙ୍କ ପୁତ୍ର ବେଞ୍ଜାମିନ ଇହୁଦୀ ପରିବାରରେ ଜନ୍ମଗ୍ରହଣ କରି ଜେରୁଜେଲମ ଏବଂ ଆମେରିକାର ଫିଲାଡେଲଫିଆ, ପେନ୍‌ସିଲଭାନିଆଠାରେ ବଢିଥିଲେ । ଆମେରିକାର ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜୀ (ଏମ୍‌ଆଇଟି)ରୁ ଶିକ୍ଷାଲାଭ ପରେ ସେ ହାରଭାର୍ଡ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି ଡିଗ୍ରୀ ଲାଭ ପାଇଁ ନାମ ଲେଖାଇ ଗବେଷଣା ଜାରିଥିବା ବେଳେ ଶିକ୍ଷା ଅଧାରୁ ଛାଡି ଦେଇଥିଲେ । ୧୯୬୭ରେ ଇସ୍ରାଏଲକୁ ଫେରି ସେ ପ୍ରତିରକ୍ଷା ବିଭାଗରେ ସ୍ପେଶାଲ ଫୋର୍ସର ଟିମ୍‌ଲିଡର ହେଲେ । ଅନେକ ମିଶନରେ ଅଂଶଗ୍ରହଣ କରି କ୍ୟାପଟେନ୍ ପଦକୁ ଉତ୍ତୀର୍ଣ୍ଣ ହେଲାପରେ ଦାୟିତ୍ୱ ମୁକ୍ତ ହୋଇଥିଲେ । ବୋଷ୍ଟନ କନ୍‌ସଲଟିଂ ଗ୍ରୁପର ଆର୍ଥିକ ପରାମର୍ଶଦାତା ଭାବେ ସେ ଏମ୍‌ଆଇଟିରୁ ଉତ୍ତୀର୍ଣ୍ଣ ହେବାପରେ କିଛିଦିନ ପାଇଁ କାର୍ଯ୍ୟ କରିଥିଲେ । ୧୯୭୮ରେ ଇସ୍ରାଏଲକୁ ଫେରି ୟୋନାଟନ ନେତାନ୍ୟାହୁ ସନ୍ତ୍ରାସ ବିରୋଧୀ ପ୍ରତିଷ୍ଠାନ ପ୍ରତିଷ୍ଠା କରିଥିଲେ । ଜାତିସଂଘରେ ସ୍ଥାୟୀ ପ୍ରତିନିଧି ଭାବେ ୧୯୮୪ରୁ ୧୯୮୮ ଯାଏଁ ସେ କାର୍ଯ୍ୟ କରିଥିଲେ । ଲିକୁଡ ପାର୍ଟିର ଅଧ୍ୟକ୍ଷ ଭାବେ ୧୯୯୩ରେ ସେ ନିର୍ବାଚିତ ହୋଇ ସଂସଦରେ ବିରୋଧୀଦଳର ନେତା ହୋଇଥିଲେ । ତେବେ ୧୯୯୬ରେ ଅନୁଷ୍ଠିତ ନିର୍ବାଚନରେ ପ୍ରଧାନମନ୍ତ୍ରୀ ପେରେସ୍‌ଙ୍କୁ ସେ ହରାଇ ସିଧାସଳଖ ନିର୍ବାଚନରେ ବିଜୟୀ ହୋଇ ଇସ୍ରାଏଲର ଇତିହାସରେ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହୋଇଥିଲେ । ଗୋଟିଏ ପାଳିର ଶାସନ ପରେ ୧୯୮୯ରେ ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ତାଙ୍କ ଦଳ ଓ୍ୱାନ ଇସ୍ରାଏଲ ପାର୍ଟିଠାରୁ ହାରିଯାଇଥିଲା । ଇହୁଡ ବାରାକ ପ୍ରଧାନମନ୍ତ୍ରୀ ହେବାପରେ ନେତାନ୍ୟାହୁ ରାଜନୀତିରୁ ବାହାରିଯାଇ ବ୍ୟବସାୟରେ ମନୋନିବେଶ କରିଥିଲେ । ଗ୍ରୀବର୍ଷିଆ ଇସ୍ରାଏଲର ସଂସଦରେ ସେ ୧୯୯୬-୯୭ରେ ବିଜ୍ଞାନ ଓ ବୈଷୟିକଶିକ୍ଷା, ୧୯୯୬-୯୯ରେ ଗୃହ ଓ ନିର୍ମାଣ ବିଭାଗ ହାତରେ ରଖିଥିଲେ । ୨୦୦୨ରେ ତାଙ୍କ ଦଳ ବିଜୟୀ ହେବା ପରେ ଏରିଏଲ ସାରୋନଙ୍କ ମନ୍ତ୍ରିମଣ୍ଡଳରେ ସେ ବିଦେଶମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ମଧ୍ୟ ହୋଇଥିଲେ । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଇସ୍ରାଏଲ ଆର୍ଥିକ ବ୍ୟବସ୍ଥାରେ ଅନେକ ସଂସ୍କାର ଆଣିଥିଲେ । ଗାଜାରୁ ସେନା ଉଚ୍ଛେଦ ନେଇ ସାରୋନଙ୍କ ସହ ମତଭେଦ ହେବାରୁ ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ ।

ସାରୋନ ୨୦୦୫ରେ ଲିକୁଟ ପାର୍ଟି ଛାଡି କାଦିମା ନାମରେ ଅନ୍ୟ ଏକ ପାର୍ଟି ଗଠନ କରିବା ପରେ ଡିସେମ୍ବର ୨୦୦୫ରେ ନେତାନ୍ୟାହୁ ଦଳକୁ ଫେରିଥିଲେ । ସଂସଦରେ ୨୦୦୬ରୁ ୨୦୦୬ ପର୍ଯ୍ୟନ୍ତ ସେ ବିରୋଧୀ ଦଳ ନେତାଭାବେ କାର୍ଯ୍ୟକଲେ । ୨୦୦୯ ନିର୍ବାଚନରେ କାଦିମାଦଳ ପ୍ରଥମ ସ୍ଥାନରେ ଥିଲାବେଳେ ଲିକୁଡ ପାର୍ଟି ଦ୍ୱିତୀୟ ସ୍ଥାନ ପାଇଥିଲା । ହେଲେ ନେତାନ୍ୟାହୁ ଅନ୍ୟ ଦଳମାନଙ୍କ ସହ ମେଣ୍ଟ କରି ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଇଥିଲେ । ପରେ ୨୦୧୩ ଏବଂ ୨୦୧୫ ନିର୍ବାଚନରେ ଲିକୁଡପାର୍ଟି ତାଙ୍କ ନେତୃତ୍ୱରେ ବିଜୟୀ ହୋଇଥିଲା । ଏପ୍ରିଲ ୨୦୧୯ ନିର୍ବାଚନରେ କୌଣସି ଦଳ ସଂସଦରେ ସଂଖ୍ୟାଗରିଷ୍ଠତା ଲାଭ ନକରିବା ହେତୁ ସେପ୍ଟେମ୍ବର ୨୦୧୯ରେ ଆଉଥରେ ନିର୍ବାଚନ ହେଲା । ବେନୀ ଗାଞ୍ଜଙ୍କ ଦଳ ବ୍ଲୁ ଏଣ୍ଡ ହ୍ୱାଇଟ୍ ନେତାନ୍ୟାହୁଙ୍କ ଲିକୁଡ ପାର୍ଟିଠାରୁ ଅଳ୍ପ ଆସନ ଅଧିକ ପାଇଥିଲେ ମଧ୍ୟ ସରକାର ଗଠନ ସମ୍ଭବପର ହୋଇନଥିଲା । ଅନିଶ୍ଚିତତା ଲାଗି ରହିବା ପରେ ୨୦୨୦ରେ ଦୁଇଦଳ ମଧ୍ୟରେ ନେତୃତ୍ୱ ବଦଳ ହେବ ବୋଲି ସ୍ଥିର ହେଲା । ନଭେମ୍ବର ୨୦୨୧ରେ ନେତାନ୍ୟାହୁଙ୍କଠାରୁ ଗାଞ୍ଜ ଦାୟିତ୍ୱ ଗ୍ରହଣ କରିବାକୁ ଥିଲା ବେଳେ ଦୁଇଦଳର ମେଣ୍ଟ ଭାଙ୍ଗିଯିବା ହେତୁ ମାର୍ଚ୍ଚ ୨୦୨୧ରେ ନିର୍ବାଚନ ହେଲା । ନେତାନ୍ୟାହୁ ପ୍ରଧାନମନ୍ତ୍ରୀ ହେଲେ । ଜୁନ ୨୦୨୧ରେ ନଫତାଲି ବେନେଟ ୟାପିର ଲାପିଡ ସହ ମିଳିତ ସରକାର ଗଠନ କରିବାକୁ ସ୍ଥିର କଲାପରେ ନେତାନ୍ୟାହୁ ବିରୋଧୀ ଦଳରେ ବସିବାକୁ ସ୍ଥିର କଲେ ।

୧୯୮୦ ଦଶକରୁ ନେତାନ୍ୟାହୁଙ୍କର ସଂପର୍କ ଡୋନାଲଡ୍ ଟ୍ରମ୍ପଙ୍କ ସହ ରହିଥିଲା । ଟ୍ରମ୍ପଙ୍କ ଶାସନକାଳରେ ଇସ୍ରାଏଲର ରାଜଧାନୀ ଭାବେ ଜେରୁଜେଲମକୁ ସ୍ୱୀକୃତି ମିଳିଲା । ଗୋଲାନ ହାଇଟ ଅଞ୍ଚଳରେ ଇସ୍ରାଏଲର ଦାବିକୁ ସ୍ୱୀକୃତି ମିଳିଲା । ଆରବର ରାଷ୍ଟ୍ର ସମୂହ ଏବଂ ଇସ୍ରାଏଲ ମଧ୍ୟରେ ସ୍ଥାୟୀ ଶାନ୍ତି ସ୍ଥାପନ ପାଇଁ ଆବ୍ରାହମ୍ ବୁଝାମଣା ଅନୁଯାୟୀ ଆଲୋଚନା ହେଲା । ଡିସେମ୍ବର ୨୦୧୬ରୁ ଇସ୍ରାଏଲ ପୁଲିସ ନେତାନ୍ୟାହୁଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗର ତଦନ୍ତ କରୁଥିଲେ । ୨୧ ନଭେମ୍ବର ୨୦୧୯ରେ ନେତାନ୍ୟାହୁ ସମସ୍ତ ଦାୟିତ୍ୱରୁ ମୁକ୍ତ ହେବେ ବୋଲି ସଂକେତ ଦେଇଥିଲେ ।

ନେତାନ୍ୟାହୁଙ୍କ ପିତା ବେଞ୍ଜିଓନ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟରେ ଇହୁଦୀ ଇତିହାସର ପ୍ରାଧ୍ୟାପକ ଥିଲେ । ଏନ୍‌ସାଇକ୍ଲୋପିଡିଆ ହେବ୍ରାଇକାର ସେ ସମ୍ପାଦକ ଥିଲେ । ବେଞ୍ଜାମିନ୍‌ଙ୍କ ବଡ ଭାଇ ୟୋନି ନେତାନ୍ୟାହୁ ୧୯୭୬ରେ ଏକ ସନ୍ତ୍ରାସ ବିରୋଧୀ ଅପରେସନରେ ଅଂଶଗ୍ରହଣ କରି ସହିଦ ହୋଇଥିଲେ । ନେତାନ୍ୟାହୁ ମୂଳତଃ ସନ୍ତ୍ରାସର କଠୋର ବିରୋଧୀ । ଏହି ବିଷୟକୁ କେନ୍ଦ୍ର କରି ସେ ୧୯୮୧ରୁ ୧୯୯୯ ମଧ୍ୟରେ ୪ଟି ପୁସ୍ତକ ଇଂରାଜୀରେ ରଚନା କରିଛନ୍ତି ।

ନେତାନ୍ୟାହୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଜଣେ ବଡ ପ୍ରଶଂସକ । ଉଭୟ ନେତାଙ୍କ ମଧ୍ୟରେ ନିବିଡ ସଂପର୍କ ରହିଛି । ଦୁଇ ରାଷ୍ଟ୍ର ମଧ୍ୟରେ ମୁକ୍ତ ବାଣିଜ୍ୟ ବୁଝାମଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଇସ୍ରାଏଲର ଶିଳ୍ପନଗରୀ ହାଇଫା ବନ୍ଦରକୁ ଆଦାନୀ ଗ୍ରୁପ୍ ହାତକୁ ନେବାପରେ ବାଣିଜ୍ୟ କ୍ଷେତ୍ରରେ ଅଧିକ ସହଯୋଗ ବଢିବା ଆଶା କରାଯାଉଛି । ପ୍ରତିରକ୍ଷା କ୍ଷେତ୍ରରେ ଗବେଷଣା, ଜ୍ଞାନକୌଶଳ ହସ୍ତାନ୍ତରଣ, ଅସ୍ତ୍ରଶସ୍ତ୍ରର ମିଳିତ ଉତ୍ପାଦନ, ସେନାବାହିନୀର ଆଧୁନିକୀକରଣ ସଂକ୍ରାନ୍ତରେ ଦୁଇଦେଶ ମଧ୍ୟରେ ଅଧିକ ସୁଯୋଗ ସୃଷ୍ଟି ହୋଇଛି । ନେତାନ୍ୟାହୁଙ୍କ ଶାସନ କାଳରେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ବେଶ୍ ସୁଦୃଢ ହୋଇଆସିଛି, ଯାହା ଆଗାମୀ ଦିନରେ ଅଧିକ ହେବାର ଆଶା କରାଯାଏ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

ସ୍ମୃତି ଶତଦଳ ୨୬୫

# ଝରିଯିବ ଯେବେ ବୟସର ଫୁଲ-୧



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଝରିଯିବ ଯେବେ ବୟସର ଫୁଲ, ତନ୍ଦ୍ରା ଆସିବ ଘେରି, ତୋଳିନିଅ ବୁକେ ଏଇ ଗୀତି ମମ, ନୟନେ ସ୍ୱପ୍ନ ଭରି" ଗୀତି କବି ଜୀବନାନନ୍ଦ ପାଣିଙ୍କର ଏ ମନୋ ମୁଗ୍ଧକର ଗୀତିକବିତାଟି ଯେତେବେଳେ ସଂଗୀତ ହୋଇ ଆକାଶବାଣୀ କଟକରୁ ପ୍ରସାରିତ ହେଲା ସେତେବେଳେ ଲକ୍ଷ ଲକ୍ଷ ଶ୍ରୋତା ତାକୁ ଅତି ଆଦରର ସହ ସଂଗୀତର କୁନ୍ତଳରୁ ତୋଳି ନେଇ ହୃଦୟରେ ସ୍ଥାପନ କରିଥିଲେ । ବର୍ଷ ବର୍ଷ ନୁହେଁ ଯୁଗ ଯୁଗ ତଳର ସଂଗୀତ ଇଏ କିନ୍ତୁ ଏବେ ମଧ୍ୟ ଏ କାଳଜୟୀ ଗୀତ ମୋ ମନରେ ବସାବାନ୍ଧି ରହିଛି ଓ ମନ ପକ୍ଷୀକୁ ଉଡାଇ ନେଉଛି କାହିଁ କେତେ ଦୂର ଅନନ୍ତ ଅନ୍ତରୀକ୍ଷକୁ, ଯେଉଁଠି କବିଟିଏ ନିଜ ଶବ୍ଦର ଫୁଲରେ ତିଆରି କରି ଉଆସଟିଏ ଏବଂ ପୃଥିବୀରେ ସଶରୀରରେ ବିଚରଣ କଲେ ବି ହୃଦୟକୁ ଛାଡି ଆସିଥାଏ ଅନ୍ତରୀକ୍ଷର ଉଆସରେ ।

ମନେ ଅଛି ନବମ ଶ୍ରେଣୀରେ ପଢିଲା ବେଳକୁ ମଝିରେ ମଝିରେ ଆକାଶବାଣୀ କଟକରୁ ସୁଗମ ସଂଗୀତ ଶୁଣିବାର ସୁଯୋଗ ମତେ ମିଳୁଥିଲା ଏବଂ ଖୁବ୍ ଧୀରେ ଧୀରେ ରେଡିଓ ଖୋଲି ମୁଁ କିଛି କିଛି ଗୀତ ଶୁଣୁଥିଲି । ସଂଗୀତର ସ୍ୱର ତ ନିଶ୍ଚୟ ମତେ ବିମୋହିତ କରେ କିନ୍ତୁ ତା'ଠାରୁ ବେଶୀ ମୁଗ୍ଧ କରେ ମତେ ତା'ର ଲିରିକ୍ ତେଣୁ ପ୍ରାୟ ମୁଁ ଜୀବନାନନ୍ଦ ପାଣି, ଗୁରୁକୃଷ୍ଣ ଗୋସ୍ୱାମୀ ଓ ନାରାୟଣ ପ୍ରାସାଦ ସିଂଙ୍କର ଲେଖା ଗୀତ ଶୁଣୁଥିଲି । ସଂଗୀତ ଏକ ମିଠା ସ୍ୱରର ମଧୁର ଗୁଂଜନ, ଯାହା ମଣିଷର ମନର କୋଣ ଅନୁକୋଣକୁ ପରିପୂର୍ଣ୍ଣ କରିଦେଇ ଆତ୍ମାକୁ ନେଇଯାଏ ଏକ ଅତି ମାନବୀୟ ସ୍ତରକୁ ଯେଉଁଠି ସେ' ପାଇଥାଏ ପରମାତ୍ମାଙ୍କର ସନ୍ଧାନ । ସଂଗୀତର ଯାଦୁକରୀ ସ୍ପର୍ଶରେ ବଶୀଭୂତ ହୋଇ ମନ ଉଡିଯାଏ ସ୍ୱର୍ଗର ଅମରାବତୀକୁ ଯେଉଁଠି ତା'ର ଭେଟ ହୋଇଥାଏ ପାରିଜାତ ଫୁଲ, ଐରାବତ ହସ୍ତୀ, ଦେବତା, ଦେବୀ, ଯକ୍ଷ, କିନ୍ନର ତଥା ଅପସରା ମାନଙ୍କ ସାଙ୍ଗରେ । ସଂଗୀତ ଏହିପରି ଏକ ଭାଷା, ଭାବ, ସ୍ୱର, ରାଗ ଓ ଅନୁଭବର କୋମଳ ଗାନ୍ଧାର, ଏକ ମିଶ୍ରିତ କମ୍ପନ ଯାହା କେବଳ ବୀଣା ଓ ହାରମୋନିୟମ ତାର ନୁହେଁ, ଛୁଇଁଯାଏ ମନ ହୃଦୟ ଓ ଶରୀରର ସୂକ୍ଷ୍ମ ତାରକୁ । ସଂଗୀତର ଏଇ ମିଶ୍ର ରାଗରେ ମନ ଆନନ୍ଦରେ ଉଦବେଳିତ ହୋଇଯାଏ । ଏମିତି କି ସଂଗୀତର ଦୀପକରାଗରେ ଅରଣ୍ୟରେ ଅଗ୍ନି ସଂଯୋଗ ହେଉଥିଲା ଏବଂ ମେଘ ମହ୍ଲାର ରାଗରେ ମେଘ ସୃଷ୍ଟି ହୋଇ ଆକାଶରୁ ବର୍ଷା ଝରି ଆସି ଓଦା କରି ଦେଉଥିଲା ଏ ଧରା ପୃଷ୍ଠକୁ ।

ଗୀତ ମାଷ୍ଟ୍ରେ ଆସିଲାବେଳକୁ ହାରମୋନିୟମ ଆଣି ଗୀତ ବୋଲେ ଓ ସେ ଗଲାପରେ ପୁଣି ହାରମୋନିୟମ ବନ୍ଦ ହୋଇଯାଏ । କିନ୍ତୁ ଏମିତିରେ ମୋତେ ଭଲ ଲାଗୁଥିବା ଗୀତ, ଲିରିକ୍ ଓ ସ୍ୱର ସବୁବେଳେ ଅନ୍ତଃସଲୀଳା ନଈଟିଏ ହୋଇ ମୋ ଭିତରେ ବହୁଥାଏ ।

କେତେବେଳେ, କେଉଁଠାରୁ ପୁଣି ନୃତ୍ୟରୁ, ମୋ ହୃଦୟ ଭିତରକୁ ସଂଚରିଗଲା ସଂଗୀତର ମଧୁଧାରା ସେକଥା ଜାଣିନାହିଁ କିନ୍ତୁ ସଂଗୀତ ଭିତରେ ଥିବା ଲିରିକ୍ କୁ ଭଲ ପାଉଥିଲି ବୋଲି ପରବର୍ତ୍ତୀ କାଳରେ ମୋ କବିତା ଭିତରେ ଥିବା ଛନ୍ଦକୁ ବେଶୀ ଭଲ ପାଇଲି । ମନେ ମନେ ଭାବିଲି ନୃତ୍ୟକୁ ବେଶୀ ଦିନ ଯାଏଁ ମୋ ପ୍ରଫେସନରେ ବଞ୍ଚାଇ ପାରିବିନି କିନ୍ତୁ ସଂଗୀତ ରହିବ ମୋ ଭିତରେ ଚିରନ୍ତନ ସାଥୀ ହୋଇ ।

ମୋର ନବମଶ୍ରେଣୀ ବେଳକୁ ବୋଉ ସୁନ୍ଦର ହାରମୋନିୟମଟିଏ ମୋ ପାଇଁ କିଣିଦେଲା । ବୋଉ ଭଲ ଗୀତ ଗାଉଥିଲା ବୋଲି ସେ ଚାହିଁଲା ଯେ ତା'ର ତିନୋଟିଯାକ ଝିଅ ଗୀତ ଶିଖନ୍ତୁ ଏବଂ ସମସ୍ତେ ହାରମୋନିୟମ ବଜାଇ ଗୀତ ବୋଲନ୍ତୁ । ସେଥିପାଇଁ ରୀତିମତ ଜଣେ ସଂଗୀତ ମାଷ୍ଟ୍ର ରହିଲେ । ବୋଉ ଭାବିଲା ବଡଝିଅ ହାରମୋନିୟମ ବଜାଇ ଗୀତ ଗାଇ ଶିଖିଲେ ସେ ସାନ ଭଉଣୀମାନଙ୍କୁ ଶିଖାଇଦେବ କିନ୍ତୁ ପାଠରେ ସଂପୂର୍ଣ୍ଣ ଭାବରେ ସମର୍ପିକୃତ ମୋର ପ୍ରାଣ ସଂଗୀତକୁ ସ୍ଥାନ ଦେଇ ପାରିଲାନି ତେଣୁ ଅବସର ସମୟରେ ପ୍ରାକ୍ଟିସ ମଧ୍ୟ କରିପାରିଲିନି । ଗୀତ ମାଷ୍ଟ୍ରେ ଆସିଲାବେଳକୁ ହାରମୋନିୟମ ଆଣି ଗୀତ ବୋଲେ ଓ ସେ ଗଲାପରେ ପୁଣି ହାରମୋନିୟମ ବନ୍ଦ ହୋଇଯାଏ । କିନ୍ତୁ ଏମିତିରେ ମୋତେ ଭଲ ଲାଗୁଥିବା ଗୀତ, ଲିରିକ୍ ଓ ସ୍ୱର ସବୁବେଳେ ଅନ୍ତଃସଲୀଳା ନଈଟିଏ ହୋଇ ମୋ ଭିତରେ ବହୁଥାଏ । ନନା ଓ ବୋଉଙ୍କର ଆଶାଥାଏ କେବଳ ପ୍ରଥମ ଶ୍ରେଣୀ ନୁହେଁ ଝିଅ ତାଙ୍କର ମ୍ୟାଟ୍ରିକ୍ୟୁଲେସନରେ ର୍ୟାଙ୍କ ରଖିବ । ଏତେ ବଡ ସ୍ୱପ୍ନ ଓ ଆଶାକୁ କେମିତି ଅଣଦେଖା କରି ପାରିବି ? ତେଣୁ ସଂଗୀତ କେବଳ ରହିଲା କ୍ଲାସରେ ଓ ସ୍କୁଲର ଆନୁଆଲ ଡ୍ରାମାରେ । ବେଳେବେଳେ ଡ୍ରାମାରେ ମଧ୍ୟ ମତେ ଅଭିନୟ କରିବାକୁ ପଡୁଥିଲା ଏବଂ ନବମ ଓ ଦଶମ ଶ୍ରେଣୀରେ ସୋଲୋ ଗୀତ ଓ କୋରସ ଗୀତ ମଧ୍ୟ ଗାଇବାକୁ ପଡୁଥିଲା ।

ମ୍ୟାଟ୍ରିକ ପରୀକ୍ଷା ପରେ ପରେ କବିତା ଲେଖିବା ସହ ଲିରିକ ଲେଖା ତଥା ସଂଗୀତରେ ସୁର୍ ଦେଇ ଗାଇବା ମୋର ଏକ ନିଶାରେ ପରିଣତ ହୋଇଗଲା । ମୋ ସାଙ୍ଗରେ ତାଳ ଦେଇ ଗାଉଥିଲା ମୋ ସାନ ଭଉଣୀ ବେବି । ପ୍ରିପ୍ରଫେସନାଲ ବେଳେ କେଉଁଝର କଲେଜର ଅନୁଆଲ ଫଙ୍କସନରେ କୋରସରେ ଗାଇବାର ସୁଯୋଗ ମିଳିଥିଲା । କିନ୍ତୁ ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲ କଲେଜର ପ୍ରଥମ ଆନୁଆଲ ଫଙ୍କସନରେ ଲିରିକ ଲେଖି ତାକୁ ସ୍ୱର ଦେଇ ଗୀତ ଗାଇବା ମୋ ଜୀବନର ଏକ ଅବିସ୍ମରଣୀୟ ଫର୍ଦ୍ଦ ହୋଇ ରହିଯାଇଥିଲା ।

(କ୍ରମଶଃ)

## ଅନୁବାଦ ଗଳ୍ପ

# ଇଏବି ଅହଲ୍ୟା



ମୂଳ ହିନ୍ଦୀ – ଉଷା ମହାଜନ



ଅନୁସୃଜନ– ନମିତା ପାଇକରାୟ

ସେ ସାମାନ୍ୟ ପଛକୁ ଝୁଙ୍କି ଚଷମା କୋଣରୁ ତାକୁ ଚାହିଁଲେ । ସେ ଏ ପର୍ଯ୍ୟନ୍ତ ଲେଖିବାରେ ତନ୍ମୟ ଦେଖା ଯାଉଥିଲା । ଦେଖା ଯାଉଥିଲା କାହିଁକି ନା ଦୂରରେ ବସିଥିବାରୁ ଠିକ୍‌ରେ ଜଣା ପଡୁନଥିଲା । ତା' ସାମ୍ନାରେ ଖେଳେଇ ପଡ଼ିଥିବା କାଗଜଗୁଡ଼ିକରେ କଣ ଲେଖୁଛି ନା ନାହିଁ । ହେଲେ କଲମ ତ ପୁରାପୁରି ହାତରେ ଲେଖିବା ଢଙ୍ଗରେ ଥିଲା । କିନ୍ତୁ ମଝିରେ ମଝିରେ ଝରକା ବାହାର ଶୂନ୍ୟକୁ ଚାହିଁରହୁଥିଲା ।

ଖୋଲା ବାଲକୋନୀରେ ପୁରୁଣା ବେତ ଆରାମଚେୟାରରେ ଅର୍ଦ୍ଧଶୟନ ଅବସ୍ଥାରେ ଖରା ଖାଉଥିଲା ସେ, ସେ ତାକୁ ଭଲ ଭାବେ ଦେଖି ପାରୁନଥିଲେ । ସୂର୍ଯ୍ୟାସ୍ତର କିରଣ ସିଧା ତାଙ୍କ ଆଖି ଉପରେ ପଡୁଥିଲା । ତାଙ୍କ ଘର ଭିତରକୁ ଖରା ସିଧା ପଡୁନଥିଲା । ପୁଣି ସେ ଝରକାର ଠିକ୍ ସାମ୍ନାରେ ପଡିଥିବା ମେଜ ଉପରେ କହୁଁଣୀ ଠେସ ଦେଇ ଏମିତି ବସିଥିଲେ ଯେ ଡାହାଣ ପଟର ଅଧା ଦେହ ଦେଖି ହେଉଥିଲା ତାର । ଝରକା ରେଲିଂରେ ସୂର୍ଯ୍ୟକିରଣ ଏମିତି ପ୍ରତିବିମ୍ବିତ ହେଉଥିଲା କି କିଛି ଅଂଶୁରେଖା ତା'ର ଚାଦର ପରି ତା' ମୁହଁରେ, ଛାତିରେ ଏବଂ ବାହୁରେ ପଡ଼ି ଧଳା ରଙ୍ଗର ଗାର ପଡ଼ିଲା ପରି ଦିଶୁଥିଲା । ଏବଂ ପୃଷ୍ଠଭାଗ ଘର ଭିତରେ ଅନ୍ଧାର ଭିତରେ ବୁଡ଼ି ରହିଥିଲା ।

ସେ ସାମାନ୍ୟ କମ୍ପିତ ହେଲା, କେମିତି ଲାଗୁଥିଲା ଅଜ୍ଜୁ । ନିଜ ହାତରେ ଟାଣିଥିବା କିଛି ରେଖାଚିତ୍ର କିଛି ରହସ୍ୟମୟତା ଭିତରେ ବୁଡ଼ି ରହିଛି ।

କିଛି ତ ନିଶ୍ଚୟ ହୋଇଛି । ଯେବେ ଠାରୁ ଇରା ପାଖକୁ ଆସିଛି ସେ ପୁରା ଆନମନା.... ।

ତାଙ୍କର ମନ ହେଉଥିଲା ଧିରେ ଉଠି ତା' ପାଖକୁ ଚାଲିଯିବାକୁ । ତା' ପିଠି ଆଉଁସି ଦେବାକୁ । ତା' ମୁହଁକୁ ଦୁଇ ହାତରେ ଧରି ନିଜ ଆଡୁ ପଚାରନ୍ତେ, ଅଜ୍ଜୁ କଣ ହେଇଛି କହ ?

କିନ୍ତୁ ଯୁବାପୁତ୍ରକୁ ଏମିତି ପଚାରିବାକୁ କି କିଛି କହିବାକୁ ଆଉ ସେ ସହଜ ରାସ୍ତା ନା ସଂପର୍କ କଣ ଅଛି ? କିପରି ପଚାରିବାକୁ ହେବ କେମିତି ପଚାରିବାକୁ ହେବ ଭାବିବାକୁ ପଡୁଛି, ପୁଅ ହେଲେ କଣ ହେଲା ଯୁବା ପୁଅ ପରା ! ତା' ପାଖ ଦେଇ ଗଲାବେଳେ ସଂକୋଚ ଲାଗୁଥିଲା ଯେମିତି ନିଜ ଜନ୍ମକଲା ପୁଅ ନୁହେଁ, କେଉଁ ପରପୁରୁଷ । ସଂବେଦନାହୀନ ସ୍ୱଭାବ କାନ୍ଥ ପରି କେବେ ଠାରୁ କେଜାଣି ମାଆ ବାପାଙ୍କ ମଝିରେ ଠିଆ ହୋଇଯାଏ, ତାହା ବି ଗୋଟେ ରହସ୍ୟମୟ ପରି ଲାଗେ । ଇଏ ତ ସେହି ଅଜ୍ଜୁ ନା, ଯିଏ ମୋ ଛାତିରେ ମୁହଁ ଗୁଞ୍ଜି ଗୋଟିଏ ସ୍ତନରୁ କ୍ଷୀର ପିଉଥିଲା ବେଳେ ଆର ସ୍ତନରେ ହାତ ରଖୁଥିଲା । ହେତୁ ହେବାଯାଏ ତାର ଗୁହମୁତ ସଫା କରିଛି । ବର୍ଷ ବର୍ଷ ଧରି ତାକୁ ଲଙ୍ଗଳା କରି ଗାଧେଇ ଦେଇଛି । ଆଉ ଆଜି ତା'କୁ ଗୋଟେ କଥା ପଚାରିବାକୁ କୁଣ୍ଠିତ ହେଉଛି !'

ଗତଥର ତା' ଚାକିରୀ ଚାଲିଯାଇଥିଲା । ଏମିତି ଗୁମ୍‌ସୁମ୍ ଅନେକ ଦିନ ପର୍ଯ୍ୟନ୍ତ ରହିଥିଲା । ଇରାଠାରୁ, ଯିବାଆସିବା ସାଙ୍ଗ ସାଥିଠାରୁ ଜଣା ପଡ଼ିଲା କି ଉପର ଅଫିସର ସହ ଝଗଡ଼ା କରି ଉଚ୍ଚବେତନର ଚାକିରୀକୁ ଗୋଇଠା ମାରି ଆସିଥିଲା । କେତେ କଷ୍ଟ ପାଇଥିଲା । ସେ କଣ ହେଲା ଯେ ଏମିତି । ତାକୁ ଚାକିରୀ ଛାଡ଼ିବାକୁ ପଡ଼ିଲା ! ଉପର ଅଫିସର ସହ ତାର ବସାଉଠା ଭଲ ସଂପର୍କ ଥିଲା, ଏମିତି ତ ସାଙ୍ଗ ପରି ଦୁଇ ଜଣଙ୍କ ସଂପର୍କ ଥିଲା । ଇରା ସେତେବେଳେ କହିଥିଲା, ମାଆ ଆପଣ ଜାଣି ନାହାଁନ୍ତି ଆପଣଙ୍କ ପୁଅକୁ । କିଛି ବନ୍ଧୁତା ସଂପର୍କ ନଥିଲା ତାଙ୍କର ସେ ଅଫିସରଙ୍କ ସହ । ଇଏ କାମ କରିବା ଲୋକ, ସେ ୟାଙ୍କୁ ଭଲ ପାଉଥିଲେ । ମାତ୍ର ଏତିକି ସଂପର୍କ, ଆଜିକାଲି ସେ ଭାବୁଥିଲା ସବୁକାମ ୟାଙ୍କରି ଠାରୁ ହାସଲ କରିବ । ସବୁ ସର୍ତ୍ତ ଲଗେଇ କାମ କରେଇଲେ । ୟେ ବି କୋଉ କମ୍ ସିଧା ଡେଣା କାଟି ଚାଲି ଆସିଲେ । ଆପଣଙ୍କ ପୁଅ କାହାର କଥା ସହି ପାରିବେନି । ସିଏ ଭାବୁଥିଲା ତାଙ୍କ ବିନା ଆପଣଙ୍କ ପୁଅର ଘର ଚଳିବନି । ହେଲେ କାମ କଣ ଅଭାବ । ନା ଆପଣଙ୍କ ପୁଅ ଅଯୋଗ୍ୟ । ମା' ଆପଣ ଖାଲି ତୁଚ୍ଛାଟାରେ ବ୍ୟସ୍ତ ହେଉଛନ୍ତି । ତାଙ୍କର କଣ ଚାକିରି ଯାଇଛି ବୋଲି ଗୁମ୍‌ସୁମ୍ ଅଛନ୍ତି ନା ମନ ଦୁଃଖ କରୁଛନ୍ତି । ଇଏତ ନିଜ ଅପମାନ ପାଇଁ କାନ୍ଦ କାନ୍ଦ ରହୁଛନ୍ତି, ଅଜ୍ଜୁ ସ୍ୱାର୍ଥୀ କୋଉଠି କାର ।'

ହେ ଭାଗବାନ ଏ ଉଦଣ୍ଡୀ ଝିଅ, ଏତିକି କଳିହୁଡ଼ି; ଏ ପର୍ଯ୍ୟନ୍ତ ଅଜ୍ଜୁ କେମିତି ୟା ସହ ଚଳୁଛି ।

ସେ ଦିନର ସଂପର୍କ ସତରେ ତାଙ୍କର ମଗଜରେ ପଶୁନଥିଲା । ଦୀର୍ଘ ପାଂଚସାତ ବର୍ଷ ହେଲାଣି ତାଙ୍କ ଘରକୁ ଏ ଝିଅ ଇରା ଯିବା ଆସିବା କରୁଛି । କେତେବେଳେ ଅଜୟ ସହିତ ଆସେ ତ କେତେବେଳେ ଏକା ଆସେ । କେବେ କେବେ ଅଜୟର ଅନେକ ସାଙ୍ଗମାନଙ୍କ ସହ ମିଶିକି ବି ଆସେ । ଏତେ ବଡ଼ ସହରରେ ଏକୁଟିଆ ରହୁଥିଲା । ନା ମାଆ ନା ବାପା, ନା କେହି ଭାଇଭଉଣୀ । ନିଜର ଅଲଗା ଫ୍ଲାଟ କିଣି ରହୁଥିଲା । ଅଜୟ (ଅଜ୍ଜୁ) କେତେ କେତେ ଦିନ ଘରକୁ ନ ଆସି କୁଆଡ଼େ ଯାଉଥିଲା । ଫୋନ ନମ୍ବର ସେ ଇରାକୁ ଦେଇ ଯାଉଥିଲା । କହିବାକୁ ଲାଜ ବି ଆଉ ଲାଗୁନି । ଗୋଟିଏ ଛାତ ତଳେ ଦୁହେଁ ଦିନରାତି ବିତଉ ଥିଲେ । ବାହାରେ ସମସ୍ତଙ୍କୁ ଦୁହେଁ ବନ୍ଧୁ ବୋଲି ଜଣାଉଥିଲେ । ବାହାଘର ଫାଘର କଣ ? ଏବେ ତ ଦୁହେଁ ଦୁହିଁଙ୍କୁ ଜାଣିବାର ସମୟ । ଦୁହେଁ ଦୁହିଁଙ୍କୁ ବ୍ୟବହାର କରିବା କଥା ।

ଏ ବନ୍ଧୁତା ଓ ବ୍ୟବହାର କଣ କେଜାଣି । ସାରା ଜୀବନ ସରିବାକୁ ବସିଲାଣି ଜଣାନାହିଁ । ଗାଁ ଦାଣ୍ଡରେ ଖପରା ଖେଳୁ ଖେଳୁ ବାହାଘର ହୋଇ ଯାଇଥିଲା । ଗୋଟେ ଅଜଣା ଲୋକ ସହ ବାହା କରି ଘରୁ ବିଦା କରିଦିଆଗଲା । ଏବେ ସିଏ ଯେମିତି ବି ରଖୁ । ଭଲ ହେଉ କି ଖରାପ, ସେ ପତି ପରମେଶ୍ୱର । ବିଧବା ହେବା ପର୍ଯ୍ୟନ୍ତ ଏମିତି ମାନି ଆସିଛି ତାଙ୍କୁ । ପ୍ରତି ବର୍ଷ ତାଙ୍କ ଦୀର୍ଘାୟୁ କାମନା କରି କେତେ ଓଷାବ୍ରତ କରି ଆସିଛି, ଗୋଟିଏ ପରେ ଗୋଟିଏ ସାତଟା ଛୁଆ ଜନ୍ମ କରିଛି । ଅଜୟ, ଅଜ୍ଜୁ ଶେଷ ସନ୍ତାନ ତାଙ୍କର । ପୁରୁଷଙ୍କ ଇଚ୍ଛା ଓ ଆଦେଶରେ ଦେହ ସମର୍ପଣ କରିବାକୁ ସ୍ତ୍ରୀ ମନରେ କୌଣସି କୁଣ୍ଠିତ ଭାବନା ଆସିବା ଉଚିତ କି ନାହିଁ ଏ ପର୍ଯ୍ୟନ୍ତ ଜାଣି ପାରିଲିନି । ଛୁଆଙ୍କୁ ପାଳିବା ଓ ତାଙ୍କ ଘରର ରକ୍ଷଣାବେକ୍ଷଣା କରିବା ସେବା ଥିଲା ନା ଦାୟିତ୍ୱ ତାଙ୍କୁ କେବେ ଜଣା ନଥିଲା । ନା ସେ ଅନୁଭବ କରିପାରିଲେ ।

ଏବେ ଏ ଇରା ଓ ଅଜୟ ?

କେଉଁଠୁ ଆଣୁଛନ୍ତି ଏତେ କଥା । କେଉଁ କଥାକୁ ନେଇ ଏତେ ଝଗଡ଼ା କରୁଛନ୍ତି ? ପାଗଳ ପରି ଲଢୁଛନ୍ତି । କେଉଁ ଉଦାସୀ ଓ ନିଃଶଙ୍କତାର କାହାଣୀ ଲେଖୁ ଲେଖୁ ପୃଷ୍ଠା ପରେ ପୃଷ୍ଠା ଭରି ଦେଉଛି । ଆଉ ଏ ଭରା, ବଙ୍କାତେଢ଼ା ଆପାଦ ମସ୍ତକହୀନ ଏତେ ଯେଉଁ ଆଧୁନିକ ଚିତ୍ର ଆଙ୍କୁଛି... ।

କଥାରେ ଅଛି ନାରୀ ମନର ସୂକ୍ଷ୍ମତମ ଭାବନାକୁ ଚିତ୍ରିତ କରିପାରେ କାନଭାସ୍‌ରେ ।

ଥରେ ନେଇଯାଇଥିଲା କେଉଁ ପ୍ରଦର୍ଶନୀରେ ଦେଖାଇବା ପାଇଁ । ବଡ଼ ହଲରେ, ପୁରା ବଡ଼ବଡ଼ କାନଭାସରେ ଚିତ୍ରପଟ କାନ୍ଥସାରା ଟଙ୍ଗା ହୋଇଥାଏ । ଅଗଣିତ ରୂପରେ ନାରୀ । ଉଡ଼ାଣ ଭରିବାକୁ ଅତୁର ଅଥଚ ଡେଣାକଟା ନାରୀ, ଦୁର୍ଗାଙ୍କ ପରି ନିଡ଼ର ନାରୀ, କାଳୀଙ୍କ ପରି ନିଷ୍ଠୁର ନାରୀ, କଠୋର ସଂହାରକ ନାରୀମାନେ । କେବଳ ନାରୀ ହିଁ ନାରୀ ।

ନାରୀ କଣ ଆଜିର ଯୁଗରେ ଏତେ ମହତ୍ତ୍ୱପୂର୍ଣ୍ଣ ହୋଇଯାଇଛି ?

'ଆପଣ ବୁଝିପାରିବେନି ମା', ଆପଣଙ୍କ ଯୁଗରେ ସେବିକାର ବାସ୍ନା ସୁଙ୍ଘାଇ ଚେତାଶୂନ୍ୟ କରି ରଖିଥିଲେ ପୁରୁଷମାନେ । ତାଙ୍କ ହକ୍‌ରେ, ଅଧିକାରରେ ନାରୀର ତନୁମନକୁ ଆୟତ୍ତ କରି ରଖିଥିଲେ । ନାରୀମାନଙ୍କର କଣ ଥିଲା ? ତଥାପି ଅତି ସହଜରେ ସଂସାର ଚାଲୁଥିଲା । କଣ ସହଜରେ ସଂସାର ଚାଲୁଥିଲା ? ଯେତେ ଅତୃପ୍ତ, ଅସନ୍ତୁଷ୍ଟ ଇଚ୍ଛାଧାରୀମାନେ ବ୍ୟାକୁଳ ମନକୁ ଆୟତ୍ତରେ ରଖିପାରୁନଥିଲେ । ଏ ଯେଉଁ ପ୍ରତିଦିନ ଶାଶୁ ବୋହୂଙ୍କ ଝଗଡ଼ା, ବାଡ଼ାପିଟା, ଜଳେଇବା ପ୍ରକାଶ ପାଉଛି, ସେ ସବୁ କଣ କି ? ଯୁଗ ଯୁଗରୁ ଚାପି ରଖିଥିବା କ୍ରୋଧ । ଯାହା ସ୍ୱାମୀ କିଣି ଇଚ୍ଛା ପୂରଣ ନ କରିଛନ୍ତି ପୁଅ ମାନଙ୍କଠାରୁ ମାଆମାନେ ଆଶା କରୁଛନ୍ତି । ତାର ପରିଣାମ ଭୋଗୁଛନ୍ତି ।

'ଯାହେଉ ତୁମ ପିଢ଼ି ତ ସୁଖୀ ଭାଗ୍ୟଶାଳୀ ଯାହା ମନ ତାହା କରିବ ।'

ଆମ ପିଢି ? ସ୍ୱାଧିନ ? ଅନେକ ପିଢି ପରେ ବି ବଦଳିବ ନାହିଁ ଆମ ଦେଶର ନାରୀ ମାନଙ୍କ ଭାଗ୍ୟ । ବୁଝିଲେ ମାଆ, ଆମେ କି ସ୍ୱାଧୀନତା ପାଇଛୁ ? ଖାଲି ଦେଖେଇ ହେବା କଥା । ଯେ ପର୍ଯ୍ୟନ୍ତ ପୁରୁଷ ତାଙ୍କ ବ୍ୟବହାର ବଦଳାଇ ନାହାଁନ୍ତି । ବ୍ୟଙ୍ଗାତ୍ମକ ହସ ହସି ଆଗକୁ ହାତ ବଢ଼ାଇ ସାହାରା ଦେଇ କହିଲା, ଆସନ୍ତୁ, ଏଇ ଚିତ୍ରଟା ଦେଖନ୍ତୁ । ଅହଲ୍ୟାର ଅର୍ଥ ବୁଝୁଛନ୍ତି ଆପଣ ? ଯାହାର ତନୁର କ୍ଷୁଧା ଓ ମନର କ୍ଷୁଧାକୁ ଉପେକ୍ଷା କରାଯାଇଥିଲା । ପଥର ପାଲଟି ଯାଇଥିଲା । କେଉଁ ମର୍ଯ୍ୟାଦା ପୁରୁଷ, ପୁରୁଷୋତ୍ତମଙ୍କ ସ୍ପର୍ଶ ପାଇଁ ଯୁଗ ଯୁଗରୁ ଅପେକ୍ଷା କରି ବସିଥିଲା ।'

ଆଦର୍ଶ ପୁରୁଷ ?

ପୁରୁଷ କହିଲେ ସେ ତ ମାତ୍ର ଜଣଙ୍କୁ ଜାଣିଥିଲା । ଗୋଟିଏ ମାତ୍ର ପୁରୁଷ ପତି ରୂପରେ । ସେ ଆଦର୍ଶ ଥିଲେ ବି 'ନାହିଁ ମନରେ ଭାବି ନାହାଁନ୍ତି । ସିଏ ପୁରୁଷ ଥିଲେ ଆଉ ଇଏ ନାରୀ । ତନୁ ମନର କ୍ଷୁଧା କଣ ? ତାଙ୍କ ମନ କଥା କିଏ କଣ କେବେ ଜାଣିବାକୁ ଚେଷ୍ଟା କରିଥିଲା ? ନା କୌଣସି ମତାମତ କି ବିଚାର ତାଙ୍କଠାରୁ ଗ୍ରହଣ କରାଯାଇ ପାରେ ବୋଲି ଯୋଗ୍ୟ ଭାବୁଥିଲେ ? ଆଉ ଦେହର କ୍ଷୁଧା ? ଅନ୍ଧକାରରେ ପତି ରୂପକ ପୁରୁଷ ଆସି ନିଜର କ୍ଷୁଧା ମେଂଟାଇ, ତାଙ୍କ ଅଧିକାର ସାବ୍ୟସ୍ତ କରି ଚାଲି ଯାଉଥିଲା । ଦେହର ସୁଖର ଅଧିକାର ନାରୀମାନଙ୍କର ଥାଏ ବୋଲି ତ ସ୍ୱପ୍ନରେ ବି ଭାବି ନଥିଲି । ହଁ ଅସ୍ତିତ୍ୱର ଭାବନା ତ ଆସୁଥିଲା । ହଁ ଦାଦା ପୁଅ ଭାଇ, ଅଜ୍ଜୁ ବାପାଙ୍କଠାରୁ ଦୁଇବର୍ଷ ସାନ । ଗୋଦାମ ଚାବି ଦେଲା ବେଳେ ବା ଲସିଗ୍ଲାସ ହାତକୁ ବଢ଼େଇ ଦେଲା ବେଳେ ହାତକୁ, ନିଶ୍ଚୟ ଛୁଇଁ ଦେଉଥିଲା । ଦେହ ଶିତେଇ ଯାଏ । ଭୟ ହୁଏ । ଛି ଛି, ପତି ଛଡ଼ା କୌଣସି ପୁରୁଷର ଭାବନା ସ୍ୱପ୍ନରେ ବି ଆସିଲେ ପାପ । (କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

# ଆନ୍ଧ୍ରପ୍ରଦେଶରେ ଅନେକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୨/୧୧ : (ହି.ସ.) ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଠାରେ ୧୦,୫୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି । ପ୍ରଧାନମନ୍ତ୍ରୀ କିପରି ବିପ୍ଳବୀ ଭିରତୁ ଆଲୁରୁ ସୀତାରାମରାଜୁଙ୍କ ୧୨୫ତମ ଜନ୍ମ ଜୟନ୍ତୀରେ ଆନ୍ଧ୍ର ପ୍ରଦେଶ ଆସିବାର ସୁଯୋଗ ପାଇଥିବାରୁ ତାହାର ସ୍ମରଣ କରି ତାଙ୍କ ଉଦବୋଧନ ଆରମ୍ଭ କରିଥିଲେ । ବାଣିଜ୍ୟ ଓ ବ୍ୟବସାୟର ସମୃଦ୍ଧ ପରମ୍ପରା ନେଇ ବିଶାଖାପାଟଣା ଏକ ସ୍ୱତନ୍ତ୍ର ନଗରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ପ୍ରାଚୀନ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ବନ୍ଦର ଭାବେ ଏହାର ବାଣିଜ୍ୟ ପଥ ପଶ୍ଚିମ ଏସିଆ ଓ ରୋମ ପର୍ଯ୍ୟନ୍ତ ହଜାର ହଜାର ବର୍ଷ ପୂର୍ବରୁ ରହିଥିଲା ଓ ଏବେ ମଧ୍ୟ ଆଜିକାଲିର ଭାରତୀୟ ବାଣିଜ୍ୟ ଯାତ୍ରାର କେନ୍ଦ୍ରବିନ୍ଦୁ ରହିଛି । ୧୦,୫୦୦ କୋଟି ଟଙ୍କାର ଯେଉଁସବୁ ଶିଳାନ୍ୟାସ ଓ ଉଦଘାଟନ ହେଉଛି ଏହା ଭିତିଭୂମି ବିକାଶ, ସହଜ ଜୀବନଧାରା ଆତ୍ମନିର୍ଭର ଭାରତକୁ ଏକ ନୂତନ ଗତି ଦେବା ସହ ବିଶାଖାପାଟଣା ଓ ଆନ୍ଧ୍ର ପ୍ରଦେଶବାସୀଙ୍କ ଆଶା ଆକାଂକ୍ଷା ପୂରଣର ମାଧ୍ୟମ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ପ୍ରଧାନମନ୍ତ୍ରୀ ପୂର୍ବତନ ଉପରାଷ୍ଟ୍ରପତି ଶ୍ରୀ ଏମ. ଭେଙ୍କେୟା ନାଇଡୁଙ୍କ ନାମ ସ୍ୱତନ୍ତ୍ର ଭାବେ ଉଠାଇ ତାଙ୍କର ଆନ୍ଧ୍ର ପ୍ରଦେଶ ପ୍ରତି ସ୍ନେହ ଓ ଉତ୍ସର୍ଗୀକୃତ ମନୋଭାବର ପଟ୍ଟାନ୍ତର ନାହିଁ ବୋଲି କହିଥିଲେ । ସେ ଶିକ୍ଷା ହେଉ ବା ଔଦ୍ୟୋଗିକତା, ପ୍ରଯୁକ୍ତି କିମ୍ବା ମେଡିକାଲ ପେଶା, ଆନ୍ଧ୍ର ପ୍ରଦେଶର ଜନସାଧାରଣ ପ୍ରତ୍ୟେକ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସେ ପୁଣି କହିଥିଲେ ଯେ ଏ ସ୍ୱୀକୃତି କେବଳ ବୃତିଗତ ଯୋଗୁ ନୁହେଁ, ଏହା ଆନ୍ଧ୍ର ପ୍ରଦେଶବାସୀଙ୍କ ଖୁସିବାସିଆ ମନୋବୃତି ଯୋଗୁ ହୋଇଛି । ଯେଉଁ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ବା ଲୋକାର୍ପଣ ହୋଇଛି ସେଥିନେଇ ପ୍ରଧାନମନ୍ତ୍ରୀ ଆନଂଦ ପ୍ରକଟ କରିବା ସହ ଏହା ରାଜ୍ୟର ବିକାଶକୁ ଆଗକୁ ବଢ଼ାଇବ ବୋଲି କହିଥିଲେ । ଏହି 'ଅମୃତ କାଳରେ' ପ୍ରଧାନମନ୍ତ୍ରୀ କହିଥିଲେ ଯେ "ଏକ ବିକଶିତ ଭାରତ ପାଇଁ ଦେଶ ଦ୍ରୁତ ଗତିରେ ବିକାଶ ପଥରେ ଅଗ୍ରସର ହେଉଛି ।" ବିକାଶର ପଥ ବହୁ ଆକାରଯୁକ୍ତ ହୋଇଥିବାରୁ ଏହା ସାଧାରଣ ନାଗରିକଙ୍କ ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ଆଗୁଅ ଭିତିଭୂମିର ଏକ ରୋଡମ୍ୟାପ ମଧ୍ୟ ପ୍ରଦାନ କରିଥାଏ ବୋଲି ଶ୍ରୀ ମୋଦୀ କହିଥିଲେ । ସେ ସରକାରଙ୍କ ସାମଗ୍ରିକ ଅଭିବୃଦ୍ଧି ଦୃଷ୍ଟିଭଙ୍ଗୀ ରହିଛି ବୋଲି କହିଥିଲେ । ପୂର୍ବତନ ସରକାରଙ୍କ ଭିତିଭୂମି କ୍ଷେତ୍ରରେ ଖାପଛଡ଼ା ପଦକ୍ଷେପର ସେ ସମାଲୋଚନା କରିବା ସହ ରଣନୀତିକ ବାବଦ ଖର୍ଚ୍ଚ ବୃଦ୍ଧି ପାଇଛି ଓ ଯୋଗାଣ ବ୍ୟବସ୍ଥା ମଧ୍ୟ ବ୍ୟାହତ ହୋଇଛି ବୋଲି କହିଥିଲେ । ସରକାର ଭିତିଭୂମି ବିକାଶ କ୍ଷେତ୍ରରେ ଏକ ନୂତନ ଦୃଷ୍ଟିଭଙ୍ଗୀ ଦେଇଛନ୍ତି । କାରଣ ଯୋଗାଣ ବ୍ୟବସ୍ଥା ଓ ରଣନୀତି ବହୁମୁଖୀ ସଂଯୋଗୀକରଣ ମଡେଲ ଦ୍ୱାରା ବିକାଶକୁ ସମନ୍ୱିତ ଢଙ୍ଗରେ ଦେଖିଥାଏ । ଆଜିର ପ୍ରକଳ୍ପର ସମନ୍ୱିତ ବିକାଶର ଏକ ଦୃଷ୍ଟାନ୍ତ ଦେଇ ପ୍ରଧାନମନ୍ତ୍ରୀ ପ୍ରସ୍ତାବିତ ଆର୍ଥିକ କରିଡରର ଛଅ ଲେନଯୁକ୍ତ ରାସ୍ତା, ବନ୍ଦର ସଂଯୋଗୀକରଣ ପାଇଁ ପୃଥକ ରାସ୍ତା, ବିଶାଖାପାଟଣା ରେଳ ଷ୍ଟେସନରେ ସୌନ୍ଦର୍ଯ୍ୟକରଣ ଓ ଅତ୍ୟାଧୁନିକ ମାଛଧରା ବନ୍ଦର ବିଷୟରେ କହିଥିଲେ । ଏହି ସମନ୍ୱିତ ବିକାଶ ଶ୍ରେୟ ପିଏମ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନକୁ ଯାଉଥିବା ବେଳେ ଏହା କେବଳ ଭିତିଭୂମି ନିର୍ମାଣ ଗତିକୁ ତ୍ୱରାନ୍ୱିତ କରେ ନାହିଁ, ବରଂ ପ୍ରକଳ୍ପ ବାବଦ ଖର୍ଚ୍ଚ ହ୍ରାସ କରିଛି ବୋଲି ସେ କହିଥିଲେ । "ମଲ୍ଟି ମଡେଲ ପରିବହନ ବ୍ୟବସ୍ଥା ପ୍ରତ୍ୟେକ ସହରର ଭବିଷ୍ୟତ ଓ ବିଶାଖାପାଟଣା ଏ ଦିଗରେ ପଦକ୍ଷେପ ନେଇଛି" ବୋଲି ସେ କହିଥିଲେ । ନୂତନ ଗତି ଓ ଶକ୍ତି ସହ ଆନ୍ଧ୍ର ପ୍ରଦେଶ ଓ ଏହାର ଉପକୂଳ ଅଂଚଳ ବିକାଶ ପଥରେ ଆଗେଇ ଚାଲିବ ।

ପ୍ରଧାନମନ୍ତ୍ରୀ ବୈଶ୍ୱିକ ଜଳବାୟୁ ସମସ୍ୟା କଥା କହି ଶକ୍ତି ଆବଶ୍ୟକତାରେ ଯୋଗାଣ ବ୍ୟବସ୍ଥାର ବାଧାବିଘ୍ନ ଉପରେ ଆଲୋକପାତ କରିଥିଲେ । ତେବେ ଭାରତ ଏହି କଠିନ ସମୟରେ ମଧ୍ୟ ବିକାଶର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ବୋଲି କହିଥିଲେ । ବିଶ୍ୱ ଏହାକୁ ସ୍ୱୀକୃତି ଦେଇଛି ଓ ବିଶେଷଜ୍ଞମାନେ ଭାରତର ସଫଳତାକୁ ପ୍ରଶଂସା କରୁଛନ୍ତି । "ସମଗ୍ର ପୃଥିବୀ ନିମନ୍ତେ ଭାରତ ଆଶାର କେନ୍ଦ୍ରବିନ୍ଦୁ ପାଲଟିଛି" ବୋଲି ସେ କହିଥିଲେ । ଏହା ସମ୍ଭବ ହେଉଛି କାରଣ "ଏହାର ନାଗରିକମାନଙ୍କ ଆଶା ଆକାଂକ୍ଷାକୁ ଆଖି ଆଗରେ ରଖି କାର୍ଯ୍ୟ କରୁଛି । ପ୍ରତ୍ୟେକ ନୀତି ଓ ନିଷ୍ପତି ସାଧାରଣ ନାଗରିକଙ୍କ ଜୀବନ ଗଢ଼ିବା ପାଇଁ ଉଦ୍ଦିଷ୍ଟ ।" ଭାରତରେ ପୁଞ୍ଜିନିବେଶ ବୃଦ୍ଧି ପାଇଁ ପିଏଲଆଇ ଯୋଜନା, ଆଇବିସି ଓ ଜାତୀୟ ଭିତିଭୂମି କାରଣଗୁଡ଼ିକ ମୁଖ୍ୟ ବୋଲି ସେ କହିଥିଲେ । ଏଥିସହ ଗରିବ କଲ୍ୟାଣ ନିମନ୍ତେ ଯୋଜନାମାନ ମଧ୍ୟ ସମ୍ପ୍ରସାରିତ ହେଉଛି । "ଆଗରୁ ଅଣଦେଖା ଭାବେ ରହିଯାଇଥିବା ଅଂଚଳଗୁଡ଼ିକ ନିମନ୍ତେ ଆଜି ଏହି ବିକାଶ ଯାତ୍ରାରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଏପରିକି ସବୁଠାରୁ ଅନଗ୍ରସର ଜିଲ୍ଲାଗୁଡ଼ିକରେ ମଧ୍ୟ ଆକାଂକ୍ଷିତ ଜିଲ୍ଲା କାର୍ଯ୍ୟକ୍ରମ ଜରିଆରେ ବିକାଶ ଯୋଜନାମାନ କାର୍ଯ୍ୟକାରୀ ହେଉଛି" ବୋଲି ସେ କହିଥିଲେ । ଗତ ଅଢ଼େଇ ବର୍ଷ ଧରି ଲୋକାମାନଙ୍କୁ ମାଗଣା ରାସନ, ପ୍ରତି କୃଷକ ବ୍ୟାଙ୍କ ଖାତାକୁ ବାର୍ଷିକ ଛଅ ହଜାର ଲେଖାଏଁ ଟଙ୍କା ଏବଂ ଡ୍ରୋନ ସୁଗମତା ଓ ଷ୍ଟାର୍ଟଅପ ସମ୍ପର୍କୀୟ ସୁବିଧା ବିଷୟରେ ପ୍ରଧାନମନ୍ତ୍ରୀ ସୂଚାଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମହାମହିମଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ...

କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଅର୍ଜୁନ ମୁଣ୍ଡା । କହିଛନ୍ତି, ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ବସିଥିବା ଜଣେ ଆଦିବାସୀ ମହିଳାଙ୍କ ସମ୍ପର୍କରେ ଏଭଳି ଟିପ୍ପଣୀ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଆଘାତ ଦେଇଛି । ଏଭଳି ଟିପ୍ପଣୀ ଦେଇ ଗିରି ଦେଶର ରାଜନୀତିକୁ ପ୍ରଦୂଷିତ କରିଛନ୍ତି । ବିବାଦ ବଢୁଥିବାବେଳେ ସଫେଇ ରଖିଛନ୍ତି ଅଖିଳ ଗିରି । କହିଛନ୍ତି, ସେ ରାଷ୍ଟ୍ରପତିଙ୍କ ଆସନକୁ ସମ୍ମାନ ଦିଅନ୍ତି । ତାଙ୍କ କଥା ଯଦି ରାଷ୍ଟ୍ରପତିଙ୍କୁ ଆଘାତ ଦେଇଥାଏ, ସେଥିପାଇଁ ସେ ଅନୁତପ୍ତ ପଶ୍ଚିମବଙ୍ଗ ସରକାରରେ ମନ୍ତ୍ରୀ ଥିବା ଅଖିଳ ଗିରି ଏକ ଜନସଭାକୁ ସମ୍ବୋଧିତ କରିବାବେଳେ ରାଷ୍ଟ୍ରପତିଙ୍କ ରୂପ ଓ ରଂଗକୁ ନେଇ ଅପମାନଜନକ ମନ୍ତବ୍ୟ ଦେଇଥିଲେ । କଟାକ୍ଷ କରି କହିଥିଲେ, ରାଷ୍ଟ୍ରପତିଙ୍କ ଚେୟାରକୁ ସମ୍ମାନ କରୁଛୁ, କିନ୍ତୁ ରାଷ୍ଟ୍ରପତି ଦେଖିବାକୁ କେମିତିକା । ଏହି ଭିଡିଓ ସାମ୍ନାକୁ ଆସିବା ପରେ ଟିଏମସି ଏବଂ ମମତା ବାନାର୍ଜୀଙ୍କ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

### ବଜାରରେ କାହିଁକି ମିଳୁନି ...

ଆରବିଆଇ ରିପୋର୍ଟକୁ ଆଧାର କରି ବଜାରରେ ୨ ହଜାର ଟଙ୍କା ନମିଳିବା ନେଇ ଏକ ରିପୋର୍ଟ ଦେଇଛି । ଯେତେବେଳେ ୨ହଜାର ଟଙ୍କା ନୋଟ ବଜାରକୁ ଆସିଥିଲା ଏହାକୁ ନେଇ ଯେତିକି ଉତ୍ସାହ ଦେଖିବାକୁ ମିଳିଥିଲ ଲୋକମାନଙ୍କୁ ଅଳ୍ପବହୁତ ହଇରାଣ ହେବାକୁ ପଡିଛି । ଖୁଚରା ପଇସା ପାଇଁ ବିଶେଷ କରି ଲୋକଙ୍କୁ କେବେ କେମିତି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି । କିନ୍ତୁ ବଜାର ଚାହିଦାକୁ ଦୃଷ୍ଟିରେ ରଖି ବେଶୀ ଦିନ ଧରି ଏହି ନୋଟର ଚଳିପାରିନି । ଆଗକୁ ଏହାକୁ ନେଇ ସରକାର ବା ଆରବିଆଇ କଣ ନିଷ୍ପତି ରହୁଛି ଜଣାପଡିବ ।

## ବିଶ୍ୱ ମଧୁମେହ ଦିବସ ପାଳନ : ଜିଲ୍ଲା ସଂସ୍କୃତି ଭବନରେ ହେବ ପରୀକ୍ଷା ଶିବିର ଓ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୧୨/୧୧ (ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜିଲ୍ଲା ମିଶନ୍ ନିର୍ଦ୍ଦେଶକଙ୍କ ଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ସାରା ବିଶ୍ୱରେ ବିଶ୍ୱ ମଧୁମେହ ଦିବସ ଭାବେ ପାଳନ କରାଯାଇ ଆସୁଥିବା ବେଳେ ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ପାଳନ କରାଯାଇଥାଏ । ଚଳିତ ବର୍ଷ ମଧ୍ୟ ଏହି ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି । ଉକ୍ରମଣି ଫାଉଣ୍ଡେସନ୍ ଟ୍ରଷ୍ଟ, ଲାୟନ୍ସ କ୍ଲବ ଭଦ୍ରକ ଏବଂ ସାଳନ୍ଦୀ ବିକାଶ ମଞ୍ଚ ସହ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ନଭେମ୍ବର ୧୪ ତାରିଖ ସୋମବାର ଦିନ ଜିଲ୍ଲା ସଂସ୍କୃତି ଭବନରେ ଦିବସ ଭରି ଏହି ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମଧୁମେହ ସାଙ୍ଗରେ ଜୀବନ ଜୀଇଁଥିବା ରୋଗୀ ତଥା ସାଧାରଣ ଜନତା ସଚେତନତା ଓ ମଧୁମେହ ରୋଗ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ସହ ରୋଗ ପରୀକ୍ଷା ଶିବିର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ । ଏଥିପାଇଁ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରୋଗ ଚିହ୍ନଟ ଶିବିର ଓ ଅପରାହ୍ନ ୩.୩୦ରେ ସଚେତନତା ଧର୍ମୀ ସାଧାରଣ ସଭା ଅନୁଷ୍ଠିତ ହେବ । ଯେଉଁ ହିତାଧିକାରୀମାନେ ଏହି ଶିବିର ର ସୁଯୋଗ ନେବାକୁ ଚାହୁଁଛନ୍ତି ସେମାନଙ୍କର ସ୍ୱାସ୍ଥ୍ୟ ଆଇଡ଼ି ତିଆରି କରିବା ପାଇଁ ଆଧାରକାର୍ଡ଼ ସାଙ୍ଗରେ ନେଇ ଆସିବାକୁ କୁହାଯାଇଛି ।

## ନିଖିଳ ଉତ୍କଳ ବାରିକ ସମିତିର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୧୨/୧୧ (ନି.ପ୍ର): ଆଜି ଭୁବନେଶ୍ୱରସ୍ଥିତ ରୋଟାରୀ ଭବନଠାରେ ନିଖିଳ ଉତ୍କଳ ବାରିକ ସମିତିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କର୍ମକର୍ତାମାନେ ଏକାଠି ହୋଇ ଆଗାମୀ କାର୍ଯ୍ୟକ୍ରମ ପ୍ରସ୍ତୁତି ପାଇଁ ଆଲୋଚନା କରୁଥିଲେ । ଆସନ୍ତା ଡିସେମ୍ବର ୨୦ ତାରିଖରେ ସଂଘ ତାର ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ମୁଖ୍ୟ ଅତିଥି ଭାବେ ମହାମହିମ ରାଜ୍ୟପାଳ ଯୋଗଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଥିବାରୁ ଏହି ଉତ୍ସବକୁ ଗରିମାମୟ କରିବା ସହ ହଜାର ହଜାର ସଂଖ୍ୟାର ବାରିକ ଭାଇମାନେ ଏହି ଉତ୍ସବକୁ ଆସି ସାଫଲ୍ୟ ମଣ୍ଡିତ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି ବୋଲି କହିଛନ୍ତି ଅଲ୍ ଓଡ଼ିଶା ବାରିକ ସମିତିର ସାଧାରଣ ସମ୍ପାଦକ କୁଳମଣି ବାରିକ । ସେହିଭଳି ଓଡ଼ିଶାରେ ଆମ ଜାତିର ୨୭ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଅଛନ୍ତି, ଆମ ସମାଜର ଅର୍ଥନୈତିକ, ସାମାଜିକ ଓ ଶିକ୍ଷାର ଉନ୍ନତି ପାଇଁ ଆମେ କାମ କରିଆସୁଅଛୁ ଓ ଆଗାମୀ ଦିନରେ ସମସ୍ତେ ଏକାଠି ହୋଇ ପୁରୀ ଟାଉନ୍ ହଲ୍‌ରେ ପ୍ରତିଷ୍ଠା ଦିବସ ପାଳନ କରିବୁ ସ୍ୱଜାତି ମୁଖପତ୍ର ଉନ୍ମୋଚନ କରାଯିବ ବୋଲି କହିଛନ୍ତି ସାଧାରଣ ସମ୍ପାଦକ କୁଳମଣି ବାରିକ । ସେହିପରି ଆମ ପ୍ରତିଷ୍ଠା ଦିବସ ପାଳନ ପାଇଁ କଟକ ମେୟର ଶ୍ରୀ ସୁବାଷ ସିଂହ ଅତିଥି ଭାବରେ ଯୋଗଦେବାର ଅଛି । ପୁରୀର ଜାଡମଠା ଠାରେ ଆମ ମୁଖ୍ୟ କାର୍ଯ୍ୟାଳୟ ଥିବାରୁ ଆମେ ପୁରୀରେ ପ୍ରତିଷ୍ଠା ଦିବସ ପାଳନ କରିବା ପାଇଁ ନିଷ୍ପତି ନେଇଛୁ ଏବଂ ଏହି ଉପଲକ୍ଷେ ୧ଲକ୍ଷ ଦୀପ ପ୍ରଜ୍ୱଳନ କରିବୁ ବୋଲି କହିଛନ୍ତି ସଂଘର ସମ୍ପାଦକ ଶ୍ରୀ ଶମ୍ଭୁପାଣି ପରିଚ୍ଛା । ବାରିକ ସମିତିର ନୂତନ କର୍ମକର୍ତା ମଧ୍ୟ ସେହି ପ୍ରତିଷ୍ଠା ଦିବସ ଦିନ କରାଯିବ ।

## ଆମ ଗାଁ ସାହିତ୍ୟ ପରିଷଦର ସାହିତ୍ୟ ଆସର

କେନ୍ଦ୍ରାପଡ଼ା, ୧୨/୧୧ (ନି.ପ୍ର):– କେନ୍ଦ୍ରାପଡ଼ାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଗାଁ ସାହିତ୍ୟ ପରିଷଦ ତରଫରୁ ଏକ ସାହିତ୍ୟ ସଭା ଓ କବିତା ପାଠ ଉତ୍ସବ ବାଲିଯାତ୍ରାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ନାଟ୍ୟକାର ସଂଜୟ କୁମାର ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ସ୍ତମ୍ଭକାର ସର୍ବେଶ୍ୱର ସେଣ ମୁଖ୍ୟ ଅତିଥି ଭାବେ, ପ୍ରଫେସର ଶ୍ରୀଧର ସାମଲ ମୁଖ୍ୟବକ୍ତା, ଗବେଷକ ଜଗଦାନନ୍ଦ ଜେନା ସମ୍ମାନିତ ଅତିଥି ଭାବେ, ବାସ୍ତୁ ବିଜ୍ଞାନୀ ନାରାୟଣ ଚନ୍ଦ୍ର ପତି ପ୍ରମୁଖ ଯୋଗଦେଇ ଆମ ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟ, କାଳଜୟୀ ବୋଲି ମନ୍ତବ୍ୟକ୍ତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହ ସଂପାଦକ ଅଶୋକ କୁମାର ସାହୁ ଅତିଥି ପରିଚୟପତ୍ର ପ୍ରଦାନ କରିଥିବାବେଳେ ସଂପାଦକ ଶ୍ରୀ ସ୍ୱପ୍ନାଂଶୁ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମେଜର ଭରତ ଚନ୍ଦ୍ର ଜେନା ଓ ଶିକ୍ଷାବିତ୍ ଇଶ୍ୱର ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କବିତା ଆସରରରେ କବି ଅଜୟ କୁମାର ପାତ୍ର, ଗୀତାଞ୍ଜଳୀ ସାହୁ, ପ୍ରେମାନନ୍ଦ ଜେନା, ଶ୍ରୀଧର ଭୋଳ ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ କବି ନିକୁଞ୍ଜ ବିହାରୀ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଲୋଚନା ପରେ ଧାରଣାରୁ ଉଠିଲେ ଯୁବକ

କେନ୍ଦ୍ରାପଡ଼ା, ୧୨/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ତାଳଚୁଆ ସେବା ସମବାୟ ସମିତିରେ ମହମୁଖୀ କାର୍ଯ୍ୟ ବିରୋଧରେ ସେହି ଅଂଚଳର ଜଣେ ମତ୍ସ୍ୟ ଚାଷୀ ନାରାୟଣ ବର ୨ଦିନ ହେଲା ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ । ଜିଲ୍ଲା ମତ୍ସ୍ୟ ବିଭାଗ ତାଙ୍କ ମତ୍ସ୍ୟରଣ ମଞ୍ଜୁର କରି ତାଳଚୁଆ ସେବା ସମବାୟ ସମିତିକୁ ପଠାଇଥିଲେ ମଧ୍ୟ ସେବା ସମବାୟ ସମିତି ତାଙ୍କର ମନମୁଖୀ କାର୍ଯ୍ୟ ଯୋଗୁଁ ଏହି ମତ୍ସ୍ୟଚାଷୀଙ୍କୁ ଋଣ ନଦେବାରୁ ସେ ବହୁଥର ଜିଲ୍ଲା ପ୍ରଶାସନ ନିକଟରେ ଗୁହାରୀ କରିଥିଲେ । ଜିଲ୍ଲା ପ୍ରଶାସନ ଏ ବିଷୟରେ ଗୁରୁତ୍ୱ ନଦେବାରୁ ଶ୍ରୀ ବର ବାଧ ହୋଇ ଧାରଣାରେ ବସି ରହିଥିଲେ । ଖବର ପାଇ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ କେନ୍ଦ୍ରାପଡ଼ା ମଣ୍ଡଳ(ଏ.ଆର୍.ସି.ଏସ୍.) ସନ୍ତୋଷ କୁମାର ଦାଶଙ୍କ ନିର୍ଦ୍ଦେଶ କ୍ରମେ ସମବାୟ ନିରୀକ୍ଷକ ସଚ୍ଚିଦାନନ୍ଦ ଜେନା ଘଟଣା ସ୍ଥଳରେ ପହଂଚି ଧାରଣାକାରୀ ଯୁବକଙ୍କ ସହ ଆଲୋଚନା କରି ତାଙ୍କୁ ଖୁବ୍‌ଶୀଘ୍ର ଋଣ ପ୍ରଦାନ କରାଯିବାର ପ୍ରତିଶୃତି ଦେବାପରେ ସେ ଧାରଣା ଭାଙ୍ଗିଥିଲେ ।

## ସହୀଦନଗରରେ ପୁରୁଣା ମେଡିକାଲ ଘର ଭାଙ୍ଗିବାକୁ ନେଇ ଉତେଜନା

ଭଦ୍ରକ, ୧୨/୧୧ (ନି.ପ୍ର): ଏହି ଜିଲାର ଧାମନଗର ବ୍ଲକ୍‌ସ୍ଥିତ କଟସାହି ପଂଚାୟତର ସହୀଦନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଣା ଘର ଭାଙ୍ଗିବାକୁ ନେଇ ଆଜି ମୃଦ୍ୟୁ ଉତେଜନା ଓ ବିବାଦୀୟ ପରିସ୍ଥିତି ଦେଖାଦେଇଛି । ଏହି ଘଟଣାକୁ କେନ୍ଦ୍ରକରି ସହୀଦନଗରରେ ଦୁଇଗୋଷ୍ଠୀ ମୁହାଁମୁହିଁ ହେବା ଏବଂ ଉତେଜନା ପ୍ରକାଶ ପାଇବା ଭଳି ଘଟଣା ଦେଖିବାକୁ ମିଳିଛି । ତେବେ ଧୁଷୁରୀ ପୁଲିସ୍ ହସ୍ତକ୍ଷେପ ପରେ ମାମଲା ଶାନ୍ତ ପଡିଥିଲା । ପ୍ରକାଶ ଥାଉକି କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଧାମନଗର ବ୍ଲକ୍‌ର ସହୀଦନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ର ଗୃହ ନିର୍ମାଣ ପାଇଁ ୫୫ ଲକ୍ଷ ୮ ହଜାର ଟଙ୍କା ମଂଜୁର ହୋଇଛି । ଧାମନଗର ପଂଚାୟତ ସମିତି ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ନିମନ୍ତେ ଟେଣ୍ଡର ସରିଥିବାବେଳେ ବିପଦ ସଂକୁଳ ଘୋଷିତ ହୋଇଥିବା ପୁରୁଣା ଡାକ୍ତରଖାନା ଘରଭାଙ୍ଗି ସେଠାରେ ନୂତନ ଗୃହ କରିବାକୁ ଆଜି ସକାଳେ କାମ ଆରମ୍ଭ ହୋଇଥିଲା । ଏହାକୁ ନେଇ ବିବାଦ ଉପୁଜିଥିଲା । ସ୍ଥାନୀୟ କେତେକ ବ୍ୟକ୍ତି ମେଡିକାଲ ନିକଟରେ ପହ୍‌ କାହିଁକି କୌଣସି ଆଲୋଚନା କରାନଯାଇ ପୁରୁଣା ବିଲ୍‌ଡିଂ ଭଙ୍ଗାଯାଉଛି ବୋଲି ପ୍ରତିବାଦ କରି କାମ ବନ୍ଦ କରିବାକୁ ଅଡି ବସିଥିଲେ । ଏହି ଘଟଣାକୁ ନେଇ ଉତେଜନା ମୂଳକ ସ୍ଥିତି ଦେଖା ଦେଇଥିଲା । ଦୁଇଗୋଷ୍ଠୀ ଏକ ପ୍ରକାର ମୁହାମୁହିଁ ହୋଇଯିବାରୁ ଘର ଭାଙ୍ଗିବା କାମ ବନ୍ଦ ରହିଥିଲା । ଖବର ପାଇ ଧୁଷୁରୀ ଥାନା ପୁଲିସ୍ ଘଟଣାସ୍ଥଳରେ ପହ୍‌ ଉଭୟପକ୍ଷଙ୍କ ସହିତ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ତେବେ ବିନା ସୂଚନା ଫଳକ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାନଯାଇ ଏପରି ବୃହ ର କାର୍ଯ୍ୟକୁ ମନମୁଖୀ କରାଯିବା ଠିକ୍ ନୁହେଁ ବୋଲି ପୂର୍ବତନ ସରପ ଗୟାଧର ନାୟକ ପ୍ରକାଶ କରିଥିଲେ । ଅପରପକ୍ଷେ ପୁରୁଣା ଘରଭଙ୍ଗା ଯିବାପରେ ଜାଗାଟି ସମତୁଲ କରାଯିବା ପରେ ସମସ୍ତଙ୍କ ପରାମର୍ଶ କ୍ରମେ କାମ କରାଯିବ ଏବଂ ସମସ୍ତଙ୍କ ସହଯୋଗ ରହିବା ଦରକାରବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଥିଲେ ।

## କଂଗ୍ରେସ ନେତା ମାନେ କଲେ ତୃଣମୂଳ ମନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୧୨/୧୧ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ଦେବା ମାମଲାରେ କଂଗ୍ରେସ ତୃଣମୂଳ କଂଗ୍ରେସ ମନ୍ତ୍ରୀ ଅଖିଳ ଗିରିଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛି । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ପ୍ରତି ପଶ୍ଚିମବଙ୍ଗ ମନ୍ତ୍ରୀଙ୍କ ଅଶୋଭନୀୟ ମନ୍ତବ୍ୟ ଦେବା ରାଷ୍ଟ୍ରପତିଙ୍କୁ ଅପମାନ । ଏପରି କରି ସେ ସାରା ଦେଶକୁ ନିନ୍ଦିତ କରିଛନ୍ତି । ତେଣୁ ପଶ୍ଚିମବଙ୍ଗ ମନ୍ତ୍ରୀଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଏହି ମାମଲାରେ ମୁଖ୍ୟମନ୍ତ୍ରୀ କ୍ଷମା ପ୍ରାର୍ଥନା କରନ୍ତୁ । ରାଷ୍ଟ୍ରପତି ଜଣେ ଓଡ଼ିଆ ଝିଅ ଓ ଆଦିବାସୀ ମହିଳା । ଏଭଳି ଅଶୋଭନୀୟ ମନ୍ତବ୍ୟ ଦେଇ ଓଡ଼ିଶା ସ୍ୱାଭିମାନ ପ୍ରତି ଆଂଚ ଆଣିଛନ୍ତି । ସେହିପରି ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ ମଧ୍ୟ ଏଭଳି ବକ୍ତବ୍ୟକୁ କଡା ନିନ୍ଦା କରିଛନ୍ତି ।

## ବିଜେପି ନେତାଙ୍କ ଭୋଟ କିଣା ମନ୍ତବ୍ୟ ପଦ୍ମପୁରବାସୀଙ୍କ ପ୍ରତି ଘୋର ଅପମାନ: ବିଜେଡି

ଭୁବନେଶ୍ୱର, ୧୨/୧୧ (ନି.ପ୍ର): ୨୦୧୯ ନିର୍ବାଚନରେ ପଦ୍ମପୁରରେ ୧୦,୦୦୦ ଭୋଟ କିଣାଯାଇଥିବା ନେଇ ବିଜେପିର ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଯାହା କହିଛନ୍ତି ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଏବଂ ପଦ୍ମପୁରବାସୀଙ୍କ ପ୍ରତି ଘୋର ଅପମାନ ବୋଲି କହିଛନ୍ତି ବିଜେଡି ନେତା ରାଜୁ ଘିବେଲା । ଶ୍ରୀ ଘିବେଲା କହିଛନ୍ତି ଯେ ଗତବର୍ଷ ପଦ୍ମପୁରରେ ୧୦ ହଜାର ଭୋଟ୍ କିଣାଯାଇଥିବା ବୋଲି କହିବା ପଦ୍ମପୁରବାସୀଙ୍କ ପାଇଁ ଅପମାନ । କାରଣ ପଦ୍ମପୁରବାସୀ ବିକ୍ରି ହେବାର ଲୋକ ନୁହନ୍ତି । କାହାରି ପଇସାରେ ସେମାନେ ଭୋଟ ଦିଅନ୍ତି ନାହିଁ । ଯଦି ତାଙ୍କ ପାଖରେ ଏହାର କିଛି ପ୍ରମାଣ ଅଛି ତେବେ ଶ୍ରୀ ପୁରୋହିତ ତାହା ପ୍ରଦାନ କରନ୍ତୁ । ଏଠି ସ୍ୱାଭିମାନୀ ଲୋକେ ରୁହନ୍ତି । ଘୋଡାସମ୍ବର ମାଝିର ଲୋକେ କେବେ ବିକ୍ରି ହେବାର ଲୋକ ନୁହନ୍ତି । ପ୍ରଦୀପ ପୁରୋହିତ ଯେଭଳି ବିବୃତ୍ତି ଦେଉଛନ୍ତି ସେଥିରୁ ତାଙ୍କ ମୁଣ୍ଡ କାମ କରୁନଥିବା ଜଣାପଡୁଛି । ଶ୍ରୀ ପୁରୋହିତଙ୍କ ଏଭଳି ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଭାରତୀୟ ଜନତା ପାର୍ଟି ନୀତି ଆଦର୍ଶର ଦ୍ୱାହି ଦେଉଥିବା ଏକ କେନ୍ଦ୍ରୀୟ ଦଳ । ସେହି ଦଳର ପୂର୍ବତନ ବିଧାୟକ ଏଭଳି ମନ୍ତବ୍ୟ ଦେବା ପଦ୍ମପୁରବାସୀଙ୍କ ପ୍ରତି ଘୋର ଅପମାନ । ତାଙ୍କ ବିବୃତ୍ତିରୁ ଜଣାପଡୁଛି ଯେ ତାଙ୍କୁ ହାରିବାର ଭୟ ଘାରିଛି । ଏହା ଏକ ବିବୃତ୍ତି ନୁହେଁ କି ତାଙ୍କର କଥା ନୁହେଁ, ଏହା ଏକ ପାଗଳର ପ୍ରଳାପ ଭଳି ମନେ ହେଉଛି । ତେଣୁ ଏଭଳି ଅପମାନଜନକ ମନ୍ତବ୍ୟ ପାଇଁ ପଦ୍ମପୁରବାସୀ ତାଙ୍କୁ ଠିକଣା ଜବାବ ଦେବେ ବୋଲି ଶ୍ରୀ ଘିବେଲା କହିଛନ୍ତି ।

## ରାଷ୍ଟ୍ରପତିଙ୍କ ସମ୍ପର୍କରେ ଅଶାଳୀନ ବକ୍ତବ୍ୟ ଦେଇଥିବା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧୨/୧୧ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ଦେବା ମାମଲାରେ ମମତା ବାନାର୍ଜୀ ସରକାରରେ ମନ୍ତ୍ରୀ ଅଖିଳ ଗିରିଙ୍କ ଇସ୍ତଫା ଦାବି କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଦେଶର ପ୍ରଥମ ନାଗରିକ ଓ ଆଦିବାସୀ ସମାଜର ପ୍ରଥମ ରାଷ୍ଟ୍ରପତି ଓ ଜଣେ ମହିଳାଙ୍କ ଅପମାନ କରୁଥିବା ଏଭଳି ହାଲୁକା ବ୍ୟକ୍ତି ଯଦି ଆପଣଙ୍କ ମନ୍ତ୍ରିମଣ୍ଡଳରେ ରହନ୍ତି ତେବେ ଆପଣଙ୍କୁ (ମମତା ବାନାର୍ଜୀ)ଙ୍କୁ ଇସ୍ତଫା ଦେଇଦେବା ଉଚିତ । ଅଖିଳ ଗିରିଙ୍କ ମନ୍ତ୍ରୀପଦରେ ରହିବା ସମସ୍ତ ନାରୀ ଜାତି ଓ ସମ୍ପୂର୍ଣ୍ଣ ଦେଶର ଅପମାନ ।

## ୫୩ ନମ୍ବର ଜାତୀୟ ରାଜପଥରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୨ ଯୁବକ ମୃତ

ଭୁବନେଶ୍ୱର, ୧୨/୧୧ (ନି.ପ୍ର): - କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୨ ଯୁବକଙ୍କ ମୃତ୍ୟୁ ଘଟିଛି । କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ ଜୟଚନ୍ଦ୍ରପୁର ଛକ ନିକଟରେ ବିଳମ୍ବିତ ରାତିରେ ବାଇକ ଦୁର୍ଘଟଣା ଘଟି ୨ ଜଣ ଯୁବକ ମୃତ୍ୟୁବରଣ କରିଛନ୍ତି । ବିଳମ୍ବିତ ରାତିରେ ମୃତ ଯୁବକ ଦୁଇଜଣଙ୍କୁ ପୁଲିସ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଏମ୍ସ ଭୁବନେଶ୍ୱରରେ ତ୍ରିଦିବସୀୟ ତୃତୀୟ ଆଇଏପିଏସଏମ ଜାତୀୟ ଯୁବ ସମ୍ମିଳନୀ ଉଦଯାପିତ

ଭୁବନେଶ୍ୱର, ୧୨/୧୧ (ନି.ପ୍ର): ଏମ୍ସ ଭୁବନେଶ୍ୱରରେ ତ୍ରିଦିବସୀୟ ତୃତୀୟ ଆଇଏପିଏସଏମ ଜାତୀୟ ଯୁବ ସମ୍ମିଳନୀ ଉଦଯାପିତ ହୋଯାଇଛି । ଏମ୍ସ ଭୁବନେଶ୍ୱର କମ୍ୟୁନିଟି ମେଡିସିନ୍ ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ ପକ୍ଷରୁ ଚଳିତ ମାସ ୧୦ ରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ କାର୍ଯ୍ୟକ୍ରମ ଆଜି ସମାପ୍ତ ହୋଇଛି । ଏହି ବିଶେଷ ସମ୍ମିଳନୀରେ ଏମ୍ସ ନୂଆଦିଲ୍ଲୀ, ପିଜିଆଇଏମଇଆର ଚଣ୍ଡିଗଡ, ଜିପମର ପୁଡୁଚେରୀ, ଏମ୍ସ ପାଟନା, ଏମ୍ସ ରାୟପୁର, ଏମ୍ସ ଯୋଧପୁର, ଏମ୍ସ ଭୋପାଳ, ଏମ୍ସ କଲ୍ୟାଣୀ, ଏମ୍ସ ଗୋରଖପୁର, ଏମ୍ସ ବାଥିଣ୍ଡା, ଏମ୍ସ ବିବିନଗର, ଏମ୍ସ ମଙ୍ଗଳାଗିରି ଏବଂ ଏମଜିଆଇଏମଏସ ସେବାଗ୍ରାମ ଭଳି ଜାତୀୟ ପ୍ରତିଷ୍ଠାନର ବିଶେଷଜ୍ଞଙ୍କ ସମେତ ଦେଶର ବିଭିନ୍ନ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ପାଂଚଶହରୁ ଅଧିକ ଯୁବ ଚିକିତ୍ସକ ଅଂଶ୍ରହଣ କରିଥଲେ ।

ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ପ୍ରିଭେଣ୍ଟିଭ୍ ଆଣ୍ଡ ସୋସିଆଲ୍ ମେଡିସିନ୍ ସହିତ "ନିରନ୍ତର ସ୍ୱାସ୍ଥ୍ୟ ପାଇଁ ସମ୍ପ୍ରଦାୟର ଚିକିତ୍ସକ" ବିଷୟବସ୍ତୁକୁ ନେଇ ଏହି ସମ୍ମିଳନୀରେ ବ୍ୟାପକ ଆଲୋଚନା ହୋଇଥିଲା । ଏହି ମେଗା କାର୍ଯ୍ୟକ୍ରମକୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ଅଶୁତୋଷ ବିଶ୍ୱାସ, ପଦ୍ମଶ୍ରୀ ଡ. ଅଭୟ ବାଙ୍ଗ, ପଦ୍ମଶ୍ରୀ ଡ. ସି. ଏସ. ପାଣ୍ଡବ, ଡ. ହରିବଂଶ ଚୋପ୍ରା, ଡ. ସୁନୀଲା ଗର୍ଗ ଏବଂ ଡ. ପୁରଷୋତମ ଗିରି ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିବିଶଷ ଉଦ୍ଘାଟନ କରିଥିଲେ । ସମାଜର ତୃଣମୂଳ ସ୍ତରରେ ଗୁଣବତାସମ୍ପନ୍ନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ କମ୍ୟୁନିଟି ଚିକିତ୍ସକଙ୍କ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଡକ୍ଟର ବିଶ୍ୱାସ । ପ୍ରଫେସର (ଡ.) ସୋନୁ ହାଙ୍ଗମା ସୁବା, ସଂଗଠନର ଅଧ୍ୟକ୍ଷ, ଯୁବ ନେତାଙ୍କ ଦକ୍ଷତା ବୃଦ୍ଧି, ଏକାଡେମୀ ଏବଂ ଅନୁସନ୍ଧାନର ଦୃଢତା କ୍ଷେତ୍ରରେ ବୈଜ୍ଞାନିକ ଏକ୍ସପୋଜରର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ ।

## ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ଅଶାଳୀନ ବକ୍ତବ୍ୟ ଦେଇ ନିଜର ଚରିତ୍ରକୁ ସ୍ପଷ୍ଟ କରିଛନ୍ତି ମମତା ବାନାର୍ଜୀଙ୍କ ମନ୍ତ୍ରୀ : ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର, ୧୨/୧୧ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କରେ ଅତ୍ୟନ୍ତ ଅଶାଳୀନ ବକ୍ତବ୍ୟ ଦେବା ମାମଲାରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ କଡା ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ କରିଛନ୍ତି ମମତା ବାନାର୍ଜୀଙ୍କ ମନ୍ତ୍ରୀ ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ଅଶାଳୀନ ବକ୍ତବ୍ୟ ଦେଇ ନିଜର ଚରିତ୍ରକୁ ସ୍ପଷ୍ଟ କରିଛନ୍ତି । ସେମାନଙ୍କର ସଂସ୍କାର କିପରି ତାହା ଏହି ବକ୍ତବ୍ୟରୁ ସ୍ପଷ୍ଟ ହୋଇଯାଇଛି । ଏଭଳି ବ୍ୟକ୍ତିଙ୍କୁ ଗୋଟିଏ ହେଲେ ମହୁର୍ତ ପାଇଁ ମନ୍ତ୍ରୀ ପଦରେ ରହିବାର ତାଙ୍କର ଅଧିକାର ନାହିଁ । ତେଣୁ ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ ଆଶା କରିଛନ୍ତି । ସେ କହିଛନ୍ତି ଯେ ତାଙ୍କର ଏହି ବକ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ । ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଥିବା ବ୍ୟକ୍ତିଙ୍କ ବିଷୟରେ ଏଭଳି ମନ୍ତବ୍ୟ ଦେବା ଦ୍ୱାରା ସେ ଦେଶର ସମ୍ବିଧାନ ଓ ତାଙ୍କୁ ଭୋଟ ଦେଇ ଜିତାଇଥିବା ଲୋକ ମାନଙ୍କର ମଧ୍ୟ ଅପମାନ କରିଛନ୍ତି ।

## ରାଷ୍ଟ୍ରପତିଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟକୁ ନିନ୍ଦା କଲା ବିଜେଡି : ମନ୍ତ୍ରୀ ପଦରୁ ହଟାଇବା ପାଇଁ ଦାବି

ଭୁବନେଶ୍ୱର, ୧୨/୧୧ (ନି.ପ୍ର):– ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ଦେବା ମାମଲାରେ ବିଜୁ ଜନତା ଦଳ କଡା ପ୍ରତିକ୍ରିୟା ଦେଇଛି । ପାର୍ଟିର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ମୁନ୍ନା ଖାନ ଏହି ମନ୍ତବ୍ୟକୁ ନିନ୍ଦା କରିଛନ୍ତି । ସେ କହିଛନ୍ତି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କରେ ତୃଣମୂଳ କଂଗ୍ରେସର ମନ୍ତ୍ରୀ ଯେଉଁ ଆପତିଜନକ ବକ୍ତବ୍ୟ ଦେଇଛନ୍ତି ତାକୁ ବିଜେଡି ନିନ୍ଦା କରୁଛି । ଏଭଳି ବ୍ୟକ୍ତିଙ୍କୁ ମନ୍ତ୍ରି ମଣ୍ଡଳରେ ରହିବାକୁ ଦିଆଯିବା ଉଚିତ ନୁହେଁ । ସେ କହିଛନ୍ତି ଯେ ତାଙ୍କ ବିରୁଦ୍ଧରେ ଯାହା ଆବଶ୍ୟକ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ।

## ଓଡ଼ିଶା ସରକାର ଭିନ୍ନକ୍ଷମଙ୍କ ମାସିକ ଭତ୍ତା ୩ ହଜାର କରିବାକୁ ଦାବି

ଭଦ୍ରକ,୧୨/୧୧ (ନି.ପ୍ର): ଗୋଟିଏ ଗ୍ୟାସ୍ ସିଲିଣ୍ଡରର ଦାମ୍ ୧୦୯୫ ଟଙ୍କା ହୋଇଥିବାବେଳେ ଓଡ଼ିଶା ସରକାର ଗୋଟିଏ ଭିନ୍ନକ୍ଷମ ପରିବାରର ମାସିକ ଭରଣପୋଷଣ ପାଇଁ ମାତ୍ର ୫ ଶହ ଟଙ୍କା ଭ । ଆକାରରେ ଦେଇ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଂପର୍କରେ ଦମ୍ଭୋକ୍ତି ପ୍ରଦାନ କରିଛନ୍ତି। ଏକ ଅନୁଶୀଳନରୁ ଯାହା ଜଣାଯାଏ ଓଡ଼ିଶା ଦେଉଥିବା ପେନସନର ପରିମାଣ ଅନ୍ୟ ରାଜ୍ୟ ତୁଳନାରେ ସବୁଠାରୁ କମ୍। ଗତ ୨୦୨୦ ମସିହା ନଭେମ୍ବର ମାସ ୨୬ ତାରିଖରେ କେନ୍ଦ୍ରୀୟ ଭିନ୍ନକ୍ଷମ ଉପଦେଷ୍ଟା ପରିଷଦ ବୈଠକରେ ଏହି ବିଷୟରେ ଆଲୋଚନା ହୋଇଥିଲା। ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ଭାଗ ନେଇ ଅରୁଣାଚଳପ୍ରଦେଶ, ଛତିଶଗଡ, ସିକିମ ର ମନ୍ତ୍ରୀମାନେ ତାଙ୍କ ରାଜ୍ୟରେ ଭିନ୍ନକ୍ଷମ ଭ । ୨ ହଜାର ଟଙ୍କା ଦିଆଯାଉଥିବା କଥା କହିଥିଲେ। ସେହି ବୈଠକରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ଭ । ବଢାଇବା ସଂପର୍କରେ ଆଲୋଚନାରେ ଅଂଶଗ୍ରହଣ ନକରି ନୀରବ ରହିଥିଲେ। ତାଙ୍କର ଏହି ନିରବତା ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ମାନଙ୍କୁ ସାମାଜିକ ସୁରକ୍ଷା ଭ । ବର୍ଦ୍ଧିତ ପରିମାଣରେ ଯୋଗାଇ ଦେବା ସଂପର୍କରେ ରାଜ୍ୟ ସରକାରଙ୍କ ପାଇଁ ଏକ ଲଜ୍ଜାଜନକ ଓ ହାସ୍ୟାସ୍ପଦ ସ୍ଥିତି ସୃଷ୍ଟି କରିଥିଲା। ଯଥାଶୀଘ୍ର ଓଡ଼ିଶା ସରକାର ଭିନ୍ନକ୍ଷମ ଭ । ୫ ଶହ ଟଙ୍କାରୁ ୩ ହଜାର ଟଙ୍କା ମାସିକ ବୃଦ୍ଧି କରିବା ପାଇଁ ଓଡ଼ିଶା ବିକଳାଙ୍ଗ ମଂଚର ଅକ୍ଷୟ କୁମାର ସାହୁ, ମନୋରଂଜନ ତ୍ରିପାଠୀ, ଯଦୁମଣି ଦାସ, କୃପାସିନ୍ଧୁ ବେହେରା, ଶ୍ରୀଧର ପ୍ରସାଦ ଭୋଳ, ଅମୂଲ୍ୟ ମହାଳିକ, ଗଙ୍ଗାଧର ମାଇତି, ରାଧାପ୍ରସାଦ ଜେନା, ଚନ୍ଦ୍ରକାନ୍ତ ନାୟକ, ସବିତା ବରାଳ, କରୁଣାକର ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନମାନେ ଦାବି କରୁଛନ୍ତି। ଚଳିତମାସରେ ହେବାକୁ ଥିବା ଏକାଦଶ ବିଧାନସଭା ଅଧିବେଶନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏହି ବିଷୟରେ ଠୋସ୍ ନିଷ୍ପ ନେବାକୁ ଓଡ଼ିଶା ବିକଳାଙ୍ଗ ମଂଚ, ଉତ୍କଳ ଦୃଷ୍ଟିହୀନ ସଂଘ ସମେତ ବହୁ ସାମାଜିକ ସଂଗଠନ ଏହି ସଂପର୍କରେ ସ୍ୱତନ୍ତ୍ର ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପ୍ରେରଣ କରିଛନ୍ତି।

## 'ସିକିୟୋର୍' ଓ 'ସିସିଏକ୍ସ'ତରଫରୁ କୃଷକ ସଚେତନତା ଶିବିର ଅନୁଷ୍ଠିତ



ଉଦଳା,୧୨/୧୧ (ନି.ପ୍ର): ଅଧୁନା ଧାନଚାଷ ଦ୍ୱାରା ହେଉଥିବା ପରିବେଶ ପ୍ରଦୂଷଣରେ ରୋକ ଲଗାଇବା ଏକ ବଡ଼ ଆହ୍ୱାନ ହୋଇଯାଇଅଛି, ଯେଉଁଥି ପାଇଁ ସାରା ବିଶ୍ୱ ଚିନ୍ତା ପ୍ରକଟ କରୁଛନ୍ତି। ଏହି ଉପଲକ୍ଷେ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଅଛି। ଓଡ଼ିଶାର ଗ୍ରାମୀଣ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସିକିୟୋର୍' ଓ 'ସିସିଏକ୍ସ' (କୋର୍ କାର୍ବୋନ୍ ସଲ୍ୟୁସନ୍ ପ୍ରା.ଲି., ଭୁବନେଶ୍ୱର) ଦ୍ୱାରା କପ୍ତିପଦା, ଗୋପବନ୍ଧୁନଗର ଓ ଉଦଳା ବ୍ଲକ୍‌ର ଅଗ୍ରଣୀ କୃଷକମାନଙ୍କର ଏକ ସଚେତନତା ଶିବିର କପ୍ତିପଦା କୃଷି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରାକ୍ତନ କୃଷି ନିର୍ଦ୍ଦେଶକ ତଥା 'ସିସିଏକ୍ସ'ର ରାଜ୍ୟ ମୁଖ୍ୟ ଅପର୍ତ୍ତି ସେଠୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିବା ପରେ ଉପସ୍ଥିତ କୃଷକମାନଙ୍କୁ ଧାନଚାଷ ଦ୍ୱାରା କିଭଳି ଆମେ ପରିବେଶ ପ୍ରଦୂଷଣ କରୁଛି ସେ ବିଷୟରେ ଆଲୋଚନା କରିଥିଲେ। ବିଶେଷଭାବେ ଧାନକ୍ଷେତରେ ଅନାବଶ୍ୟକ ଅତ୍ୟଧିକ ଜଳ ଉପଯୋଗ ଦ୍ୱାରା ଅଙ୍ଗାରକାମ୍ଳ ଓ ମିଥେନ୍ ଭଳି ଗ୍ୟାସ୍ ବହୁଳତା ବୃଦ୍ଧି ହେଉଅଛି। ତେଣୁ ସ୍ୱଚ୍ଛ ଜଳ ବ୍ୟବହାର ଦ୍ୱାରା ଗୋଟିଏ ପଟେ ଜଳର ସଦୁପଯୋଗ ହେବା ସହିତ ଅଙ୍ଗାରକାମ୍ଳ ଊଣା କରିବାରେ ସହାୟକ ହୋଇପାରିବ ବୋଲି ବର୍ଣ୍ଣନା କରିଥିଲେ। 'ସିସିଏକ୍ସ'ର ପ୍ରୋଜେକ୍ଟ ଅଫିସର ସ୍ମୃତିରଞ୍ଜନ ସେଠୀ ଧାନଚାଷ ଦ୍ୱାରା କିଭଳି ପରିବେଶ ପ୍ରଦୂଷଣକୁ ନିମ୍ନଗାମୀ କରାଯାଇପାରିବ, ତାହାର ବିଭିନ୍ନ ଉପାୟମାନ କୃଷକମାନଙ୍କୁ ବୁଝାଇଥିଲେ। 'ମାଟିଫୁଲ'ର ସମ୍ପାଦକ ଗାନ୍ଧିକ ବସନ୍ତ କୁମାର ରାଉଳ ମୁଖ୍ୟଅତିଥିଭାବେ ଯୋଗଦାନ କରି ଧାନକ୍ଷେତରେ ତାଙ୍କର ପ୍ରତ୍ୟକ୍ଷ ଅନୁଭୂତି ବର୍ଣ୍ଣନା କରିବ ସହିତ ଜୈବିକ କୃଷି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କପ୍ତିପଦା ବ୍ଲକର ସହକାରୀ କୃଷି ଅଧିକାରିଣୀ ଅଙ୍କିତା ରୂପ୍ କୃଷକମାନଙ୍କ ବିଭିନ୍ନ ସମସ୍ୟା ବୁଝିବା ସହିତ ସେମାନଙ୍କୁ ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ। 'ସିକିୟୋର୍'ର ପ୍ରୋଜେକ୍ଟ କୋଅର୍ଡିନେଟର୍ ଗଣେଶ୍ୱର ଲେଙ୍କା ଓ ସମ୍ପାଦକ ଜୀବନକୃଷ୍ଣ ମହାପାତ୍ର ଏହି ସଚେତନତା କାର୍ଯ୍ୟକ୍ରମ ଦ୍ୱାରା କପ୍ତିପଦା ଉପଖଣ୍ଡର ଚାଷୀମାନେ ନୂତନ ଜ୍ଞାନକୌଶଳକୁ ଉପଯୋଗ କରି ନିଜେ ଉପକୃତ ହେବା ସହିତ ବୃହତ୍ତର ମାନବ ସମାଜର କଲ୍ୟାଣରେ ଭାଗୀଦାର ହୋଇପାରିବେ ବୋଲି ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଉପସଭାପତି ଗୌରଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏକାଉଣ୍ଟାଣ୍ଟ ପି.କେ.ଶଙ୍କରର୍ଷଣ ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସ୍ୱେଚ୍ଛାସେବୀ ଜଗନ୍ନାଥ ମହାନ୍ତି, ଅମିତ କୁମାର ନାୟକ ଓ ନିମାଇଁ ହରିଚନ୍ଦନ ଦାସ ପ୍ରମୁଖ ନିଷ୍ପାପର କାର୍ଯ୍ୟ କରିଥିଲେ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ମାତୃ ଉତ୍ସବ ଅନୁଷ୍ଠିତ

ନୀଳଗିରି,୧୨/୧୧ (ନି.ପ୍ର): ସ୍ଥାନୀୟ ବଉଳଗଡିଆ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଅନୁଷ୍ଠାନ ର ସମ୍ପାଦକ ଅଜୟ କୁମାର ସ ଙ୍କ ସଭାପତିତ୍ୱ ରେ ମାତୃ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ତଥା ସାନ୍ତରାଗଡିଆ ମହାବିଦ୍ୟାଳୟର ଅଧ୍ୟାପିକା ବାସନ୍ତୀ ନନ୍ଦ ଯୋଗ ଦେଇ ଦେଶ ଓ ଜାତି ଗଠଜ ଦିଗରେ ମାଆମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ସମ୍ପାଦକ ଯୋଗେନ୍ଦ୍ର ଦାଶ, ସମ୍ମାନିତ ଅତିଥି ଡାକ୍ତର ରାଜଶ୍ରୀ ବେହେରା ପ୍ରମୁଖ ଯୋଗ ଦେଇ ଶିଶୁ ଗଠନ ଦିଗରେ ମାଆ ମାନଙ୍କର ଆବଶ୍ୟକତା ବିଷୟରେ କହିଥିଲେ। ପ୍ରଧାନଆଚାର୍ଯ୍ୟ କଣ୍ଟୁରୀ ଚରଣ ରଣା ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ବରିଷ୍ଠ ଶିକ୍ଷକ ନରେନ୍ଦ୍ର କୁମାର ରାଉତ ଅତିଥି ପରିଚୟ ରଖିଥଲେ। ଏହି ଅବସରରେ ମାଆ ମାନଙ୍କ ଭିତରେ ଝୋଟି, ସାଧାରଣ ଜ୍ଞାନ, ପ୍ରବନ୍ଧ, ଶଙ୍ଖ ଧ୍ୱନି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ପ୍ରଥମେ ଭାରତମାତାଙ୍କ ପୂଜାର୍ଚ୍ଚନା ହୋଇ ସମର୍ପଣ ଦିବସ ଅନୁଷ୍ଠିତ ହୋଇ ମାଆ ମାନଙ୍କ ଦ୍ୱାରା ବିଭିନ୍ନ ଜିନିଷ ବିଦ୍ୟାଳୟ କୁ ଉପହାର ପ୍ରଦାନ କରାଯାଇଥିଲା ଶେଷରେ କୃତି ମାଆ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମର୍ଦ୍ଧିତ କରାଯାଇଥିଲା। ଶେଷରେ ଗୁରୁଜୀ ଈଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।

## ନୂଆ ସରପଞ୍ଚଙ୍କ ଭତ୍ତା ବଣ୍ଟନ: ଉପଭୋକ୍ତା ମାନେ ଭାରି ଖୁସି




ବସ୍ତା,୧୨।୧୧(ନି ପ୍ର) ବାଲେଶ୍ୱର ଜିଲ୍ଲାର ସଦରବ୍ଲକର ରସୁଲପୁର ଗ୍ରାମ ପଞ୍ଚାୟତ ସଭାଗୃହରେ ଆଜିଏକ ଭତ୍ତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଭାରତୀ ତରେଇ ସଭାପତିତ୍ୱରେ ଅନୁଷ୍ଠିତଉତ୍ସବରେ ମୁଖ୍ୟଅତିଥି ଭାବେ ୨୨ନଂ ଜୋନର ଜିଲ୍ଲାପରିଷଦ ସଞ୍ଜୟ ସେଠୀ ଉପସ୍ଥିତ ଥିବାବେଳେ। ସମିତି ସଭ୍ୟ ରାଜୀବ ଲୋଚନ ବେହେରା, ନାଏବସରପଞ୍ଚ ରମେଶ ଚନ୍ଦ୍ର ପାଣି, ଓ୍ୱାଡସଭ୍ୟ, ଆନନ୍ଦ କୁମାର ରାଉଳ, ଉପସ୍ଥିତରହି ଓଡିଶା ସରକାରଙ୍କ ଜନହୀତ ଯୋଜନାରେ ବିଧବା, ବିକଳାଙ୍ଗ ସ୍ୱାମିପରିତକ୍ତା ମାନଙ୍କୁ ପ୍ରଥମଥର ଭତ୍ତା ବଣ୍ଟନ କରିଥିଲେ ମୋଟ ୨୬ଜଣଙ୍କୁ ଆଜିପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବକୁ ବରିଷ୍ଠ ସମାଜ ସେବୀ ଅଙ୍କୁର ତରାଇ ସୁଚାରୁ ରୁପେ ତୁଲାଥିଲେ। ତେବେ ନୁଆକରି ଭତ୍ତା ପାଇଥିବା ହିତାଧିକାରୀ ଙ୍କମନରେ ବେଶ ଆନନ୍ଦ ଦେଖିବାକୁ ମିଳିଥିଲା।

## ୨ଦିନିଆ ଫୁଟବଲ ମ୍ୟାଚ ଉଦ୍‌ଯାପିତ : ଜେ.ଏମ.ବି.ସି. ଚମ୍ପିଆନ

ନୀଳଗିରି,୧୨/୧୧ (ନି.ପ୍ର): ନୀଳଗିରି ବ୍ଲକର ବଣଭୂଇଁ ଗ୍ରାମର ବିର୍ସାମୁଣ୍ଡା ୟୁଥ୍ କ୍ଲବ ଆନୁକୂଲ୍ୟରେ ୨ଦିନିଆ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ ଗୋଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍ ଟିଆକଟାର ରୟାଲ ଟାଇଗର ଓ ହାତୀମୁଣ୍ଡାର ଜେ.ଏମ.ବି.ସି. ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୧-୦ ଗୋଲରେ ଜେ.ଏମ.ବି.ସି. ଟିମ୍ ଚମ୍ପିଆନ ହୋଇଥିବା ବେଳେ ରନର୍ସଅପ୍ ରୟାଲ ଟାଇଗର ଟିମ୍ ବିଜୟ ହୋଇଛି। ବଣଭୂଇଁ ପଡ଼ିଆରେ ଅନୁଷ୍ଠିତ ଫୁଟବଲ ମ୍ୟାଚରର ଉଦ୍‌ଯାପନୀ ମ୍ୟାଚର ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲାପାଳ ତଥା ନୀଳଗିରି ମାଟିର ସୁପୁତ୍ର ସରୋଜ କୁମାର ସେଠୀ ଯୋଗ ଦେଇ ଆଜିର ଯୁବ ସମାଜର ପ୍ରତ୍ୟେକ ଯୁବକଙ୍କ ଠାରେ ଖେଳୁଆଡ଼ ମନବୃତି ରହିବା ଆବଶ୍ୟକ ବୋଲି ସୂଚନା ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅନ୍ତର୍ଯ୍ୟାମୀ ବାଗୁଡ଼ାଇ, ମନୋରଂଜନ ବେହେରା, ଅଂଜଳୀ ସେଠୀ, ହାତୀମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତୀମା ମଲ୍ଲିକ ମଂଚାସୀନ ଥିଲେ। ରତନ କୁମାର ସ୍ୱାଇଁ ଓ ତ୍ରିଲୋଚନ ସିଂ ଖେଳ ପରିଚ୍ଛଳନା କରିଥିଲେ। ମୁଖ୍ୟ ଅତିଥି ସରୋଜ କୁମାର ସେଠୀ ଉଭୟ ଦଳକୁ ପୁରସ୍କାର ରାଶି ପ୍ରଦାନ କରିଥିଲେ ଚମ୍ପିଆନ ଦଳକୁ ୨୦ହଜାର ଟଙ୍କା ଓ ରସନର୍ସଅପ ଟିମ୍‌କୁ ୧୫ହଜାର ଟଙ୍କା ପ୍ରଦାନ କରିଥିଲେ। ବ୍ଲକର ସଭାପତି ଦିଲ୍ଲୀପ କୁମାର ସିଂ, ସଂପାଦକ ଦୀପକ ଦେଉରୀ, ସଭ୍ୟ ଚନ୍ଦନ ଦେଉରୀ, ରମେଶ ଦେଉରୀ, ସାଗର ଦେଉରୀ ପ୍ରମୁଖ ସହଯୋଗ କରିଥିଲେ। ରତିକାନ୍ତ ବେହେରା ମଂଚ ପରିଚ୍ଛଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ।

## କବି ଲୋଚନ ବେହେରାଙ୍କ ଦୁଇଟି ପୁସ୍ତକ ଉନ୍ମୋଚନ




ବାଲେଶ୍ୱର,୧୨/୧୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ କବି ଲୋଚନ ବେହେରାଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ 'ଅକ୍ଷାଂଶ'ର ସଂପାଦକ ଡ. ହରିଶ୍ଚନ୍ଦ୍ର ବେହେରା ଆଲୋଚକ ଭାବରେ ଯୋଗଦେଇ କବି ବେହେରାଙ୍କ କବିତା ଗ୍ରନ୍ଥ 'ବିବିଧ କବିତା' ସଂପର୍କରେ ଆଲୋଚନା କରି କବିଙ୍କ ସୁନ୍ଦର ରଚନା ଶୈଳୀ ଏବଂ ଛନ୍ଦୋବଦ୍ଧ କବିତାଗୁଡ଼ିକ ପାଠକଙ୍କୁ ଆକର୍ଷିତ କରିଥାଏ ବୋଲି ମତ ପୋଷଣ କରିଥିଲେ। ଅନ୍ୟତମ ବକ୍ତା ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା କବିଙ୍କର ସୃଷ୍ଟି ସଂପର୍କରେ ବିଭିନ୍ନ ଲେଖକଙ୍କର ସ୍ୱତନ୍ତ୍ର ଆକଳନ ସମ୍ବଳିତ ପୁସ୍ତକ 'ସୃଷ୍ଟି ଓ ଦୃଷ୍ଟି' ସଂପର୍କରେ ଆଲୋଚନା କରି କହିଲେ ଯେ କବି ବେହେରା ଜଣେ ନିରହଂକାର ସାରସ୍ୱତ ବ୍ୟକ୍ତିତ୍ୱ। ସେ ଅବସର ଜୀବନରେ ଅବିରତ କଲମ ଚାଳନା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଚାଲିଛନ୍ତି। ତାଙ୍କରି ଉଦ୍ୟମରେ ପିତାମାତା ସାହିତ୍ୟ ସଂସଦ ଓ ପାଠାଗାର ପ୍ରତିଷ୍ଠା କରାଯାଇଛି। କବି ଲୋଚନ ବେହେରା ଲେଖକୀୟ ଅଭିବ୍ୟକ୍ତି ରଖିଥିବାବେଳେ ପିତାମାତା ସାହିତ୍ୟ ସଂସଦର ସଂପାଦକ ମୁକ୍ତିକାନ୍ତ ମିଶ୍ର, ଉପସଭାପତି ଭାଗୀରଥି ବେହେରା, ସଂଗଠନ ସଂପାଦକ ନାରାୟଣ ପ୍ରଧାନ, ସଦସ୍ୟ ଦେବକାନ୍ତ ବେହେରା, ଉତ୍ତମ ନାୟକ ଓ ଖଗପତି ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରିଷଦର କୋଷାଧ୍ୟକ୍ଷ ତପନ ରାୟ ମଞ୍ଚଆହ୍ୱାନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍ ବକ୍ତବ୍ୟ ରଖିଥିଲେ। ଯୁଗ୍ମସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, କଲ୍ୟାଣୀ ନନ୍ଦ, ରାଜେଶ ଗିରି, ରବି ନାରାୟଣ ଲେଙ୍କା, ଡ. ସନ୍ତୋଷ ନାୟକ, ଡ. ଭାଗବତ ପ୍ରସାଦ ଦାସ, ଡ. ସୁକାନ୍ତ ଗିରି, ଅରୁଣା ରାୟ, ରାମକୃଷ୍ଣ ପତି, ତାପସ ରଞ୍ଜନ ନାୟକ, ବାସୁଦେବ ପରିଡ଼ା, କମଳାକାନ୍ତ ଦାଶ, ଜଗବନ୍ଧୁ ପଟ୍ଟନାୟକ, ଶରତ ମହାପାତ୍ର, ରମାକାନ୍ତ ମହାନ୍ତି, ନାରାୟଣ ପ୍ରଧାନ, ସୁକାନ୍ତ ନାୟକ, ଅଞ୍ଜଳି ପଟ୍ଟନାୟକ, ଉର୍ମିଳା ନାୟକ, ଜ୍ୟୋତିଶଙ୍କର ମିଶ୍ର, ପଦ୍ମଲୋଚନ ଦତ୍ତ, ଦୀପକ ଦାସ, ରଜନୀକାନ୍ତ ବେହେରା, ପ୍ରଦୀପ ମିଶ୍ର, ସଂଗୀତା ବାରିକ, ଦେବଯାନୀ ଦାସ, କୃଷ୍ଣା ପ୍ରଧାନ, ଶାନ୍ତିଲତା ପଣ୍ଡା, ପ୍ରଭାକର ସାହୁ, ସୁବ୍ରତା ମହାନ୍ତି ପ୍ରମୁଖ ବହୁ ସାହିତ୍ୟିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ନିୟୁରାଜସ୍ଥାନ କଟନ ଫେବର ହସ୍ତତନ୍ତ ଉଦ୍‌ଘାଟନ



ବାଲେଶ୍ୱର,୧୨/୧୧ (ନି.ପ୍ର): ହସ୍ତତନ୍ତ, ହସ୍ତଶିଳ୍ପ ବିକ୍ରୟ ଓ ପ୍ରଦର୍ଶନୀ ୨୦୨୨ ଆଇଟିଆଇ ପଡିଆରେ ଉଦ୍ଘାଟିତ ହୋଇଯାଇଛି। ଏଥିରେ ରେବତୀର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ଉଦ୍ଘାଟକ ଭାବେ ଯୋଗ ଦେଇଥିବା ବେଳେ ଧ୍ୱନିପ୍ରତିଧ୍ୱନି ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ବହିଘର ମୁଖ୍ୟ କବି ଅଭୟ ଦାସ, ବରିଷ୍ଠ ସାମ୍ବାଦିକ ରତିକାନ୍ତ ପାତ୍ର, ସତ୍ୟଭାମା ଜେନା ଆୟୋଜକ ଡିମ୍ପି କୁମାର ଅଗ୍ରଓ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ରାଜ୍ୟରୁ ଶାଢ଼ୀ, ଖଦୀ ସାର୍ଟ, ବେଡସିଟ, ଜୋତା, ଫ୍ରକ୍, ଦୂପଟା ସୁଟ ଚୋଲି, ଡିନରସେଟ, ହାତତିଆରି ନାନା ଉପକରଣ ସହଜ ଓ ସୁବିଧାରେ ମିଳି ପାରିବ। ଏହା ପ୍ରତିଦିନ ସକାଳ ୧୧ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଡିସେମ୍ବର ୧୮ ପର୍ଯ୍ୟନ୍ତ ଚାଲିବ।

## ଜିଲ୍ଲାସ୍କୁଲର ଜୋନ ସ୍ତରୀୟ କଳାଉତ୍ସବ

ବାଲେଶ୍ୱର,୧୨/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାସ୍କୁଲରେ ଜୋନ ସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ଯୋଗ ଦେଇଥିଲା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ବିଷ୍ଣୁଚରଣ ସୁତାର ସଭାପତିତ୍ୱ କରିଥିଲେ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର ଏବଂ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ଦାସ ଉପସ୍ଥିତ ଥିଲେ। ଏହି ଉତ୍ସବରେ ୨୦ଟି ଇଭେଣ୍ଟ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏପରିକି ଅଂଶଗ୍ରହଣ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ଜିଲ୍ଲାପାଳ କରିଥିଲେ। ଏହି ଉତ୍ସବକୁ ନିରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ କୁମାର ପ୍ରଧାନ, ପ୍ରଭାତ କୁମାର ମହାରଣା, ଦୀପକ କୁମାର ନାଏକ ପ୍ରମୁଖ ପରିଚାଳନ କରିଥିଲେ।




## ବ୍ୟାସକବି ନଗର ବିକାଶ ପରିଷଦର ସଭାପତି ତଥା ଅବସରପ୍ରାପ୍ତ ପୋଲିସ୍ ଅଧିକାରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୧୨/୧୧ (ନି.ପ୍ର): ସହଦେବଖୁଣ୍ଟାସ୍ଥିତ ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ପରିଷଦର ପୂର୍ବତନ ସଭାପତି ତଥା ଅବସରପ୍ରାପ୍ତ ଡିଏସ୍‌ପି ସ୍ୱର୍ଗତ କୃଷ୍ଣଚନ୍ଦ୍ର ସିଂହଙ୍କ ଦେହାନ୍ତରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ବରିଷ୍ଠ ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଦିବଂଗତଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା ପରେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ସିଂହ ପୋଲିସ୍ ଚାକିରିରୁ ଅବସର ନେବାପରେ ବ୍ୟାସକବି ନଗରରେ ସ୍ଥାୟୀ ବାସିନ୍ଦାଭାବେ ସପରିବାର ବାସ କରୁଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପରିଷଦର ବହୁ କର୍ମକର୍ତ୍ତା ଓ ସଦସ୍ୟ ତାଙ୍କର ବହୁମୁଖୀ ସୁଗୁଣର ସ୍ମୃତିଚାରଣ କରି ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ସମବେଦନା ଜଣାଇଥିଲେ। ସେ ଜଣେ ଦକ୍ଷ ଓ ସଚ୍ଚୋଟ ପୋଲିସ୍ ଅଧିକାରୀ ଭାବେ ସୁନାମ ଅର୍ଜନ କରିଥିବାବେଳେ ସାମାଜିକ ଜୀବନରେ ଜଣେ ଅତ୍ୟନ୍ତ ନମ୍ର ଭଦ୍ର ଓ ପରୋପକାରୀ ବ୍ୟକ୍ତି ଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା। ସେ ଜୀବନ କାଳରେ ସମୟାନୁବର୍ତ୍ତିତାକୁ ଅଧିକ ଧ୍ୟାନ ଦେଇଆସିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ଚତୁର୍ଭୁଜ ଜେନା, ଅଖିଳ କୁମାର ଦାସ, ନରେନ୍ଦ୍ର କୁମାର ସ୍ୱାଇଁ, ସରସ୍ୱତୀ ପଣ୍ଡା, ଜିତେନ୍ଦ୍ର ଉପାଧ୍ୟାୟ, ରାଜକିଶୋର ଦାସ ଅଧିକାରୀ, ଇଂ. ପ୍ରତାପ ଚନ୍ଦ୍ର ନାୟକ, ରଂଜନ ବାଗ, ପ୍ରଭାତ ସାହୁ, ବେଣୁଧର ପଣ୍ଡା, ଇଂ. ଡମ୍ବରୁ ପ୍ରଧାନ, ରାଜକିଶୋର ରାଉତ, ଭଗବାନ ମହନୀ, ସୁବାସ ଚନ୍ଦ୍ର ନାୟକ, ଫିଉଚର ବାଲେଶ୍ୱରର ସଭାପତି ବିଜୟ ପାଣିଗ୍ରାହୀ ଓ ସଂପାଦକ ଦୁକୂଳ ଚନ୍ଦ୍ର ଘଡ଼ାଇ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ସିଂହଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ସିଂହଙ୍କ ବଡ଼ଝିଅ ରୀନା ମହାନ୍ତି ତାଙ୍କ ବାପାଙ୍କର ଏକ ପ୍ରିୟ ଭଜନ ଗାନ କରିଥିଲେ ଓ ପ୍ରସନ୍ନଜିତ୍ ଜାନା ଉପସ୍ଥିତମାନଙ୍କୁ କୃତଜ୍ଞତା ଜଣାଇଥିଲେ।

## 'ସମର୍ପି ଦେବାର ସୁଖ' ଉନ୍ମୋଚିତ



ବାରିପଦା,୧୨/୧୧ (ନି.ପ୍ର): ବରିଷ୍ଠ କବି ବୃନ୍ଦାବନ ଦାଶଙ୍କ ଲିଖିତ 'ସମର୍ପି ଦେବାର ସୁଖ' ଉନ୍ମୋଚିତ ହୋଇଯାଇଛି। ଆଡଭୋକେଟ ବରୁଣ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ସଭାରେ ଅଧ୍ୟାପକ ଡ. ସୁବଳ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ମୁନୀଶ୍ୱର ପଣ୍ଡିତ ନିରଞ୍ଜନ ଶାସ୍ତ୍ରୀଜୀ ମହାରାଜା ମୁଖ୍ୟବକ୍ତା, ଅଧ୍ୟାପକ ଜୀବନ କୁମାର ଗିରି ସମୀକ୍ଷକ ଭାବେ ଯୋଗଦେଇ କବିତା ପୁସ୍ତକଟିକୁ ଉନ୍ମୋଚନ କରିବା ସହ କବିଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ପୁସ୍ତକରେ ୧୦୮ଟି କବିତା ସ୍ଥାନିତ। ଅନ୍ୟମାନଙ୍କ ମଧ୍ୟରେ କବି ଡ. ନୀଳକଣ୍ଠ ମିଶ୍ର, ଉମା ଦାଶ, ସାହିତ୍ୟିକ ଧନେଶ୍ୱର ପଣ୍ଡା, ଡ.(ମେଜର) ରବୀନ୍ଦ୍ର ନାଥ ପରିଡା, ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶ୍ୟାମଳୀ ପଟ୍ଟନାୟକ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଦୀପ୍ତ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଉପସ୍ଥିତ ଥିଲେ।

## ଆମେ କଳାକାରର କର୍ମକର୍ତ୍ତା ଚୟନ ପର୍ବ



ଉଦଳା,୧୨/୧୧ (ନି.ପ୍ର): ପରଦୁଃଖରେ ଦୁଃଖି ହୋଇ ସମବେଦନା ଜଣାଇବା ଓ ସମସ୍ତଙ୍କ ମୁଖରେ ହସ ଫୁଟାଇବାର ସ୍ୱପ୍ନ ଦେଖି ଉଦଳା ସହରରେ ଗଢ଼ି ଉଠିଥିବା ସ୍ୱେଚ୍ଛାସେବୀ ସଂଗଠନ 'ଆମେ କଳାକାର'ର ନୂତନ କର୍ମକର୍ତ୍ତା ଚୟନ ପର୍ବ ଗତ ଅକ୍ଟୋବର ୩୦ ତାରିଖରେ ଅନୁଷ୍ଠିତ ହୋଇଯାଇଥିବା ବେଳେ, ଚଳିତ ନଭେମ୍ବର ୮ ତାରିଖ ଦିନ ନୂତନ କର୍ମକର୍ତ୍ତା ମାନେ ବିଧିବଦ୍ଧ ଭାବରେ ନିଜ ନିଜର ଦାୟିତ୍ୱ ଗ୍ରହଣ କରିଥିବାର ପୂର୍ବତନ ସଭାପତି କ୍ଷିରୋଦ ରଂଜନ ମହାନ୍ତି ଜଣାଇଛନ୍ତି। ବରିଷ୍ଠ ଉପଦେଷ୍ଟା ସୁରେଶ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଉକ୍ତ ଚୟନ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରସନ୍ନ କୁମାର ଦାସ ସଭାପତି ଭାବରେ, କୁବେର ରଣା ଉପସଭାପତି, ରବିନ୍ଦ୍ର କଟୁଆଳ ସାଧାରଣ ସମ୍ପାଦକ, ଡ଼ାକ୍ତର ଖଗେନ୍ଦ୍ର ସିଂହ ସମ୍ପାଦକ, ପ୍ରମୋଦ କୁମାର ଦାସ କୋଷାଧ୍ୟକ୍ଷ ଭାବରେ ସର୍ବସମ୍ମତି କ୍ରମେ ମନୋନିତ ହେଲେ। କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବରେ ଚକ୍ରଧର ମହାପାତ୍ର, କ୍ଷୀରୋଦ ରଂଜନ ମହାନ୍ତି, ରତ୍ନାକର ପ୍ରଧାନ, ମନୋଜ କମିଳା, ଆଲୋକ ମହାନ୍ତି, କୃଷ୍ଣ ଚୈତନ୍ୟ ସଦୁଆଳ, ଭଗବାନ ବେହେରା, ସତ୍ୟରଂଜନ ମହାନ୍ତି, ମୁନାସାହା, ସିତେନ ଦତ୍ତ, ମୁନା ଜେନା, ସୁକାନ୍ତ ଦେହୁରୀ, ଅମିତାଭ ମହାନ୍ତି ପ୍ରମୁଖ ମନୋନିତ ହେଲେ। ୨୦୨୨-୨୩ ମସିହା ପାଇଁ ଏହି କର୍ମକର୍ତ୍ତା ମାନେ ନିଜ ନିଜର ଦାୟିତ୍ୱ ତୁଲାଇବେ। ଏହା ଏକ ଶୃଙ୍ଖଳିତ ଅନୁଷ୍ଠାନ ହୋଇଥିବାରୁ ଏଠାରେ କେବେ ନିର୍ବାଚନ ହୁଏ ନାହିଁ। ସମସ୍ତଙ୍କ ସହମତିରେ କର୍ମକର୍ତ୍ତା ଚୟନ କରାଯାଇଥାଏ ବୋଲି ଉପଦେଷ୍ଟା ସୁରେଶ କୁମାର ଦାସ ଜଣାଇଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo